

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୮ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 MARCH 2024

Vol.No. 35 ■ No.85 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡିର ପ୍ରାର୍ଥୀ ତାଲିକା: ୭୧ ବିଧାନସଭା ଓ ୧୫ ଲୋକସଭା ପ୍ରାର୍ଥୀଙ୍କ ନାଁ ଘୋଷଣା

ଭୁବନେଶ୍ୱର, ୨୭/୩ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ବିଜେଡି ଆଜି ନିଜର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଦୀର୍ଘ ୧୫ଦିନ ପରେ ଭିଡିଓ ମାଧ୍ୟମରେ ଗଣମାଧ୍ୟମକୁ ଆସି ଉଭୟ ବିଧାନସଭା ଓ ଲୋକସଭା ଆସନ ପାଇଁ ନିଜର ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଦଳ ୭୧ ବିଧାନସଭା ଓ ୯ ଓ ଦ୍ୱିତୀୟ ପର୍ଯ୍ୟାୟରେ୬ ଲୋକସଭା ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଆଜି



ଘୋଷଣା ହୋଇଥିବା ବିଧାନସଭା ପ୍ରାର୍ଥୀ ତାଲିକାରେ ଦଳ ୯୦ ପ୍ରତିଶତ ପ୍ରାର୍ଥୀଙ୍କୁ ରିପିଟ୍ କରିଛି ଦଳ। ବିଜେପିର ବଢ଼ୁଥିବା ଲୋକପ୍ରିୟତା ଓ ଦଳୀୟ କନ୍ଦଳକୁ ଦେଖି ପ୍ରାର୍ଥୀ ତାଲିକାରେ ବିଜେଡି ବିଶେଷ ପରିବର୍ତ୍ତନ କରିବାକୁ ସାହାସ କରିପାରିନି । ନବୀନ ଯେଉଁ ୭୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି ସେଥିରେ ଗୁଣୁପୁର ବିଧାନସଭାରୁ ରଘୁନାଥ ଗମାଙ୍ଗ, ବିଷମ କଟକ-ଜଗନ୍ନାଥ ସାରକା, ରାୟଗଡ଼ାରୁ ଅନୁସୟା ମାଝୀ, ବରଗଡ଼ରୁ ଦେବେଶ ଆଚାର୍ଯ୍ୟ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ଭଟଲୀରୁ ସୁଶାନ୍ତ ସିଂ, ଜଲେଶ୍ୱରରୁ ଅଶ୍ୱିନୀ ପାତ୍ର, ବସ୍ତାରୁ ସୁବାସିନୀ ଜେନା, ଭଣ୍ଡାରୀପୋଖରୀରୁ ସଞ୍ଜିବ ମଲ୍ଲିକ, ଚାନ୍ଦବାଲିରୁ ବ୍ୟୋମକେଶ ରାୟ, ଭଦ୍ରକରୁ ପ୍ରଫୁଲ୍ଲ ସାମଲ, ବାସୁଦେବପୁରରୁ ବିଷ୍ଣୁବ୍ରତ ରାଉତ, ଧାମନଗରରୁ ସଞ୍ଜୟ ଦାସ, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ଧର୍ମଶାଳାରୁ

▶▶ପୃଷ୍ଠା ୭

## ସାନପୁଅଙ୍କୁ ନେଇ ସୁରଙ୍କ କ୍ଷୋଭ: ଆତ୍ମାକୁ ବାଧୁଛି: କଂଗ୍ରେସରୁ ସବୁ ପଦରୁ ଇସ୍ତଫା ଦେଲି

ଭୁବନେଶ୍ୱର, ୨୭/୩ (ନି.ପ୍ର): ସବୁପ୍ରକାରର ଚେଷ୍ଟା କଲି, ମାସାଧିକ କାଳ ବୁଝାଇଲି । ହେଲେ ମୋ' ସାନପୁଅ କିଛି ଶୁଣିଲା ନାହିଁ । ବିଜେଡିରେ ମିଶିବ ବୋଲି ଜିଦ୍ ଧରିଲା ଓ ଆଜି ବିଜେଡିରେ ମିଶିଲା । ତେଣୁ ଏହା ମୋତେ ମର୍ମାହତ କରିଛି । ମୋର ନୈତିକ ସାମର୍ଥ୍ୟ ହରାଇ ବସିଛି । ମୋ' ଆତ୍ମାକୁ ବାଧୁଛି । ପୁଅ ମନ୍ମଥ ବିଜେଡିରେ ମିଶିଥିବାରୁ ନୈତିକତା ଦୃଷ୍ଟିରୁ ଆଜି କଂଗ୍ରେସର ସମସ୍ତ ପଦରୁ ଇସ୍ତଫା ଦେଇଛି ।" ଆଜି ଏଭଳି କିଛି କ୍ଷୋଭର ସହ କହିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ରାଉତରାୟ



କହିଛନ୍ତି ଯେ, ସେ ମରିବା ପର୍ଯ୍ୟନ୍ତ କଂଗ୍ରେସରେ ରହିବେ । କଂଗ୍ରେସ ଛାଡ଼ି କୁଆଡ଼େ ଯିବାର ନାହିଁ । ଗତ ୬୦ବର୍ଷ ଧରି ସେ କଂଗ୍ରେସରେ ଅଛନ୍ତି । କଂଗ୍ରେସ ତାଙ୍କୁ ୬ଥର ବିଧାୟକ ଓ ମନ୍ତ୍ରୀ କରିଛି । ମୋ କଥା ନଶୁଣି ମୋ ସାନପୁଅ ବିଜେଡିରେ ମିଶିଲା । ଯାହାକି ମୋ ଆତ୍ମାକୁ ବାଧୁଛି ।

▶▶ପୃଷ୍ଠା ୭

## ଜଙ୍ଗଲରୁ ଗଞ୍ଜେଇ ଜବତ: ଘଟଣା ସ୍ଥଳରୁ ମାଫିଆ ଫେରାର



କୋରାପୁଟ, ୨୭/୩ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ପାଲଦାପୁଟ କାଜୁ ଜଙ୍ଗଲରୁ ୩୮୦କେଜି ୯୦୦ଗ୍ରାମର ଗଞ୍ଜେଇ ମାଛକୁଣ୍ଡ ପୁଲିସ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୮ଲକ୍ଷ ଟଙ୍କା ହେବ ବୋଲି ଜଣା ପଡ଼ିଛି । ପାଲଦାପୁଟ ଅଞ୍ଚଳରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ମାଛକୁଣ୍ଡ ପୁଲିସ ଖବର ପାଇଥିଲା । ଏନେଇ ଲମତାପୁଟ ଓ ମାଛକୁଣ୍ଡ ପୁଲିସ ମିଳିତ ଭାବେ ଗଞ୍ଜେଇ ମାଫିଆଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ । ପୁଲିସ ତାର ଟିମ୍ ସାହାଯ୍ୟରେ ଆଜି ପାଲଦାପୁଟ ଜଙ୍ଗଲରେ ଚଡାଉ କରିଥିଲା । ପୁଲିସର ଚଢାଉ ବେଳେ ଘଟଣା ସ୍ଥଳରୁ ଗଞ୍ଜେଇ ମାଫିଆ ମାନେ ଖସି ପଳାଇଥିଲେ । ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରି ନାହିଁ ।

## କେଜ୍ରିଓ୍ୱାଲଙ୍କୁ ମିଳିଲାନି ଆଶ୍ୱସ୍ତି: ଏପ୍ରିଲ ୩ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୨୭/୩ : ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନାହିଁ । ସେ ଇଡିର ଗିରଫଦାରୀ ଓ ରିମାଣ୍ଡକୁ ବେଆଇନ ଦର୍ଶାଇ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ କୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ନାହାନ୍ତି । ଏବେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୩ରେ ହେବ । ସେ ଯାଏ କେଜ୍ରିଓ୍ୱାଲ ଜେଲ୍ କିମ୍ୱା ଇଡି ରିମାଣ୍ଡରେ ରହିବେ । ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ଗୋଟିଏ ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା । ଏହି ମାମଲାରେ କେଜ୍ରିଓ୍ୱାଲଙ୍କୁ ଇଡି ମାର୍ଚ୍ଚ ୨୧ରେ ଗିରଫ କରି ୨୮ ଯାଏ ରିମାଣ୍ଡରେ ନେଇଛି । ଏହାକୁ କେଜ୍ରିଓ୍ୱାଲଙ୍କ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ



କରାଯାଇଥିଲା । କେଜ୍ରିଓ୍ୱାଲଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ ତାଙ୍କର ତୁରନ୍ତ ଖଲାସ ଦାବି ଓ ଆବେଦନର ଜରୁରୀ ଶୁଣାଣି ପାଇଁ ନିବେଦନ କରିଥିଲେ । କିନ୍ତୁ ଇଡି ତୁରନ୍ତ ଶୁଣାଣିକୁ ବିରୋଧ କରିଥିଲା । ଉଭୟ ଆବେଦନ ଉପରେ ଜବାବ ଦାଖଲ କରିବାକୁ ତଦନ୍ତକାରୀ ସଂସ୍ଥା କିଛି ସମୟ ମାଗିଥିଲା । ଇଡି ପକ୍ଷରୁ ଆଡିସିନାଲ ସଲିସିଟର ଜେନେରାଲ ଏସ୍‌ଭି ରାଜୁ କହିଥିଲେ ଯେ ମଙ୍ଗଳବାର ଆମକୁ ଆବେଦନର କପି ମିଳିଛି । ଏହା ଉପରେ ଜବାବ ରଖିବା ପାଇଁ କିଛି ସମୟ ଦରକାର । ଏହା ଶୁଣିବା ପରେ ହାଇକୋର୍ଟ କହିଛନ୍ତି ଯେ ଯେତେବେଳେ ଗୋଟିଏ କେସ୍‌ର ଶୁଣାଣି କିମ୍ବା ଏହା ଉପରେ ନିଷ୍ପତ୍ତି ନେବାକୁ ପଡ଼େ ସେତେବେଳେ କୋର୍ଟ ଉଭୟ ପକ୍ଷକୁ ଶୁଣିବା ପାଇଁ ବାଧ୍ୟ । ଏହା ପ୍ରକୃତ ନ୍ୟାୟର ମୂଳ ନୀତି । ଏହି ମାମଲାରେ ଇଡିର ପକ୍ଷ ଓ ଜବାବ ଶୁଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାପରେ କୋର୍ଟ ଇଡିକୁ ଆସନ୍ତା ୨ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି । ଏବେ ମାମଲାର ପରବର୍ତ୍ତୀ ଶୁଣାଣି ୩ ତାରିଖରେ ହେବ । ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍ରିଓ୍ୱାଲଙ୍କୁ ଇଡି ୨୮ ତାରିଖ ଅର୍ଥାତ ଆସନ୍ତାକାଲି ଯାଏ ରିମାଣ୍ଡରେ ନେଇଛି । ଆସନ୍ତାକାଲି ଦିନ ୨ଟା ସୁଦ୍ଧା ଇଡି ତାଙ୍କୁ କୋର୍ଟରେ ହାଜର କରିବ । ଯଦି ଇଡି ଆଉ ରିମାଣ୍ଡରେ କେଜ୍ରିଓ୍ୱାଲଙ୍କୁ ନେବ ନାହିଁ, ତା'ହେଲେ ସେ ବିଚାର ବିଭାଗୀୟ ହାଜତକୁ ଯିବେ ।

## ସ୍ୱାମୀର ମୃତଦେହ ନେବ କିଏ ? ଚାଲିଛି ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀଙ୍କ ମଧ୍ୟରେ ଟଣାଓଟରା

ଭୁବନେଶ୍ୱର, ୨୭/୩ (ନି.ପ୍ର): ସ୍ୱାମୀଙ୍କ ମୃତଦେହକୁ ପ୍ରଥମ ସ୍ତ୍ରୀ ନେବ ନା ଦ୍ୱିତୀୟ ସ୍ତ୍ରୀ ? ଏହାକୁ ନେଇ କଟକ ବଡ଼ ମେଡିକାଲରେ ମୃତଦେହ ନେବାକୁ ନେଇ ଦୁଇପକ୍ଷଙ୍କ ମଧ୍ୟରେ ଚାଲିଛି ଟଣାଓଟରା । ଖବର ପାଇ ପୁଲିସ ପହଞ୍ଚିଛି । ହେଲେ ସମାଧାନର ବାଟ ବାହାରି ପାରିନାହିଁ । ଗତ ଶନିବାର ଦିନ ଫୁଲନଖରା ଟ୍ରାଫିକ ଥାନାର କନେଷ୍ଟବଳ ଅଭୟ ବେହେରା ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଭୟଙ୍କ ଦ୍ୱିତୀୟ ସ୍ତ୍ରୀ ତାଙ୍କ ପାଖରେ ରହି ସେବା କରୁଥିଲେ । ହେଲେ ଗତକାଲି



ରାତିରେ ଚିକିତ୍ସାଧୀନଅବସ୍ଥାରେ ଅଭୟଙ୍କର ମୃତ୍ୟୁ ଘଟିଥିଲା । ଅଭୟଙ୍କ ମୃତ୍ୟୁ ଶୁଣି ମେଡିକାଲରେ ପହଞ୍ଚିଥିଲେ ପ୍ରଥମ ସ୍ତ୍ରୀ । ନିଜ ସ୍ୱାମୀର ମୃତଦେହ ନେବାକୁ ଅଡ଼ି ବସିଥିଲେ । ଅନ୍ୟ ପକ୍ଷରେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ଅଭୟଙ୍କ ମୃତଦେହକୁ ନେବାକୁ ଅଡ଼ି ବସିଥିଲେ । ଦୁଇ ସ୍ତ୍ରୀଙ୍କ ଝଗଡ଼ା ବିଷୟରେ ଖବର ପାଇ ଡାକ୍ତରଖାନାରେ ପୁଲିସ ପହଞ୍ଚିଛି ଓ ଦୁଇ ପକ୍ଷଙ୍କ ସହ ଆଲୋଚନା କରିଛି । ହେଲେ ଏପର୍ଯ୍ୟନ୍ତ ସମାଧାନର ବାଟ ବାହାରିନାହିଁ । ସୂଚନାଯୋଗ୍ୟ, ଅଭୟ ଦୁଇଟି ବିବାହ କରିଥିଲେ । ୭ବର୍ଷ ହେବ ସେ ପ୍ରଥମେ ସ୍ତ୍ରୀଠାରୁ ଅଲଗା ରହୁଥିଲେ । ପ୍ରଥମ ସ୍ତ୍ରୀଙ୍କ ସହ ଅଭୟଙ୍କ ଛାଡ଼ପତ୍ର ହୋଇନଥିଲା ।

▶▶ପୃଷ୍ଠା ୭

## ଆଜି ଶ୍ରୀଜିଉଙ୍କ ବନକଲାଗି ନୀତି: ୪ଘଣ୍ଟା ଦର୍ଶନ ବନ୍ଦ

ପୁରୀ, ୨୭/୩ (ନି.ପ୍ର): ଆଜି ଫାଲଗୁନ ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ବନକଲାଗି ନୀତି । ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବନକଲାଗି ନୀତି ଗୁପ୍ତନୀତି ହୋଇଥିବାରୁ ଏହି ସମୟରେ ଚତୁର୍ଦ୍ଧା ମୂରତିଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ । କିନ୍ତୁ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିପାରିବେ ଭକ୍ତ । ବନକଲାଗି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ । ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି । ସେବକମାନେ ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧନରେ ଶ୍ରୀବିଗ୍ରହ ମାନଙ୍କ ଶ୍ରୀମୁଖକୁ ଶୃଙ୍ଗାର କରିବେ । ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ ।

## ପରସ୍ପରର ଡେଣାରେ ପିଟି ହେଲେ ଦୁଇ ବିମାନ

ନୂଆଦିଲ୍ଲୀ, ୨୭/୩ : ଦୁଇ ବିମାନ ମଧ୍ୟରେ ଘଟିଛି ଦୁର୍ଘଟଣା । କୋଲକାତା ଏୟାର ପୋର୍ଟରେ ଦୁଇଟି ବିମାନ ପରସ୍ପର ଡେଣାରେ ପିଟି ହୋଇ ଯାଇଛନ୍ତି । ଇଣ୍ଡିଗୋ ବିମାନର ଡେଣା ଏୟାର ଇଣ୍ଡିଆନ ଏକ୍ସପ୍ରେସ ବିମାନର ଡେଣାରେ ପିଟି ହୋଇଛି । ଦୁଇଟି ଯାକ ବିମାନ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଏଥିରେ କେହି ମୃତାହତ ହୋଇ ନାହାନ୍ତି । ଇଣ୍ଡିଗୋ ବିମାନଟି କୋଲକାତାରୁ ବିହାରର ଦରଭଙ୍ଗା ଯିବାର ଥିଲା । ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ ଚେନ୍ନାଇ ଅଭିମୁଖେ ଉଡ଼ାଣ ଭରିବାକୁ ଥିଲା । ବୁଧବାର ଦିନ ୧୧.୧୦ରେ ପୂରା ଘଟଣା ଘଟିଛି ।




ଦୁର୍ଘଟଣା ବେଳେ ଉଭୟ ବିମାନରେ ଯାତ୍ରୀମାନେ ରହିଥିଲେ । ସେମାନେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନରେ ମୋଟ ୧୬୩ ଜଣ ଲୋକ ରହିଥିଲେ । ଏମାନଙ୍କ ମଧ୍ୟରେ କ୍ରୁ ସଦସ୍ୟଙ୍କ ସଂଖ୍ୟା ୬ ରହିଥିଲା । ସେହିପରି ଇଣ୍ଡିଗୋ ବିମାନରେ ୬ କ୍ୟାବିନ କ୍ରୁଙ୍କୁ ମିଶାଇ ୧୪୯ ଜଣ ରହିଥିଲେ । ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ରନୱେକୁ ଯିବା ପାଇଁ ଅନୁମତି

▶▶ପୃଷ୍ଠା ୭

## ଭୋଜି ଖାଇ ଫେରୁଥିଲେ: ଗଛରେ ପିଟିହେଲା ବାଇକ୍

ଗଜପତି , ୨୭/୩ (ନି.ପ୍ର): ଭାରସାମ୍ୟ ହରାଇ ଗଛରେ ପିଟିହେଲା ବାଇକ୍ । ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଡେଙ୍ଗାମା ଛକ ନିକଟରେ ବିଳମ୍ବିତ ରାତିରେଏହି ଦୁର୍ଘଟଣା ଘଟିଛି । ମୃତକ ଜଣକ ହେଲେ ଆର.ଉଦୟଗିରି ଥାନା ଘୋଡାକୋଣ ଗାଁର ଅଭେନ ରାଇକା । ଆହତ ଯୁବକ ଜଣଙ୍କ ହେଲେ ବୁର୍ଦ୍ଦୁଗୁଡ଼ା ଗାଁର ଦୀନେଶ ରଇତ । ଗତକାଲି ବିଳମ୍ବିତ ରାତିରେ ଅଭେନ ଓ ଦିନେଶ ଭୋଜି ଖାଇ ବାଇକ ଯୋଗେ ଜି. ଉଦୟଗିରି ଅଭିମୁଖେ ଫେରୁଥିଲେ । ଡେଙ୍ଗାମା ଛକ ନିକଟରେ ବାଇକଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା । ଘଟଣାସ୍ଥଳରେ ଅଭେନଙ୍କର ମୃତ୍ୟୁ ଘଟିଥିବା ବେଳେ ଦୀନେଶ ଗୁରତର ଆହତ ହୋଇଥିଲେ ।

## କେଜ୍ରିଓ୍ୱାଲଙ୍କ ସମ୍ପର୍କରେ ବୟାନ ଦେଲା ଆମେରିକା: କୂଟନୀତିଜ୍ଞଙ୍କୁ ଡାକି ଅସନ୍ତୋଷ ଝାଡ଼ିଲା ଭାରତ

ନୂଆଦିଲ୍ଲୀ, ୨୭/୩ : ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସପକ୍ଷରେ ଆମେରିକା ବୟାନ ଦେବା ଘଟଣାକୁ ଭାରତ ସରକାର ସହଜରେ ହଜମ କରି ପାରି ନାହାନ୍ତି । କେଜ୍ରିଓ୍ୱାଲଙ୍କ କ୍ଷେତ୍ରରେ ନିରପେକ୍ଷ ଓ ଦ୍ରୁତ ନ୍ୟାୟିକ ପ୍ରକ୍ରିୟା ଆପଣା ଯାଉ ବୋଲି ଆମେରିକା ବୈଦେଶିକ ମନ୍ତ୍ରଣାଳୟର ଜଣେ




ମୁଖପାତ୍ର କହିଥିଲେ । ଏହାକୁ ଭାରତ ସରକାର ଜୋରଦାର ବିରୋଧ କରିଛନ୍ତି । ଏଥିସହ ଭାରତରେ ଅବସ୍ଥାପିତ ଆମେରିକା ମିଶନର କାମଚଳା ଉପ ମୁଖ୍ୟ ଗ୍ଲୋରିଆ ବେରବେନାଙ୍କୁ ଡାକି ଉକ୍ତ ବୟାନର ପ୍ରତିବାଦ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପ୍ରଥମେ ଗ୍ଲୋରିଆଙ୍କୁ ସମନ କରିଥିଲା । ସେ ମନ୍ତ୍ରଣାଳୟରେ ପହଞ୍ଚିବା ପରେ ତାଙ୍କୁ ୪୦ ମିନିଟ କାଳ ଅଫିସ ଭିତରେ ବସାଇ ରଖା ଯାଇଥିଲା । ଏହି ସମୟରେ ଭାରତ ସରକାର ବିଧିବଦ୍ଧ ଭାବେ ଆମେରିକାର କେଜ୍ରିଓ୍ୱାଲଙ୍କ ସମ୍ପର୍କିତ ବୟାନକୁ ବିରୋଧ କରାଯାଇଛି । ୪୦ ମିନିଟ ପରେ ଗ୍ଲୋରିଆ ମନ୍ତ୍ରଣାଳୟରୁ ବାହାରି ଯାଇଥିଲେ ।

▶▶ପୃଷ୍ଠା ୭

# ୫ ପଞ୍ଚାୟତ ପାଇଁ ପାଲଟିଥାନ୍ତା ଜୀବନରେଖା: ଘୋଷଣାରେ ରହିଗଲା ଗୁଣ୍ଡୁଣିରେ ଆନିକଟ ନିର୍ମାଣ



ଖଣ୍ଡପଡ଼ା, ୨୭/୩ (ନି.ପ୍ର): ଖଣ୍ଡପଡ଼ା ବ୍ଲକ୍ ଗୁଣ୍ଡୁଣି ପଞ୍ଚାୟତ ଅଧୀନ ଡାହୁକା ନଦୀରେ ଆନିକଟ ନିର୍ମାଣ ପ୍ରକଳ୍ପ ଫାଇଲ ତଳେ ଅଟକିଥିବା ବେଳେ ୫ ପଞ୍ଚାୟତର ଶତାଧିକ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୁଣ୍ଡୁଣି ଗ୍ରାମ ନିକଟସ୍ଥ ପଞ୍ଚାୟତ ଅପରପାର୍ଶ୍ୱରେ ଡାହୁକା ନଦୀରେ ଆନିକଟ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ଜଳସଂପଦ ବିଭାଗ ପକ୍ଷରୁ ପୃଥକ ଭାବେ ଡାହୁକା ନଦୀରେ ସର୍ଭେ କରାଯିବା ସହ ପ୍ରକଳ୍ପ ନିର୍ମାଣକୁ ସବୁଜ ସଂକେତ ମିଳିଥିଲା। ଡାହୁକା ନଦୀର ଧାରେ ଧାରେ ସୁଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ ସହ ଶାଖା କେନାଲ ଜରିଆରେ ଆଖପାଖ ୫ ପଞ୍ଚାୟତକୁ ଜଳସେଚନ ସୁବିଧା ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖିଥିଲା ଜିଲ୍ଲା ପ୍ରଶାସନ। ୨୦୧୮ ମସିହାରେ ଶେଷଥର ପାଇଁ ପୃଥକ ପୃଥକ ଭାବେ ମୁଖ୍ୟଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଟିମ୍ ଉକ୍ତ ଅଞ୍ଚଳ ପରିଦର୍ଶନ ସହ ପ୍ରକଳ୍ପ ନିର୍ମାଣ ଦିଗରେ ଆଗେଇଥିବା ତତ୍କାଳୀନ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତିଙ୍କଠାରୁ ସୂଚନା ମିଳିଛି। ଏପରିକି ଉକ୍ତ ପ୍ରକଳ୍ପ ନିମନ୍ତେ ପ୍ରାୟ ୭ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ସହ ବିଭାଗୀୟ ଅନୁମୋଦନ ପାଇଁ ପଠାଯାଇଥିଲା ବୋଲି ପୂର୍ବତନ ସରପଞ୍ଚ ଶ୍ରୀ ମହାନ୍ତି କହିଛନ୍ତି। ମାତ୍ର ଘଟଣାକୁ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆନଯିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରକଳ୍ପ ନିମନ୍ତେ ଆସିଥିବା ୭ କୋଟି ଅନୁଦାନ ରାଶି ଫେରିଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଗୁଣ୍ଡୁଣି, ରାଣିପଡା, ଶାଳଝରିଆ, ଶିଖରପୁର, ଜଗନ୍ନାଥପ୍ରସାଦ ଭଳି ୫ଟି ପଞ୍ଚାୟତର ଏକାଧିକ ଚାଷ ଜମି ଜଳସେଚିତ ହେବା ସହ ବନ୍ୟା ଜଳ ନିୟନ୍ତ୍ରଣ, ନଦୀ ଗର୍ଭରେ ସୀମିତ ଜଳ ସଂରକ୍ଷଣ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଗମ ହୋଇପାରିଥାନ୍ତା। ଖାଲି ସେତିକି ନୁହେଁ ଏହି ଆନିକଟ ଯୋଗୁ ସ୍ଥାନୀୟ ଲୋକମାନଙ୍କ ଚାଷ କାର୍ଯ୍ୟ ସହ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇପାରିବ ବୋଲି ଲକ୍ଷ୍ୟ ଥିଲା। ମାତ୍ର ବିଭାଗୀୟ ଉଦାସୀନତା ଓ ଦାୟିତ୍ୱହୀନତା ଯୋଗୁ ଚାଷୀଙ୍କ ସ୍ୱାର୍ଥ ବଳିପଡ଼ିଥିବା କଂଗ୍ରେସ ଅଭିଯୋଗ ଆଣିଛି। ବ୍ଲକ୍ କଂଗ୍ରେସ ସଭାପତି ଦେବବ୍ରତ ବେହେରା ଏଥିନିମନ୍ତେ କ୍ଷୁଦ୍ର ଜଳସେଚନ ଓ ଜଳସେଚନ ବିଭାଗ ସମନ୍ୱୟ ଅଭାବକୁ ଦାୟୀ କରିଥିବା ବେଳେ ଆଗାମୀ ଦିନରେ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରି ଶାସକ ଦଳକୁ ଜବାବ ମାଗିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ବ୍ଲକ୍ ଅଞ୍ଚଳରେ ମାଳମାଳ ନଦୀ ବହି ଯାଇଥିଲେ ମଧ୍ୟ ଜଳ ପରିଚାଳନା ପାଇଁ ପଦକ୍ଷେପ ନିଆ ନଯିବାରୁ ଅକାରଣରେ ଜଳ ମହାନଦୀକୁ ବହି ଯାଉଥିବା ସୂଚନା ମିଳିଛି। ଜିଲ୍ଲାରେ କୁସୁମି ନଦୀରେ ସୁନାଲଟିଠାରେ ବ୍ୟାରେଜ ଏବଂ ବୃଓଙ୍ଗ ଜଳସେଚନ ପ୍ରକଳ୍ପ ଛଡ଼ା ଅନ୍ୟ ବଡ଼ ପ୍ରକଳ୍ପ ନଥିବା ବେଳେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସମସ୍ୟା ଓ ଦାବି ପ୍ରତି ଗୁରୁତ୍ୱ ଦେଇ ଛୋଟ ଛୋଟ ପ୍ରକଳ୍ପ ନିର୍ମାଣ ନିମନ୍ତେ ଦୀର୍ଘବର୍ଷ ହେବ ଦାବି ହେଉଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ଶାନ୍ତଙ୍କ ସହ ଯୋଗାଯୋଗ କରିବାରେ ପ୍ରାୟ ୮ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ଏବଂ ଟେଣ୍ଡର ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏ ଦିଗରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ପ୍ରତିକ୍ରିୟା ଦେଇଛନ୍ତି। ଏପରି କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ କେବେ ଅନୁମୋଦନ ଲାଭ କରୁଛି ତାକୁ ନେଇ ସ୍ଥାନୀୟ ପଞ୍ଚାୟତବାସୀ ଅପେକ୍ଷା କରିଥିବା ସୂଚନା ମିଳିଛି।

## ୩ ଶହ ଲିଟର ମଦ ଜବତ

ବେଗୁନିଆ, ୨୭/୩ (ନି.ପ୍ର): ବେଗୁନିଆ ଓ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ସଦର ଥାନା ଅନ୍ତର୍ଗତ ବରପଦା ଜଙ୍ଗଲ ପାର୍ଶ୍ୱବର୍ତ୍ତ ଅଞ୍ଚଳରେ ୩ ଶହ ଲିଟର ମଦ ଜବତ କରାଯାଇଛି। କିନ୍ତୁ ମଦ ମାଫିଆମାନେ ଖସି ଯାଇଛନ୍ତି। ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଚଢଉ କରାଯାଇଥିଲା। ବରପଦା ଜଙ୍ଗଲ ପାର୍ଶ୍ୱବର୍ତ୍ତ ଅଞ୍ଚଳରେ ବ୍ୟାପକ ଦେଶୀ ଚୋରା ମଦ ପ୍ରସ୍ତୁତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଏହି ଚଢାଉ କରାଯାଇଥିଲା। ଆଜି ଚଢ଼ଉ ବେଳେ ୪୨ଶହ କେଜି ପୋଚ ନଷ୍ଟ କରାଯାଇଛି। ଏ ନେଇ ଅବକାରୀ ଥାନାରେ ପୃଥକ ପୃଥକ ୩ଟି ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି। ଆଜିର ଚଢଉରେ ଖୋର୍ଦ୍ଧା ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ସାହୁ, ବେଗୁନିଆ ଅବକାରୀ ଥାନା ଓଆଇସି ଏନ୍ ଜାଗିନ ରାଓ, ଉପ ନିରୀକ୍ଷକ ରାଜେନ୍ଦ୍ର ଖେସ, ବିରଞ୍ଚି ନାରାୟଣ ରାଉତ, ରତ୍ନାକର ଜାଲି, ଚିନ୍ମୟୀ ସେଠି, ବିକାଶ କୁମାର ରାଉତ, ମନୋଜ ଜୟସିଂହ, ପ୍ରଣବ କୁମାର ବେହେରା, ସନନ୍ଦ କୁମାର କଅଁର ପ୍ରମୁଖ ସାମିଲ ହୋଇଥିଲେ। କିଛିମାସ ତଳେ ଅବକାରୀ ବିଭାଗ ଚଢାଉ କରି ବିପୁଳ ପୋଚ ସହ ମଦ ଜବତ କରିଥିଲେ। କିନ୍ତୁ ମଦ ମାଫିଆଙ୍କୁ ଗିରଫ କରି ପାରି ନଥିଲେ।

## ରୂପ୍‌ସା ଷ୍ଟେସନ କଲୋନିରେ ମୁନି ସମାଜର ଚୂଡାକରଣ ସଂସ୍କାର

ରୂପସା , ୨୭/୩ (ନି.ପ୍ର):ଷ୍ଟେସନ କଲୋନି ସ୍ଥିତ , ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ବାସଭବନରେ,ତାଙ୍କର ନାତୁଣୀ ତଥା ସାନ ସୁପୁତ୍ର ମୁନି ବିଶ୍ୱଜିତ୍-ମୁନିମତୀ ସୁକାନ୍ତିଙ୍କ ଏକମାତ୍ର ସୁକନ୍ୟା ଆୟୁଷ୍ମତୀ ଦିବ୍ୟକୀର୍ତ୍ତୀଙ୍କର ଚୂଡା କରଣ,କ୍ଷଉରକାର ମୁନି ରାହାସ ବିହାରି ବାରିକଙ୍କ ଦ୍ୱାରା ସମ୍ପାଦନ କରାଯାଇଛି ।ଆୟୋଜିତ ଜ୍ଞାନଯଜ୍ଞରେ,ଅତିଥି ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ଗର୍ଭାଧାନ ଠାରୁ ଅନ୍ତେଷ୍ଟି ପର୍ଯ୍ୟନ୍ତ ଜୀବନର ୧୬ ଟି ସଂସ୍କାର ମୁନି ସମାଜର ଦର୍ଶନ ଓ ସିଦ୍ଧାନ୍ତ ଅନୁଯାଇ ଯେଉଁ ପରିବାର ପାଳନ କରି ଚାଲିଥାଏ,ସେ ପରିବାର ର ସମସ୍ତେ ସର୍ବଦା ପୁରୁଷ ପୁରୁଷ ଧରି ସୁଖ ଶାନ୍ତି ଓ ଆନନ୍ଦରେ କାଳାତିପାତ କରିଥାନ୍ତି ବୋଲି, ବକ୍ତାମାନେ ବକ୍ତବ୍ୟରେ ମତପ୍ରକାଶ କରିଥିଲେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମତୀ ମୁନିକୁମାରୀ ଦିବ୍ୟକୀର୍ତ୍ତୀଙ୍କର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ,ଜେଜେମା ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ବଡବାପା ମୁନି ସାନ୍ତନୁ ମିସ୍ତ୍ରୀ ,ବଡମା ମୁନିମତୀ ମୋନାଲିସା,ଭାଇ ମୁନିକୁମାର ତ୍ରଇସଆନ୍,ମାମୁ ବିଶ୍ୱଜିତ୍ ରଣା,ମାଉସୀ କ୍ରୀଷ୍ଣା ରାଣୀ ରଣା,ଜେଜେଙ୍କ ଭାଇ ଶ୍ରୀଯୁକ୍ତ ଡମ୍ବରୁଧର ମିସ୍ତ୍ରୀ,ମୁନି ଯୋଗେନ୍ଦ୍ର ବେହେରା,ମୁନିମତୀ ସରସ୍ୱତୀ ନନ୍ଦ,ସୁବଳ କାମନା ଏବଂ ଅଜା କମଳା କାନ୍ତ କାମନା ପ୍ରମୁଖ । ଶେଷରେ ଜେଜେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।



## ୩ଟି ସ୍ଥାନରେ ହେବ 'ମତ୍ସ୍ୟ ଅବତରଣ କେନ୍ଦ୍ର'

ପୁରୀ, ୨୭/୩ (ନି.ପ୍ର): ସାମୁଦ୍ରିକ ମାଛ ପୁରୀ ସହରର ଅର୍ଥନୀତିର ଅନ୍ୟ ଏକ ବୃହତ ଅଂଶବିଶେଷ। ତେବେ ସମୁଦ୍ରରୁ ମାଛ ଧରିବା ପରେ କୂଳରେ ଆଣି ମାଛ ବାଲି ଉପରେ ଖାଲି କରିବା ମତ୍ସ୍ୟଜୀବୀଙ୍କ ପାଇଁ ଆହ୍ୱାନ ପାଲଟିଛି। ଏ ସମସ୍ୟା ଦୂର କରିବା ପାଇଁ ୪ଟି ସ୍ଥାନରେ ମତ୍ସ୍ୟ ଅବତରଣ କେନ୍ଦ୍ର ପାଇଁ ଯୋଜନା କରାଯାଇଛି। ୩ଟି ସ୍ଥାନରେ ଅଦ୍ୟାବଧି ଜାଗା ଚିହ୍ନଟ ସରିଛି। ଲାଇଟ୍‌ହାଉସ ନିକଟସ୍ଥ ସାପକୋଟିରେ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ ପାଇଁ ପ୍ରାୟ ୮କୋଟି ଟଙ୍କାର ଟେଣ୍ଡର ବି ସରିଛି। ପ୍ଲାନ୍ ମଞ୍ଜୁରି ପାଇଁ ଆବେଦନ କରାଯାଇଛି। ଅନୁମୋଦନ ପରେ ଇଡ୍‌କୋ ପ୍ରଥମେ ସାପକୋଟିରେ କାମ ଆରମ୍ଭ କରିବ। ମତ୍ସ୍ୟ ଅବତରଣ କେନ୍ଦ୍ର ଦ୍ୱାରା ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କର ବହୁଦିନର ସମସ୍ୟା ଦୂର ହେବ। ପୁରୀ ଜିଲ୍ଲାରେ ୫୮ ହଜାର ମତ୍ସ୍ୟଜୀବୀ ରହିଥିବା ବେଳେ ପ୍ରାୟ ୨୨ ହଜାରରୁ ଅଧିକ ସକ୍ରିୟ ମତ୍ସ୍ୟଜୀବୀ ରହିଛନ୍ତି। ତେଣୁ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଶ୍ରମ ଲାଘବ ପାଇଁ ଏଭଳି ନୂଆ ବ୍ୟବସ୍ଥା ଆପଣାଯାଉଛି। ଫଳରେ ସମୁଦ୍ରରୁ ମାଛ ଆଣିବା ପରେ ମତ୍ସ୍ୟଜୀବୀମାନେ ଏହାକୁ ଆଉ ବାଲିରେ ଖାଲି କରିବେ ନାହିଁ। ସିଧାସଳଖ ଡଙ୍ଗାରୁ ମାଛ ଆସି ସେଇ ଅବତରଣ କେନ୍ଦ୍ରରେ ଗଦା କରାଯାଇ ସେଠାରୁ ବିତରଣ ବ୍ୟବସ୍ଥା ହେବ। ପରିଚ୍ଛନ୍ନତା ମଧ୍ୟ ବଜାୟ ରହିବ। ସେହିଭଳି ଚନ୍ଦ୍ରଭାଗା ଓ ଅସ୍ତରଙ୍ଗର କାଳିଆକଣରେ ମଧ୍ୟ ଜାଗା ଚିହ୍ନଟ ସରିଛି। ଅରଖକୁଦାରେ ଖୁବଶୀଘ୍ର ଜାଗା ଚିହ୍ନଟ ହେବ ବୋଲି ମତ୍ସ୍ୟ ଅଧିକାରୀ ସୂଚନା କହିଛନ୍ତି। ପୁରୀ ଜିଲ୍ଲା ପାରମ୍ପରିକ ମତ୍ସ୍ୟଜୀବୀ ସଂଘ ସଭାପତି ବାବୁଲା ପ୍ରସାଦ କହିଛନ୍ତି, ପୁରୀ ଜିଲ୍ଲାରେ ପ୍ରାୟ ୩୦ଟି ମତ୍ସ୍ୟଜୀବୀ ଗ୍ରାମ ରହିଛି। ସେମାନେ ସମ୍ପୂର୍ଣ୍ଣ ଭାବେ ମାଛ ଧରି ଗୁଜରାଣ ମେଣ୍ଟାଇଥା'ନ୍ତି। ତେବେ ଡଙ୍ଗାରେ ସମୁଦ୍ରକୁ ପ୍ରବେଶ ଓ ପହଞ୍ଚିବା ପରେ ଡଙ୍ଗା ପଲଟିଯିବା ନିତିଦିନିଆ ସମସ୍ୟା ହୋଇଛି। ଫଳରେ କିଛି ମତ୍ସ୍ୟଜୀବୀ ପ୍ରାଣ ହରାଇଥିବା ନଜିର ରହିଛି।

## ଚିଲିକାକୁ ବିପଦ ମାଗୁର ଚାଷ: ପୋଖରୀ ଖୋଳି ଚାଷ କରୁଛନ୍ତି ଆନ୍ଧ୍ର ଦଲାଲ



ଖୋର୍ଦ୍ଧା, ୨୭/୩ (ନି.ପ୍ର): ମାଗୁର ଚାଷର ଲୋଭ ଏସିଆ ମହାଦେଶର ସର୍ବବୃହତ୍ ଲୁଣି ହ୍ରଦ ଚିଲିକା ପାଇଁ ବିପଦ ସୃଷ୍ଟି କଲାଣି। ଆନ୍ଧ୍ର ଦଲାଲ୍‌ଙ୍କ କବ୍‌ଜାରେ ଏମିତି ଢଙ୍ଗରେ ମାଛ ଚାଷ କରାଯାଉଛି ଯେ, ଚିଲିକା ଜଳ ସମେତ ଏହି ଅଞ୍ଚଳର ପାଣିପବନ ବିଷାକ୍ତ ହେବାରେ ଲାଗିଛି। ସୂଚନା ମୁତାବକ, ଚିଲିକା ଯଦିଓ ବିଭିନ୍ନ ପ୍ରଜାତିର ମାଛ ଓ କଙ୍କଡ଼ାଙ୍କ ବାସସ୍ଥଳୀ, କିନ୍ତୁ ମାଗୁର ମାଛ ପାଇଁ ଲୁଣା ମିଶା ପାଣି ବେଶ୍ ଉତ୍ତମ। ଓଡ଼ିଶା ଅପେକ୍ଷା ମାଗୁର ମାଛର ଚାହିଦା ପଶ୍ଚିମବଙ୍ଗରେ ଢେର ଅଧିକ। କିନ୍ତୁ ଏବେ ମାଛ ମାଫିଆଙ୍କ ଆଖି ପଡ଼ିଛି ଚିଲିକା ହ୍ରଦ ଉପରେ। ବିଶେଷକରି ଆନ୍ଧ୍ରପ୍ରଦେଶର ବହୁ ମାଛ ଦଲାଲ ଚିଲିକା ହ୍ରଦ କୂଳରେ ଛୋଟ ଛୋଟ ପୋଖରୀ ସବୁ ଖୋଳି ମାଗୁର ଚାଷ କେବେଠୁ ଚଳାଇଲେଣି। ଚିଲିକା ଉପକୂଳ ଜମି ଚାଷ ପାଇଁ ଅନୁପଯୁକ୍ତ। ବର୍ଷା ଦିନେ ଜମିରେ ପାଣି ଭର୍ତ୍ତି ହୋଇଯାଉଛି, ତେଣୁ ସ୍ଥାନୀୟ ଲୋକେ ଏହି ଜମିରେ ଚାଷ କରି ପାରୁ ନଥିବା ବେଳେ କେଇ ଟଙ୍କାରେ ଆନ୍ଧ୍ର ଦଲାଲ୍‌ଙ୍କୁ ଜମି ଅଘୋଷିତ ଭାବେ ଲିଜ୍ ଦେଉଛନ୍ତି। କେବଳ ଯେ, ଲୋକଙ୍କ ବ୍ୟକ୍ତିଗତ ଜମି ଲିଜ୍‌ରେ ଯାଉଛି ତାହା ନୁହେଁ, ସରକାରୀ ଆର୍ଦ୍ରଭୂମିକୁ ବି ବେଆଇନ୍ ଭାବେ ମାଗୁର ଚାଷ ପାଇଁ କବ୍‌ଜା ଚାଲିଛି। ମାଗୁର ମାଛ ଚାଷର ସମୟ ହେଉଛି ମାତ୍ର ଦୁଇ ତିନି ମାସ। ଛୋଟ ଛୋଟ ଆଙ୍ଗୁଳି ଲମ୍ବାର ମାଛ ମାଗୁର ମାଛ ଯାଅଁଳକୁ ତିନି ମାସ ଭିତରେ ତିନି କେଜି ଓଜନର କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ମାଛ ଯାଅଁଳକୁ ବ୍ରଏଲର କୁକୁଡ଼ାର ଅନ୍ତଃନଳି, ପର ଆଦି ଯାବତୀୟ କୁକୁଡ଼ା ଆବର୍ଜନାକୁ ଖାଇବାକୁ ଦିଆଯାଉଛି। ତାହା ପୁଣି ରୋଷେଇ କରି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ମୁତାବକ, ବ୍ରଏଲର କୁକୁଡ଼ା ଆବର୍ଜନାକୁ ଟାୟାର ଜାଳି ରନ୍ଧାଯାଉଛି। ଏହାକୁ ମାଗୁର ମାଛର ଖାଦ୍ୟ ରୂପେ ପୋଖରୀ ଭିତରେ ଢଳାଯାଉଛି। ଚିଲିକା କୂଳରେ ଶହ ଶହ ଏକର ଜାଗାରେ ହଜାର ହଜାର ଛୋଟ ଛୋଟ ପୋଖରୀରେ ଏମିତି ଚାଷ ଚାଲିଛି। ବାରମ୍ବାର ଟାୟାର ଜାଳିବା ସହ କୁକୁଡ଼ା ଆବର୍ଜନାକୁ ରୋଷେଇ କଲା ବେଳେ ସେ ଅଞ୍ଚଳରେ ଏମିତି ଦୁର୍ଗନ୍ଧ ହେଉଛି ଯେ, ସ୍ଥାନୀୟ ଅଞ୍ଚଳ ମାଟି ମାଡ଼ି ହେଉନି। କେବଳ କୁକୁଡ଼ା ଆବର୍ଜନା ମାଗୁର ମାଛଙ୍କୁ ଦିଆଯାଉନାହିଁ, ବରଂ ମାଛର ଆକାର ଶୀଘ୍ର ବୃଦ୍ଧି ପାଇଁ କିଛି ରସାୟନିକ ଦ୍ରବ୍ୟ ବି ବ୍ୟବହାର ଚାଲିଛି। ଥରୁଟିଏ ମାଛ ଚାଷ ପାଇଁ ଅନ୍ୟୁନ ତିନି ମାସ ଲୋଡ଼ା। ଦ୍ୱିତୀୟ ବାର ଚାଷ କରିବା ପାଇଁ ନୂଆ ସତେଜ ପାଣି ଦରକାର। ତେଣୁ ଚିଲିକା କୂଳରେ ତିଆରି ହୋଇଥିବା ପୋଖରୀକୁ କାଟି ରସାୟନଯୁକ୍ତ ପାଣି ଚିଲିକାକୁ ଛଡ଼ାଯାଉଛି, ଚିଲିକାରୁ ନୂଆ ପାଣି ପୁଣି ପୋଖରୀରେ ଭର୍ତ୍ତି ଚାଲିଛି। ବର୍ଷକୁ ଗୋଟିଏ ପୋଖରୀ ଅନ୍ୟୁନ ଚାରି ଥର ଚିଲିକାକୁ ଦୂଷିତ ପାଣି ଛାଡ଼ି ଚାଲିଛି।

## କାହା ସ୍ୱାର୍ଥରେ ମାର୍କେଟ କଂପ୍ଲେକ୍ସ ବିଲ୍ଡିଂ ?: ନିର୍ମାଣ ପରେ ଥଇଥାନ ହେଉନାହାନ୍ତି ବ୍ୟବସାୟୀ



ଦଶପଲ୍ଲା, ୨୭/୩ (ନି.ପ୍ର): ବର୍ଷବର୍ଷ ଧରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ବ୍ୟବସାୟୀ ଏବେ ବାରଦୁଆର ଘୁରି ବୁଲୁଛନ୍ତି। କିଛି ମାସ ମଧ୍ୟରେ ବିଲ୍ଡିଂ ନିର୍ମାଣ କରି ଥଇଥାନ କରିବା ପାଇଁ ଏନ୍‌ଏସି ପକ୍ଷରୁ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରତିଶ୍ରୁତି ମିଳିଥିଲା। ସେହି ଅନୁଯାୟୀ ପ୍ରାୟ ୧୫ ଜଣ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ବିଲ୍ଡିଂ ନିର୍ମାଣ କରାଗଲା। ହେଲେ ନିର୍ମାଣକୁ ପ୍ରାୟ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ନା ଠିକାଦାରଙ୍କୁ ପ୍ରାପ୍ୟ ମିଳୁଛି ନା ନିର୍ମାଣାଧୀନ ବିଲ୍ଡିଂଗୁଡିକ ଭଡ଼ାରେ ଲାଗିପାରୁଛି। ଫଳରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବିଲ୍ଡିଂ ଏବେ ଭୂତକୋଠି ପାଲଟିଥିବା ବେଳେ ଏନ୍‌ଏସି କର୍ତ୍ତୃପକ୍ଷ ହାତବାନ୍ଧି ବସି ରହିଛନ୍ତି। ସୂଚନା ଅନୁଯାୟୀ, ତ୍ରିନାଥ ବଜାରସ୍ଥିତ ମେଳିଆ ତୋଟାଠାରେ ଦୀର୍ଘବର୍ଷ ଧରି କ୍ଷୁଦ୍ର ବ୍ୟବସାୟୀମାନେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗ୍ୟାରେଜ, ପନିପରିବା ଓ ତେଜରାତି ଭଳି ବ୍ୟବସାୟୀମାନେ ଦୋକାନ କରିଥିଲେ। ଏଠାରେ ଏନ୍‌ଏସି ପକ୍ଷରୁ ଏକ ଟାଉନ୍ ହଲ୍ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା। ସେହି ଅନୁଯାୟୀ ବ୍ୟବସାୟୀଙ୍କୁ ନୋଟିସ କରାଯିବା ସହ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ପରେ ଏନ୍‌ଏସିର କିଛି କର୍ମଚାରୀ ସେସବୁ ବ୍ୟବସାୟୀଙ୍କୁ ଘରଗୁଡ଼ିକ ଭଡ଼ାରେ ଦେବାକୁ ଜଣକ ପିଛା ୧ ଲକ୍ଷ ଟଙ୍କା ଲେଖାଏଁ ବିନା ରସିଦ୍‌ରେ ଆଦାୟ କରିଥିଲେ। ଏହା ମଧ୍ୟରେ ମାର୍କେଟ କମ୍ପ୍ଲେକ୍ସ ପାଇଁ ୬୭ ଲକ୍ଷ ୩୬ ହଜାର ୫୯ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପରେ ସମସ୍ତ କାର୍ଯ୍ୟକୁ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ତଦାରଖ କରୁଥିବା ବେଳେ ମଞ୍ଜୁର ଟଙ୍କାଠାରୁ ଅଧିକ ଟଙ୍କାର କାମ ଯନ୍ତ୍ରୀ କରାଇଛନ୍ତି। ହେଲେ ଅଧିକ କାମ ହୋଇଥିବା ଟଙ୍କାକୁ ଏଯାଏଁ ଠିକାଦାରଙ୍କୁ ପ୍ରଦାନ କରାଯାଉନାହିଁ। ଏହା ମଧ୍ୟରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବଦଳି ହୋଇ ଯାଇଥିବା ବେଳେ ଠିକାଦାର ବିଲ୍ ପାଇଁ ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ ନିକଟରେ ଫେରାଦ୍ ହୋଇ ସାରିଲେଣି। ବିଲ୍ ପାଇନଥିବା ହେତୁ ଏହାର ଚାବିକୁ ଠିକାଦାର ଦେଉନଥିବା ଜଣାପଡିଛି। ଫଳରେ ପ୍ରାୟ ୨ ବର୍ଷ ହେଲା ନିର୍ମାଣାଧୀନ ବିଲ୍ଡିଂ ଭୂତକୋଠି ପାଲଟି ରହିଛି। ଏପଟେ ବିସ୍ଥାପିତ ହୋଇଥିବା କ୍ଷୁଦ୍ର ବ୍ୟବସାୟୀମାନେ ବାରଦୁଆର ଘୁରି ବୁଲୁଛନ୍ତି। ତୁରନ୍ତ ଘରଗୁଡ଼ିକ ଭଡ଼ାରେ ଦିଆ ନଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ହେଲେ ଏନ୍‌ଏସି ପକ୍ଷରୁ କୌଣସି ବି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପାର୍ଶ୍ୱରେ ଦେଖିବାକୁ ଗଲେ ସ୍ଥାୟୀ ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବା ହେତୁ ଏହାର କୌଣସି ସମାଧାନ ହୋଇପାରୁନି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କୁ ଫୋନ କରିଥିବା ବେଳେ ସେ ଫୋନ ଗ୍ରହଣ କରିନାହାନ୍ତି। ଏଦିଗରେ ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

## ପ୍ରଳୟଙ୍କରୀ ବନ୍ୟାକୁ ୧୩ ବର୍ଷ ବିତିଲା: ଖଇରିକୁଣ୍ଡର କ୍ଷତ ଶୁଖିଲାନି



ପିପିଲି: ଭାର୍ଗବୀ ନଦୀର ପ୍ରଳୟଙ୍କରୀ ବନ୍ୟାକୁ ୧୩ବର୍ଷ ପୂରିଲା। ଅଦ୍ୟାବଧି ଖଇରିକୁଣ୍ଡ ଗ୍ରାମବାସୀଙ୍କର କ୍ଷତ ଶୁଖିନି। ସରକାରୀ ସୁବିଧା ସୁଯୋଗକୁ ଏବେବି ଅପେକ୍ଷା କରିଛନ୍ତି ଗ୍ରାମବାସୀ। ୨୦୧୧ ସେପ୍ଟେମ୍ବର ୧୨ ତାରିଖ, ଭାର୍ଗବୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ ନଦୀ ବନ୍ଧ ଉଛୁଳିଲା। ସେହି ରାତିରେ ରଥପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ଖଇରିକୁଣ୍ଡ ଗାଁ ମୁଣ୍ଡରେ ୨ଶହ ଫୁଟ ଚଉଡ଼ାରେ ଭାର୍ଗବୀ ନଦୀ ବନ୍ଧରେ ଘାଇ ସୃଷ୍ଟି ହେଲା। ଫଳରେ ଗାଁର ୧୫ଟି ପରିବାରର ଘର ଭାସିଗଲା। ଭିଟାମାଟିକୁ ହରାଇ ସର୍ବସ୍ୱାନ୍ତ ହୋଇଗଲେ ସେମାନେ। ଏହାମଧ୍ୟରେ ଦୀର୍ଘ ୧୩ ବର୍ଷ ବିତିଗଲାଣି, ମାତ୍ର ଗାଁର ୨ଟି ପରିବାରକୁ ବାଦ୍ ଦେଲେ ଅନ୍ୟ ୧୩ ବିପନ୍ନ ପରିବାରକୁ ଅଦ୍ୟାବଧି ସରକାରୀ ଆବାସ ଯୋଜନାରେ ଘରଖଣ୍ଡେ ମିଳିନି। ଏବେ ବି ସେଠାରେ କ୍ଷତିଗ୍ରସ୍ତମାନେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ, ବନ୍ୟା ଛାଡ଼ିବା ପରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଉକ୍ତ ଗାଁକୁ ଯାଇ ବନ୍ୟାଦୁର୍ଗତଙ୍କୁ ଭେଟି ସମବେଦନା ଜଣାଇବା ସହ ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ବାସଗୃହ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ପରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ରାଜନେତାମାନେ ଏହି ଗାଁକୁ ଯାଇ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଅଜାଡ଼ି ଦେଲେ। କିନ୍ତୁ ବାସ୍ତବରେ ଏମାନଙ୍କ ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି। ଏହି ଗାଁର ୫ଟି ଦଳିତ ପରିବାର ଭ୍ରମର ବେହେରା, ଲକ୍ଷ୍ମଣ ବେହେରା, ସୁକାନ୍ତ ବେହେରା, ଏକାଦଶୀ ବେହେରା, ଅରକ୍ଷିତ ବେହେରା ପୁନି ବେହେରାଙ୍କର ପିତୃପୁରୁଷର ଘର ପ୍ରଳୟଙ୍କରୀ ବନ୍ୟାରେ ମାଟିରେ ମିଶିଗଲା। ସେବେଠାରୁ ଏମାନେ ଝାଟିମାଟି ଛପର ଓ ଜରିପାଲ ତଳେ ଜୀବନ କାଟୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଗାଁର ମଧୁସୂଦନ ବରାଳ, ସିନ୍ଧୁ ବରାଳ, ଚତୁର୍ଭୁଜ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, ଦାଶରଥି ବରାଳ, ବାସୁଦେବ ବରାଳ ଘର ଖଣ୍ଡେ ପାଇବା ପାଇଁ ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି। ଏପରିକି ଗାଁରେ ଥିବା କୋଠଘର ମଧ୍ୟ ବନ୍ୟା ସମୟରେ ମାଟିରେ ମିଶି ଯାଇଥିଲା। ସେହିପରି ଗାଁକୁ ଯିବାପାଇଁ ଏକମାତ୍ର କେନାଲ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏ ସମ୍ପର୍କରେ ଏହି ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ପଲାଇଙ୍କୁ ପଚାରିବାରେ ଆବାସ ଚୟନ କରିବାରେ ପଞ୍ଚାୟତର କିଛି ଭୂମିକା ନାହିଁ। ତେବେ ପଞ୍ଚାୟତ ପକ୍ଷରୁ ଏନେଇ ବ୍ଲକ୍ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ କହିଛନ୍ତି।

## ବିପଦସଂକୁଳ କେନାଲ ବ୍ରିଜ୍: ମରାମତି ପାଇଁ ପ୍ରଶାସନର ନିଦ ଭାଙ୍ଗୁନି



ଗୋପ, ୨୭/୩ (ନି.ପ୍ର): ବହୁଦିନ ଧରି ବିପଦସଂକୁଳ ଅବସ୍ଥାରେ ଝୁଲିରହିଛି କେନାଲ ବ୍ରିଜ୍। ବାରମ୍ବାର ଅଭିଯୋଗ ପରେ ବି ମରାମତି ପାଇଁ ପ୍ରଶାସନର ନିଦ ଭାଙ୍ଗୁନି। କେତେବେଳେ ଯେ ଏହି ସେତୁ କାହାର ଜୀବନ ନେବ ତାକୁ ନେଇ ଆତଙ୍କିତ ସ୍ଥାନୀୟ ବାସିନ୍ଦା। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଜଳସମ୍ପଦ ବିଭାଗ ଅଧୀନ ତିନିମୁହାଁଣି ନିକଟସ୍ଥ ନିମାପଡ଼ା ବ୍ରାଞ୍ଚ କେନାଲର ମଦରଙ୍ଗ ପାରିଚଢ଼େଇ ଗ୍ରାମ ନିକଟରେ। ସେତୁଟି ବିପଦସଂକୁଳ ଅବସ୍ଥାରେ ଥିବା ବେଳେ ଏହାର ସୁରକ୍ଷା ପ୍ରାଚୀର ଭାଙ୍ଗି ଝୁଲି ରହିଛି। ସେତୁ ଉପରେ ନିକଟସ୍ଥ ଗ୍ରାମର ଶତାଧିକ ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ପାଚେରି ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ଏହି ସେତୁ କୁଶଭଦ୍ରା ନଦୀର ଜୀବନରେଖା କୁହାଯାଉଥିବା ତିନିମୁହାଁଣିକୁ ସିଧାସଳଖ ସଂଯୋଗ କରୁଥିବା ବେଳେ ମାତ୍ର ୧୦ ଫୁଟ୍ ଦୂରତାରେ ରହିଛି। ଏହି କେନାଲ ବ୍ରିଜ ଭୁଶୁଡ଼ିଲେ ତିନିମୁହାଁଣି ସ୍ଲୁଇସ୍ ଗେଟ୍ ଉପରେ ନିଶ୍ଚିତ ପ୍ରଭାବ ପଡ଼ିବା ସହ ବିପଦ ଘନେଇବ। ବ୍ରିଜ୍‌ର ଯଥାଶୀଘ୍ର ମରାମତି କରାନଗଲେ ଏହା କେତେବେଳେ ଭୁଶୁଡ଼ିବା ସହ ଧନଜୀବନ ନଷ୍ଟ କରିବ ସେ ଆଶଙ୍କାକୁକୁ ଏଡ଼ାଇ ଦିଆଯାଇନପାରେ। ଏ ନେଇ ଗୋପ ଜଳ ସମ୍ପଦ ବିଭାଗ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସଂଗ୍ରାମ ମହାନ୍ତିଙ୍କୁ ପଚାରିବାରେ ସେ କହିଲେ, ଖୁବ୍ ଶୀଘ୍ର ଏହି କାର୍ଯ୍ୟ ଶେଷ ହେବ।

## ଆହାର

**ସ୍ୱାସ୍ଥ୍ୟରକ୍ଷାର ପ୍ରଥମ ଆୟୁଧ ହେଉଛି ଆହାର । ଆହାର କାରଣରୁ ଶରୀରର ଆକାର ବୃଦ୍ଧି ପାଇଥାଏ । ଏଥିରୁ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ ହୋଇଥାଏ । ସର୍ବଦା ସୁଷମ ଖାଦ୍ୟ ଉପରେ ନିର୍ଭର କରିବା ଆବଶ୍ୟକ । ତେଣୁ ଖାଦ୍ୟ ଗ୍ରହଣ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।**



ଖାଦ୍ୟ ଖାଇବା ପୂର୍ବରୁ ହାତକୁ ସାବୁନରେ ଧୋଇ ଅଳ୍ପ ବିଶୁଦ୍ଧ ଜଳ ଖାଦ୍ୟ ଗ୍ରହଣ ସୁଗମ ପାଇଁ ଆଚମନ କରିବା ଉଚିତ ।

ନିୟମ ଅନୁସାରେ, ସୁଷମ ଖାଦ୍ୟ ନିୟମିତ ଗ୍ରହଣ କରିବା ଉଚିତ । କ୍ଷୁଧା ଅନୁରୂପ ପେଟଭରା ନଖାଇ କମଖାଦ୍ୟ ଗ୍ରହଣକରିବା ଶରୀର ପାଇଁ ଭଲ ।

ନିୟମିତ ତନ୍ତୁଯୁକ୍ତ ଖାଦ୍ୟ ଯଥା: ଶାଗ, ଫଳ, ସାଲାଡ, ଡାଲି, ପନିପରିବା ଜାତୀୟ ଶାକାହାରୀ ଖାଦ୍ୟଗ୍ରହର କରିବା ଉଚିତ୍ । ଶାଗ ଜାତୀୟ ଖାଦ୍ୟ ମୁହଁର ଲୋଚାପଣ ଦୂର କରିବା ସହ ଦୃଷ୍ଟିଶକ୍ତି ବଢ଼ାଏ ।

ଚା ଓ କଫି ନ ପିଇବା ଭଲ । ଦୀର୍ଘଦିନ ଏହାକୁ ପିଇଲେ ଯକୃତରେ ହାନି ପହଞ୍ଚାଏ । ଏଥିଯୋଗୁଁ ସ୍ନାୟବିକ ଦୁର୍ବଳତା ସୃଷ୍ଟି ହୋଇଥାଏ ।

ଚିନି ଓ ଲୁଣ ଯେତେଦୂର ସମ୍ଭବ କମ୍ ଗ୍ରହଣ କରିବା ଉଚିତ୍ ।

ଧୂଆଁ ପତ୍ର ସେବନ, ଧୂମପାନ, ମଦ୍ୟପାନ ବା ଯେକୌଣସି ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ପରିହାର ବିଧେୟ ।

ବ୍ୟକ୍ତିଗତ ଅବସ୍ଥାକୁ ବିଚାର କରି ମାସରେ ଥରେ ସଜଳ/ନିର୍ଜଳ/ସଫଳ ଉପବାସ କରିବା ଉଚିତ୍ ।

ପ୍ରତ୍ୟହ ଗଜାମୁଗ, ଗଜାବିରି, ଗଜାମେଥି, ଗଜା ସୋୟାବିନ ଓ ଗଜା ଗହମ ଗ୍ରହଣ କରିବା ଭଲ । ଫାଷ୍ଟଫୁଡ୍, ଜଙ୍କଫୁଡ୍, ବାସିଖାଦ୍ୟ ନ ଖାଇବା ଭଲ ।

ପ୍ରତ୍ୟେକ ଦିନ ଖାଦ୍ୟରେ କଦଳୀ, କମଳା, ଲେମ୍ବୁ, ସେଓ, ଡାଳିମ୍ବ, ଅଁଳା ଆଦି ଋତୁକାଳୀନ ଫଳ ସେବନ କରିବା ଉଚିତ ।

ଖାଦ୍ୟରେ ସଂଶ୍ଲେଷିତ ରଙ୍ଗ ଓ ସୁବାସିତ ଦ୍ରବ୍ୟ ବ୍ୟବହାର ନକରି ସାଧାରଣ ହଳଦୀ, ତେଜପତ୍ର, ଧନିଆଁ ପତ୍ର, ପୋଦିନା ପତ୍ର ଆଦି ପରି ପ୍ରାକୃତିକ ଦ୍ରବ୍ୟର ସୁବାସକୁ ଉପଯୋଗ କରିବା ଉଚିତ ।



ତେଲଜାତୀୟ ଖାଦ୍ୟର ପରିମାଣ ଯେତେ କମ୍ ହେବ ଭଲ । ମଝିରେ ମଝିରେ ରାନ୍ଧିବା ତେଲ ଗ୍ରହଣରେ ପରିବର୍ତ୍ତନ କଲେ ଶରୀର ଆବଶ୍ୟକୀୟ ପୋଷକତତ୍ତ୍ୱ ପାଇପାରିଥାଏ ।

କ୍ଷୁଧା ନଥିବା ସମୟରେ ଖାଦ୍ୟ ଗ୍ରହଣ କରିବାକୁ ଆୟୁର୍ବେଦରେ କ୍ରମବିରୁଦ୍ଧ ଆହାର କହନ୍ତି । ଏହିପରି ଅନେକ ବିରୁଦ୍ଧ ଆହାର ବିଷୟରେ ଦୃଷ୍ଟାନ୍ତ ରହିଛି । ଯଥା- ମହୁକୁ ଉଷୁମ କରି ସେବନ, କଂସାପାତ୍ରରେ ଅନେକ ଦିନ ଧରିଥିବା ଘିଅ ପଦାର୍ଥ, ମାଛ ଓ କ୍ଷୀର ଏକତ୍ର ସେବନ, ଶୀତଋତୁରେ ଥଣ୍ଡା ପଦାର୍ଥ ଓ ଗ୍ରୀଷ୍ମ ଋତୁରେ ଉଷ୍ଣ, ଖଟା, ରାଗ ପଦାର୍ଥ ସେବନ ଇତ୍ୟାଦି ।

## ସ୍ଥାନାନ୍ତର ହେଲା ଅଟ୍ଟାଳିକା

ଅତ୍ୟାଧୁନିକ ଜ୍ଞାନକୌଶଳର ସୁବିନିଯୋଗ ବର୍ତ୍ତମାନ ପ୍ରତ୍ୟେକ ପ୍ରାନ୍ତରେ ହେଉଛି । କେବଳ ଯେ ଏହାର ଉପଯୋଗ ନୂତନ ଜିନିଷ କିମ୍ବା ତତ୍ତ୍ୱରେ ହେଉଛି, ତା ନୁହେଁ, ବରଂ ୧୦୦ ବର୍ଷ ପୁରାତନ ଜିନିଷ ମଧ୍ୟ ଜ୍ଞାନକୌଶଳ ଉପଯୋଗରେ ସ୍ଥାନାନ୍ତର ହୋଇପାରୁଛି । ନିକଟରେ ଚୀନର ସାଂଘାଇ ସ୍ଥିତ ଏକ ଐତିହାସିକ ଅଟ୍ଟାଳିକା ବିନା ଭଙ୍ଗାରୁଜାରେ ଯଥା ସ୍ଥାନରୁ ୫୪ମିଟର ସ୍ଥାନାନ୍ତର ହୋଇପାରିଛି । ମିଳିଥିବା ତଥ୍ୟ ଅନୁସାରେ, ଏହି ଅଟ୍ଟାଳିକା ପ୍ରାୟ ୧୦୦ ବର୍ଷରୁ ଅଧିକ ପୁରୁଣା । ଜଣେ ଶିଳ୍ପପତି ୨ ମାସ ତଳେ ଏହାକୁ କିଣିବା ପରେ ଏକ କଫି ମଲ୍ ଏଠାରେ ନିର୍ମାଣ କରିବାର ଯୋଜନା କଲେ । ଅଭିଜ୍ଞ ଇଂଜିନିୟରଙ୍କ ପରାମର୍ଶରେ ତତ୍‌କ୍ଷଣାତ କାମ ଆରମ୍ଭ ହେଲା । ପାର୍କିଂ ସୁବିଧା ନିମନ୍ତେ ଅଟ୍ଟାଳିକା ଚତୁଃପାର୍ଶ୍ୱରେ ସେଭଳି ପର୍ଯ୍ୟାପ୍ତ ଜାଗା ନଥିଲା । ଜଣେ ବରିଷ୍ଠ ଇଂଜିନିୟର ଅଟ୍ଟାଳିକା ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଲେ । ତେବେ ଶିଳ୍ପପତିଙ୍କ ସର୍ତ୍ତ ଥିଲା, ଅଟ୍ଟାଳିକା ଯେପରି କ୍ଷତିଗ୍ରସ୍ତ ନ ହୁଏ । ୧୫ ଦିନପୂର୍ବରୁ ଏହାର ପ୍ରସ୍ତୁତି ହେଲା । ଯଥା ସମୟରେ ମାତ୍ର ୨୧ମିନିଟରେ ଅଟ୍ଟାଳିକାକୁ ୫୪ମିଟର ସ୍ଥାନାନ୍ତର କରାଯିବା ସହ ୯୦ଡିଗ୍ରୀ ପରିବର୍ତ୍ତନ କରାଗଲା । ଏଥିପାଇଁ ମୋଟ୍ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାର ପ୍ରକାଶ । ବରିଷ୍ଠ ଇଂଜିନିୟରଙ୍କ ମତରେ, ଏହା ସେଭଳି ଜଟିଳ କାମ ନୁହେଁ । ସତର୍କତାରେ ସହ ଅବଶ୍ୟ ଏସବୁ ଧ୍ୟାନ ଦେଇ କରିବାକୁ ପଡ଼େ । ବିଶ୍ୱର ଯେ କୌଣସି ପ୍ରାନ୍ତର ଘରକୁ ସ୍ଥାନାନ୍ତର କରାଯାଇପାରିବ । ହେଲେ ମରୁ ଅଞ୍ଚଳ ଘରର ସ୍ଥାନ ପରିବର୍ତ୍ତନ କରିବା ସମାନ୍ୟତମ ଜଟିଳ । ଏହା ବିଶ୍ୱର ପ୍ରଥମ ଘର ସ୍ଥାନାନ୍ତର ଘଟଣା ନୁହେଁ, ଏହା ପୂର୍ବରୁ ୨୦୧୬ରେ ନେଦରଲ୍ୟାଣ୍ଡର ଏକ କଲୋନୀର ସମସ୍ତ ଘରକୁ ଅନ୍ୟ ଏକ ପ୍ରାନ୍ତକୁ ସ୍ଥାନାନ୍ତର କରାଯାଇଥିଲା ।

## ପନିର ଟୋମାଟୋ ଚମନ୍

**ସମଗ୍ରୀ :** ପନିର୍-୨୦୦ଗ୍ରାମ, ଗୁଜୁରାତି-୩, ତେଜପତ୍ର-୨, ହିଙ୍ଗୁ-୧/୨ଚାମଚ, ଲଙ୍କାଗୁଣ୍ଡ-୧/୨ଚାମଚ, ଟମାଟୋ ପ୍ୟୁରି-୧କପ୍, ଅଦାପେଷ୍ଟ-୨ଚାମଚ, ଜିରା ଗୁଣ୍ଡ-୧/୨ଚାମଚ, ଗରମ ମସଲା-୧/୨ ଚାମଚ, କଟା ଧନିଆ ପତ୍ର, ଲୁଣ ଓ ତେଲ ଆବଶ୍ୟକତା ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳୀ:-** ପ୍ରଥମେ କଡ଼େଇତେଲ ଗରମ କରନ୍ତୁ । ସେଥିରେ କଟା ପନିରକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ଆଉ ଏକ ପ୍ୟାନରେ କିଛି ତେଲ ଗରମ କରନ୍ତୁ । ସେଥିରେ ଗୁଜରାତି, ତେଜପତ୍ର, ହିଙ୍ଗୁ, ଲଙ୍କାଗୁଣ୍ଡ, ଟମାଟୋ ପ୍ୟୁରି ଏବଂ ଲୁଣ ପକାଇ କିଛି ସମୟ କଷନ୍ତୁ । ପରେ ସେଥିରେ ଅଦା ପେଷ୍ଟ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ ଏବଂ ଅଳ୍ପ ପାଣି ଦେଇ ଧୀମା ଆଞ୍ଚରେ ୫ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଏବେ ଗ୍ରେଭିରେ ଫ୍ରାଏ ପନିରକୁ ଭଲଭାବେ ମିଶାଇ ସେଥିରେ ଧନିଆ ପତ୍ର ପକାନ୍ତୁ । ଗରମ ଗରମ ଟମାଟୋ ଚମନ୍ ।

## ବିମାନ ଯାତ୍ରା ସମୟରେ ହୁଅନ୍ତୁ ସଚେତନ

ଗତ କିଛି ବର୍ଷ ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିମାନ ଟିକେଟ୍ ଭଡ଼ା ଯଥେଷ୍ଟ ହ୍ରାସ ପାଇବାରୁ ବିଭିନ୍ନ ବର୍ଗର ଲୋକେ ନିଜ ସକ୍ଷମତା ଅନୁସାରେ ଯାତ୍ରା କରିପାରୁଛନ୍ତି । ତେବେ ବିମାନ ଯାତ୍ରା ସମୟରେ କୋଡ଼ୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସମସ୍ତ ପ୍ରକାର ଖାଦ୍ୟପାନୀୟ ଆକାଶମାର୍ଗରେ ଯାତ୍ରା ସମୟରେ ଖାଇବା ସ୍ୱାସ୍ଥ୍ୟ ନିମନ୍ତେ ହିତକର ନୁହେଁ ।

ଛଣାଛଣି ଖାଦ୍ୟ ବିମାନ ଯାତ୍ରା ସମୟରେ କିମ୍ବା ୩୦-୪୦ ମିନିଟ୍ ପୂର୍ବରୁ ସେବନ କରନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ । ବିଶେଷଜ୍ଞଙ୍କ ମତରେ ଛଣାଛଣି ଖାଦ୍ୟରେ ସୋଡିୟମ ପରିମାଣ ଅଧିକ ଥିବାରୁ ତାହା ଶରୀର ପାଇଁ କ୍ଷତିକାରକ । ମୃଦୁପାନୀୟ ମଧ୍ୟ ବିମାନ ଯାତ୍ରା ପୂର୍ବରୁ ନ ପିଇବା ଉଚିତ । ଏହି କାରଣରୁ ବଦହଜମ ହୋଇପାରେ ।



ବ୍ରୋକୋଲି, ଫୁଲକୋବି, ବନ୍ଧାକୋବି ଆଦି ପରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ, କିନ୍ତୁ ବିମାନ ଯାତ୍ରା ପୂର୍ବରୁ ଏସବୁ ଖାଆନ୍ତୁ ନାହିଁ । କାରଣ ଏହି ପରିବା ସହଜରେ ହଜମ ହୋଇନଥାଏ ।

## ନିମ୍ବର ଔଷଧୀୟ ଗୁଣ

**ନିମ୍ବରେ ଜୀବାଣୁ ପ୍ରତିରୋଧକ ଶକ୍ତି ରହିଥିବାରୁ ଏହାର ଆବଶ୍ୟକତା ଅନୁଭୂତ ହୋଇଥାଏ । ନିୟମିତ ନିମ୍ବ ସେବନ କରୁଥିବା ବ୍ୟକ୍ତି କୌଣସି ରୋଗରେ ଆକ୍ରାନ୍ତ ହୋଇନଥାନ୍ତି ବୋଲି ପ୍ରବାଦ ରହିଛି । ଏହାର ଅନେକ ଔଷଧୀୟ ଗୁଣ ରହିଛି ।**

କଥାରେ ଅଛି, ଚିନ୍ତା ଖାଏ ଗଣ୍ଡି ଲୁଣ ଖାଏ ହାଣ୍ଡି । ଚିନ୍ତା ବଢ଼ିଲେ ମନ ଅସ୍ଥିର ହୋଇ ଧୀରେ ଧୀରେ ଭାରସାମ୍ୟ ହରାଇବାକୁ ପଡ଼ିଥାଏ । ପରିଣାମ ସ୍ୱରୂପ, ରକ୍ତଚାପ ବଢ଼ିବା ସହ ଶରୀର ପାଇଁ ବିପଦ ସୃଷ୍ଟି କରିଥାଏ । ପୁଣି ମେଦବୃଦ୍ଧି ଶରୀରର ରକ୍ତ ସଞ୍ଚାଳନ ବ୍ୟବସ୍ଥା ଉପରେ କୁପ୍ରଭାବ ପକାଇବା ସହ ରକ୍ତଚାପ ବୃଦ୍ଧି କରାଇଥାଏ । ଏଭଳି ଅବସ୍ଥାରେ ନିମ୍ବର ପିତାରେ ଉଚ୍ଚ ରାକ୍ତଚାପ କୁ ସ୍ୱାୟବିକ କରିବାର କ୍ଷମତା ରହିଛି । ପୁରୁଣାକାଳିଆ ଲୋକେ କହନ୍ତି - 'ଖାଇବ ପିତା, ଗାଇବ ଗୀତା-

ତେବେ ଯାଇହେବ ଜଗତଜିତା । କଞ୍ଚା ନିମ୍ବପତ୍ର ପରିଷ୍କାର ଭାବେ ଧୋଇ, ହଳଦୀ ସହ ବାଟି ପ୍ରତିଦିନ ସକାଳୁ ଖାଲି ପେଟରେ ଚାମୁଚିଏ ଲେଖାଏଁ ଖାଇଲେ ଉପକାର ମିଳିଥାଏ । ଏହା କୃମିନାଶକ, ରକ୍ତ ବିଶୋଧକ, ଚର୍ମରୋଗ ନାଶକ ଏବଂ ଜୀବାଣୁ-ଭୂତାଣୁ ବିରୋଧୀ । ଚୈତ୍ର ମାସରେ ନିମ୍ବ ଗଛରେ ଫୁଲ ଧରେ । ଏହାକୁ ଖାଇବା ଶରୀର ପାଇଁ ଅନେକାଂଶରେ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ପୁଷେ ଖାଇ, ମାଘେ ଦହି, ଚଇତେ ଚକୁଳି ନିମ ଖାଇ । ବର୍ଷ ତମାମ ଶୁଖିଲା ନିମ୍ବପତ୍ର ହଳଦି ଗଚଣ୍ଡ ସହ ମିଶାଇ ଖିଆଯାଇପାରେ । ନିମ୍ବପତ୍ରର ଔଷଧୀୟ ଗୁଣ ଆୟୁର୍ବେଦ ଏବଂ ପ୍ରଚୀନ ଶାସ୍ତ୍ର ସମ୍ମତ । ଏହାର ଅନେକ ଔଷଧୀୟ ଗୁଣ ରହିଥିବାରୁ ଏହା ସ୍ୱାସ୍ଥ୍ୟପାଇଁ ସଂପୂର୍ଣ୍ଣ ନିରାପଦ କହିଲେ ଚଳେ ।



ଭିଏତ୍‌ନାମର ହନ୍ ଥମ୍ ଦ୍ୱୀପ ଏକ ଜଣାଶୁଣା ପରିବେଶ ପର୍ଯ୍ୟଟନ କେନ୍ଦ୍ର । ଦ୍ୱୀପ ଭ୍ରମଣରେ ଆସୁଥିବା ଶତାଧିକ ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ପାଲଟିଛି ଏଠାରେ ଥିବା ଏକ ଘରର ପାଚେରି । ପାଚେରିର ବିଶେଷତ୍ୱ ହେଉଛି, ତାହା । ସଂପୂର୍ଣ୍ଣ ଭାବେ ଏକାଧିକ ପୁରୁଣା ଟେଲିଭିଜନରେ ତିଆରି । ଟେଲିଭିଜନ ନିର୍ମିତ ପାଚେରୀର ଫଟୋଚିତ୍ର କେହି ଜଣେ ଫେସବୁକ୍‌ରେ ଛାଡ଼ିଦେବା ପରେ, ତାହାକୁ ଦେଖିବା ଲାଗି ପର୍ଯ୍ୟଟକଙ୍କ ଭିଡ଼ କମୁଛି । ପାଚେରି ସହିତ ସେଲଫି, ପର୍ଯ୍ୟଟକଙ୍କୁ ନିଆରା ଅନୁଭବ ଦେଉଛି । ତେବେ, ପାଚେରି ନିର୍ମାଣରେ ପୁରୁଣା ଟେଲିଭିଜନର ବ୍ୟବହାର ପଛର କାରଣ ଅଜଣା । ପାଚେରି ବେଶ ଟାଣ, ଭାଙ୍ଗିବା ମଧ୍ୟ କଷ୍ଟକର । ତେଣୁ, ଝଡ଼-ପବନ କିମ୍ବା ତସ୍କରଙ୍କ ଦାଉରୁ ସୁରକ୍ଷିତ ରହିବା ଲାଗି ଗୃହକର୍ତ୍ତା ଏ ପରି ପାଚେରି ଗଢ଼ାଇଥିବା ଅନୁମାନ କରାଯାଏ ।



## ଷଣ୍ଢ ଲଢ଼େଇ: ଜଣା-ଅଜଣା



ଷଣ୍ଢ-ମଣିଷ ଲଢ଼େଇ ସ୍ପେନ୍‌ର ଜାତୀୟ ଖେଳ ଏବଂ ସେଠାରେ ବେଶ୍ ଲୋକପ୍ରିୟ । ବର୍ତ୍ତୁଗାଲ ଓ ମେକସିକରେ ମଧ୍ୟ ଷଣ୍ଢ ଓ ମଣିଷ ଭିତରେ ଲଢ଼େଇ ହୁଏ । ସ୍ପେନରେ ମଣିଷ ହତିଆର ଧରି ଷଣ୍ଡର ମୁକାବିଲା କରେ ଏବଂ ବିଜୟୀ ହେବା ପାଇଁ ଷଣ୍ଡକୁ ମାରେ ବା ତା ଦ୍ୱାରା ଗୁରୁତର ଆହତ ହୋଇ ପରାଜୟ ବରଣ କରେ । ପର୍ତ୍ତୁଗାଲରେ ଷଣ୍ଢ ମାରଣ ନିଷେଧ । ସେଠାରେ ଷଣ୍ଡ ସହ ବିନା ହତିଆରରେ ଲଢ଼ାଯାଏ । ତେଣୁ, ପର୍ତ୍ତୁଗିଜ୍ ଷଣ୍ଢ ଲଢ଼େଇ ଅଧିକ ମାନବିକ ଓ ରୋମାଞ୍ଚକର । ଷଣ୍ଡ ସହ ଲଢୁଥିବା ମଣିଷଙ୍କୁ ସ୍ପାନିସରେ 'ମୋଟାଡେରା' ଏବଂ ପର୍ତ୍ତୁଗିଜରେ 'ଫୋର୍କାଡୋ' କୁହାଯାଏ । 'ଫୋକୋଡାଡୋ' ଏକ ଅର୍ଦ୍ଧ ଚନ୍ଦ୍ରାକାର ଅସ୍ତ୍ର । ଏକଦା ଲଢ଼େଇପ୍ରଦର୍ଶିତ ହେଉଥିବା ମଇଦାନରେ ରାଜରକ୍ଷୀମାନେ ଏହି ଅସ୍ତ୍ର ସାହାଯ୍ୟରେ ଷଣ୍ଢଙ୍କୁ ଅଟକାଉଥିଲେ । ପର୍ତ୍ତୁଗିଜ ଲଢ଼େଇରେ ଷଣ୍ଢକୁ ଖାଲି ହାତରେ ଅଟକା ଯାଉଥିବାରୁ ଯୋଦ୍ଧାଙ୍କୁ ଫୋର୍କାଡୋ' କୁହାଯାଉଛି । ଆଜିକାଲି ପର୍ତ୍ତୁଗିଜ୍ ମହିଳାମାନେ ମଧ୍ୟ ଦଳଗତ ଭାବେ ଖାଲି ହାତରେ ଷଣ୍ଢ ସହ ଲଢୁଛନ୍ତି । ଦଳ ଆଠ ଜଣିଆ । ଷଣ୍ଡର ଶିଙ୍ଗ ମୁନିଆ ଥିଲେ, ଲଢ଼େଇ ପୂର୍ବରୁ ଘୋରି ଦିଆଯାଏ । ପର୍ତ୍ତୁଗାଲର ସୁଜାନ୍ ଫ୍ରିଜା ଷଣ୍ଢ ଲଢ଼େଇ ପାଇଁ କେବଳ ଯୁବତୀଙ୍କୁ ନେଇ ଗୋଟିଏ ଦଳ ଗଢ଼ିଛନ୍ତି । ତାଙ୍କ ଦଳ ଅପେକ୍ଷାକୃତ କମ୍ ଓଜନର ଷଣ୍ଡ ସହ ଲଢୁଥିବା ପ୍ରକାଶ ।

## ଗ୍ରାମୀଣ ଛାତ୍ରୀଙ୍କ ସେବାରେ ଡାକ୍ତର

ରାଜସ୍ଥାନ ଅନ୍ତର୍ଗତ ଜୟପୁର ମହାନଗରୀ ଉପକଣ୍ଠସ୍ଥ ଏକ ଗ୍ରାମୀଣ ଅଂଚଳ କୋଟପୁତଲୀ । ଏଠାକାର ବାସିନ୍ଦା ଡ. ଆରପି ଯାଦବ, କରିବ ପରିବାରର ପଢୁଆ ଝିଅଙ୍କ ସେବାରେ ଉତ୍ସର୍ଗୀକୃତ । କିଛି ଦିନ ତଳେ ରାସ୍ତାରେ ବର୍ଷାରେ ଭିଜିଭିଜି, କଲେଜ ଯାଉଥିବା ଚାରି ଜଣ ଛାତ୍ରୀଙ୍କ ସୁବିଧା ପାଇଁ ମାଗଣା ବସ୍ ସେବା ଆରମ୍ଭ କରିବାକୁ ନିଷ୍ପତି ନେଇଥିଲେ । ନିଜର ଭବିଷ୍ୟ ନିଧି ପାଣ୍ଠିରେ ଥିବା ସମସ୍ତ ଉଣେଇଶ ଲକ୍ଷ ଟଙ୍କା ଉଠାଇ, ବାଉନ୍ ଆସନ ଥିବା ବସଟିଏ କିଣିଥିଲେ । ସଂପ୍ରତି ଚୂରୀ, ପାଓ୍ୱଲା, ରାମନଗର, କାୟମପୁରାବାସ ଓ ଭୋପାଲପୁରାର ଚଉବନ ଜଣ କଲେଜ ଛାତ୍ରୀ, ତାଙ୍କ ବସରେ ଯିବା-ଆସିବା କରୁଛନ୍ତି । ଡ. ଯାଦବଙ୍କ ସେବା ମନୋବୃତିକୁ ଦେଖି, ରାଜସ୍ଥାନ ସରକାରଙ୍କ ସଡ଼କ ପରିବହନ ବିଭାଗ, ତାଙ୍କ ପାଇଁ ସଡ଼କ ଟିକସ ଛାଡ଼ କରିଛି । ଡ. ଯାଦବ କୋଡ଼ିଏ ବର୍ଷ ତଳେ ନିଜର ଏକ ମାତ୍ର କନ୍ୟାକୁ ଏକ ଦୁର୍ଘଟଣାରେ ହରାଇଥିଲେ । ସେ କହନ୍ତି, ଝିଅର ପଢ଼ା ଓ ବିବାହ ଆଦି ବାବଦକୁ ଯାହା ଖର୍ଚ୍ଚ ହୋଇଥାଆନ୍ତା, ତାହା ଅନ୍ୟ ଝିଅଙ୍କ କାମରେ ଲାଗୁଛି । ସେ ଶିଶୁରୋଗ ବିଶେଷଜ୍ଞ । ଶିଶୁଙ୍କ ଚିକିତ୍ସା ମାଗଣା କରୁଛନ୍ତି । ସମସ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି, ପତ୍ନୀ ତାରାବତୀ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୀତିର ରଙ୍ଗ ଖେଳ...

ରଙ୍ଗର ପର୍ବ ହୋଲି ଏଇ ମାତ୍ର ଆସନ୍ତା କାଲି ପାଳିତ ହେବ। ପୁଣି ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଆଉ ମାତ୍ର ଅଳ୍ପ କେତେ ସପ୍ତାହ ପରେ ଆରମ୍ଭ ହୋଇଯିବ। ତା' ପୂର୍ବରୁ କିନ୍ତୁ ରାଜନୀତିର ରଙ୍ଗ ବଦଳି ଚାଲିଛି- କେବେ ମେଣ୍ଟକୁ ନେଇ ତ ଆଉ କେବେ ଦଳବଦଳ, ପୁଣି କେବେ ଗିରଫଦାରୀକୁ ନେଇ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଅରବିନ୍ଦ କେଜ୍ରିଓ୍ୱାଲ ଗିରଫ ହେବା ଏମିତି ଏକ ଖେଳ ନୁହେଁ ତ ? ତାଙ୍କ ଗିରଫ ହେବା ଏଇ ଦୃଷ୍ଟିରୁ ଏକ ଐତିହାସିକ ଘଟଣା ଯେ ସେ ହେଉଛନ୍ତି ପଦରେ ଥିବା ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏକି ଏହି କେନ୍ଦ୍ରୀୟ ଏଜେନ୍ସି ହାତରେ ଦୁର୍ଭାଗ୍ୟର ଶିକାର ହୋଇଛନ୍ତି। ତାଙ୍କର ଗିରଫ ଦ୍ୱାରା କୌଣସି ପ୍ରକାରର ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇଛି କି ନାହିଁ, ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ି ନଥିଲେ ସୁଦ୍ଧା ଏକଥା କିନ୍ତୁ ସତ୍ୟ ଯେ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି ବୋଲି ସମସ୍ତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାଉଁଟିଏ ଯାଇଛି । ତାଙ୍କ ପୂର୍ବରୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥିବା ବେଳେ ଜେ ଜୟଲଳିତା ଅନେକ ଥର ଗିରଫ ହୋଇଥିଲେ ଏବଂ ଏଇ ପ୍ରକ୍ରିୟାରେ ଢେର୍ ଅମର୍ଯ୍ୟାଦାର ଶିକାର ହୋଇଥିଲେ। ସେହିପରି ୧୯୯୭ରେ ଲାଲୁ ପ୍ରସାଦ ଯାଦବ ବିହାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜର ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରାଇ ଥିଲେ ଏବଂ ନିଜେ ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ଶ୍ରୀଯୁକ୍ତ କେଜ୍ରିଓ୍ୱାଲଙ୍କ କ୍ଷେତ୍ରରେ ଏକଥା କିନ୍ତୁ ସେତେ ସ୍ପଷ୍ଟ ନୁହେଁ ଯେ ନିର୍ବାଚନ ଲଢ଼ିବା ଉଦ୍ଦେଶ୍ୟରେ ନିଜ ଦଳ ପାଇଁ ସେ ଅନ୍ୟାୟ ଉପାୟରେ ପାଣ୍ଠି ସଂଗ୍ରହ କରିଥିଲେ କି ନାହିଁ । ଗତ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଶ୍ରୀଯୁକ୍ତ କେଜ୍ରିଓ୍ୱାଲ ଗିରଫ ହେବା ପୂର୍ବରୁ ଏଇ ନାଟକ ଦୀର୍ଘ ପାଞ୍ଚ ମାସ ହେଲା ଚାଲିଥିଲା- ଇଡି ତାଙ୍କୁ ସମନ ଜାରି କରି ଆସୁଥିଲା ବର୍ତ୍ତମାନ ଅଳିଆ ଗଦାକୁ ଫିଙ୍ଗା ଯାଇ ସାରିଥିବା ୨୦୨୧ର ଦିଲ୍ଲୀ ଅବକାରୀ ନୀତିରେ ହୋଇଥିବା ଅନିୟମିତତାରେ ତାଙ୍କର ଭୂମିକାକୁ ନେଇ ଅଭିଯୋଗ ଆଧାରରେ। ଆଉ ଶ୍ରୀଯୁକ୍ତ କେଜ୍ରିଓ୍ୱାଲ ଏହାକୁ ଏକ ରାଜନୀତିକ ପ୍ରତିଶୋଧପରାୟଣତା କହିବା ସହିତ ସେ ଇଡିଦ୍ୱାରା ଗିରଫ ହୋଇ ପାରନ୍ତି ବୋଲି ଆଶଙ୍କା ବ୍ୟକ୍ତ କରି ଆସୁଥିଲେ। ଶେଷରେ ସେ ଗିରଫ ହୋଇଛନ୍ତି, ଯାହାକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ନେତୃତ୍ୱ 'ଗଣତନ୍ତ୍ରର ହତ୍ୟା' ଆଖ୍ୟା ଦେଇଛନ୍ତି। ଶ୍ରୀଯୁକ୍ତ କେଜ୍ରିଓ୍ୱାଲ ପ୍ରକୃତରେ ଦୋଷୀ କି ନୁହନ୍ତି, ତାହା ତ କୋର୍ଟରେ ପ୍ରମାଣିତ ହେବ, ତେବେ ଅଷ୍ଟାଦଶ ଲୋକସଭା ନିର୍ବାଚନ ପୂର୍ବରୁ ତାଙ୍କର ଗିରଫ ହେବା ରାଜନୀତିକ ପାଣି ପାଗକୁ କିଛି ପ୍ରଭାବିତ କରିବ କି ନାହିଁ, ତାହା ହେଉଛି ବର୍ତ୍ତମାନ ସମୟର ବଡ଼ ପ୍ରଶ୍ନ। ଏଇ ପ୍ରଶ୍ନର ଉତ୍ତର ତିନିଗୋଟି ଉପାଦାନର କାର୍ଯ୍ୟକାରିତା ଉପରେ ନିର୍ଭର କରେ। ଗୋଟିଏ ହେଉଛି, ଦିଲ୍ଲୀ ଯେଉଁଭଳି ଭାବରେ ଭୋଟ୍ ଦେଇଥାଏ, ଏଏପି ତହିଁରେ ପରିବର୍ତ୍ତନ ଘଟାଇବାକୁ ଶ୍ରୀଯୁକ୍ତ କେଜ୍ରିଓ୍ୱାଲଙ୍କ ଗିରଫକୁ କାମରେ ଲଗାଇ ପାରିବ କି ? ସୂଚନାଯୋଗ୍ୟ ଯେ ସ୍ଥାନୀୟ ନିର୍ବାଚନରେ ଦିଲ୍ଲୀ ଏଏପିକୁ ନିରନ୍ତର ଭାବରେ ବାଛି ଆସିଥିବା ବେଳେ ଜାତୀୟ ନିର୍ବାଚନରେ ବିଜେପିକୁ ବିଜୟୀ କରି ଆସିଛି । ଆଉ ଚଳିତ ଥର ଦିଲ୍ଲୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି ବିଜେପି ଏବଂ ଇଣ୍ଡିଆ (ଏଇ କ୍ଷେତ୍ରରେ ଏଏପି ଏବଂ କଂଗ୍ରେସ) ମେଣ୍ଟ ଭିତରେ। କିନ୍ତୁ ନିଃସନ୍ଦେହରେ ବର୍ତ୍ତମାନ ସୁଦ୍ଧା ଲକ୍ଷ୍ୟଭୁକ୍ତ ହୋଇଥିବା ସର୍ବାଧିକ ଉଚ୍ଚ ସ୍ତରର ମାମଲା ହେଉଛି କେଜ୍ରିଓ୍ୱାଲଙ୍କର। ଏଇ ପରିପ୍ରେକ୍ଷୀରେ ଏଏପି ଭୋଟରମାନଙ୍କୁ ବୁଝାଇ ପାରିବ କି ବିଜେପି କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ହାତବାରିସୀ ଭାବରେ ବ୍ୟବହାର କରିଛି ଏବଂ ତା' ସହିତ କଂଗ୍ରେସର ଆକାଉଣ୍ଟକୁ ଜବତ କରିବା ଓ ନିର୍ବାଚନୀ ବଣ୍ଡ୍ ସମ୍ପର୍କିତ ତଥ୍ୟକୁ ଏହା ସହିତ ଯୋଡ଼ି ପାରିବ କି ? ପୁନଶ୍ଚ, ଏହା ଇଣ୍ଡିଆ ମେଣ୍ଟର ସବୁ ଦଳଙ୍କୁ ଏକାଠି ବାନ୍ଧି ରଖିବାରେ ସହାୟକ ହେବ କି, ଯାହାର ସଦସ୍ୟମାନେ ବ୍ୟକ୍ତିଗତ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବାକୁ ଉଦ୍ୟମ କରୁଛନ୍ତି ? ତୃତୀୟରେ, ବିଜେପି ଲୋକମାନଙ୍କୁ ବୁଝାଇ ପାରିବ କି ବିରୋଧୀ ଦଳମାନେ ଯାହା ଅଭିଯୋଗ କରୁଛନ୍ତି ଯେ ଏହା କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ରାଜନୀତିକ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ବ୍ୟବହାର କରୁଛି, ତାହା ଠିକ୍ ନୁହେଁ, ବରଂ ଏହା ହେଉଛି ଦୁର୍ନୀତିର ପର୍ଦ୍ଦାଫାଶ କରି ଏହାର ମୂଳୋତ୍ପାଟନ କରିବା ନିମନ୍ତେ ଏକ ଅତ୍ୟାବଶ୍ୟକ ପଦକ୍ଷେପ ଏବଂ ସେହି ଏଜେନ୍ସି ମାନେ ସେମାନଙ୍କର ନିୟମିତ କାମ ନିରପେକ୍ଷ ଭାବରେ କରୁଛନ୍ତି ? ତଦନ୍ତକାରୀ ଏଜେନ୍ସିମାନଙ୍କ ବିରୁଦ୍ଧରେ ଲୋକମାନଙ୍କ ମନରେ ସନ୍ଦେହ ଉପୁଜିବାର କାରଣ, ବର୍ତ୍ତମାନ ସୁଦ୍ଧା ଏହି ଏଜେନ୍ସିମାନେ ସେମାନଙ୍କ ଦକ୍ଷତାକୁ କୋର୍ଟରେ କ୍ୱଚିତ୍ର ପ୍ରଦର୍ଶନ କରି ପାରିଛନ୍ତି। ନିର୍ବାଚନର ବିଗୁଲ ବାଜିବା ପୂର୍ବରୁ ଦେଶରେ ଗଭୀର ଭାବରେ ଧ୍ରୁବୀକରଣ ରହିଥିଲା ବେଳେ ଶ୍ରୀଯୁକ୍ତ କେଜ୍ରିଓ୍ୱାଲଙ୍କ ଗିରଫଦାରୀ, ଯାହା ବ୍ୟାଘାତ ସୃଷ୍ଟିକାରୀ ସଙ୍କେତଗୁଡ଼ିକ ପ୍ରଦାନ କରିଛି, ତାହା ପ୍ରମାଣିତ ହେବାର ଜରୁରୀ ଆବଶ୍ୟକତା ରହିଛି । ସଙ୍ଗେ ସଙ୍ଗେ ଏହି ପ୍ରସଙ୍ଗ ଆଗାମୀ ସମୟରେ ନିର୍ବାଚନରେ କିପରି ଫଳାଫଳ ଆଣୁଛି, ବିଶେଷକରି ଜାତୀୟ ରାଜଧାନୀ ଦିଲ୍ଲୀରେ, ତାହା ଦେଖିବାକୁ ବାକି ରହିଛି। ସୂଚାଇ ଦିଆଯାଇପାରେ ଯେ ଆପର ପ୍ରଭାବ ଥିବା ଦିଲ୍ଲୀ ଲୋକସଭାକୁ ସାତ ଜଣ ସାଂସଦ ନିର୍ବାଚିତ କରୁଥିବା ବେଳେ ପଞ୍ଜାବ ତେର ଜଣଙ୍କୁ ଏବଂ ହରିୟାନା ଦଶ ଜଣ ସାଂସଦଙ୍କୁ ନିର୍ବାଚିତ କରିଥାଏ । ପରିଶେଷରେ ଏତିକି କୁହାଯାଇପାରେ ଯେ ଏଏପି ଏବଂ ଏମିତିକି ଇଣ୍ଡିଆ ମେଣ୍ଟର ଜଣେ ଟାଣୁଆ ନେତା ଭାବରେ ଶ୍ରୀଯୁକ୍ତ କେଜ୍ରିଓ୍ୱାଲଙ୍କ ଗିରଫ ନିର୍ବାଚନ ଉପରେ ଅବଶ୍ୟ ପ୍ରଭାବ ପକାଇବ ; ଏବେ ଅପେକ୍ଷା ରାଜନୀତିକ ରଙ୍ଗ ଖେଳର ଫଳାଫଳକୁ।

## ଶ୍ରଦ୍ଧା, ପ୍ରେମ ଓ ଏକତାର ପର୍ବ 'ହୋଲି'



### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ହୋଲି । ହୋଲି ରଙ୍ଗର ପର୍ବ, ହୋଲି ପ୍ରେମର ପର୍ବ, ହୋଲି ସଂହତିର ପର୍ବ, ହୋଲି ସମ୍ପ୍ରୀତିର ପବ, ହଁ, ବସନ୍ତ ଋତୁର ପର୍ବ । ବସନ୍ତ ପର୍ବ ବି, ଶୀତ ତା କାମ ସହ ଫେରି ଯାଉଛି । ଖରା ତା' କାମ କରିବାକୁ ଆଗେଇ ଆସୁଛି । ଉତ୍ତାପର ଏକ ସନ୍ଧୀକ୍ଷଣ । ଶୀତ ନାହିଁ, ବର୍ଷା ନାହିଁ, ଗ୍ରୀଷ୍ମ ବି ନାହିଁ । ଏଣୁ କାଳ ପ୍ରବାହରେ ଏହା ମଧୁମାସ । ଗଛ, ଗଛରେ ନୂଆ ପତ୍ର । କେତେ ଗଛରେ ନୂଆ ଫୁଲର ବି କଢ଼ି । ନୂଆ ପ୍ରକୃତି ଓ ପରିବେଶ ସହ ଖାପ ଖୁଆଇବା ପାଇଁ ଦେହରେ ଶିହରଣ ଓ ମନରେ ଆବେଗ । ପ୍ରକୃତି ଓ ମଣିଷ ଯେମିତି ଏକ ହୋଇଯାଇଛନ୍ତି । ଦେହ ମନ ବି ଏକାକାର ହୋଇ ଯାଉଛି । ପ୍ରତ୍ୟେକ ପରସ୍ପରକୁ ସମ୍ମୋହନ କରିବାର ଆବେଗ । ସମସ୍ତେ ଚଳଚଞ୍ଚଳ, ସେଇ ହୋଲି ଆସିଛି । ସେ ଆସୁଛି ବସନ୍ତର ସବାରିରେ, ନୂତନ ପତ୍ର ଓ ଫୁଲର ସମ୍ଭାରରେ । ରଙ୍ଗ ବେରଙ୍ଗ ଫୁଲର ସମ୍ଭାରରେ 'ହୋଲି'ର ଅଭିସାର ।

ଆମ ଦେଶ ଭାରତ ପର୍ବ-ପର୍ବାଣୀର ଦେଶ ଭାବେ ସର୍ବବିଦିତ । ଏହାର ବିଶେଷତ୍ୱ ହେଉଛି ଭିନ୍ନତା ମଧ୍ୟରେ ଏକତା । ବିଭିନ୍ନ ଭାଷାଭାଷି, ବିଭିନ୍ନ ଧର୍ମ ତଥା ବିଭିନ୍ନ ରଙ୍ଗର ଲୋକେ ବାସ କରୁଥିଲେ ବି ସମସ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତାଧାରା ପ୍ରବାହିତ । ଏହି ଚିନ୍ତାଧାରାକୁ ସାକାର ରୂପ ଦେବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ପର୍ବମାନ ପାଳନ ହୋଇଥାଏ । ଆମର ଜାତୀୟ ପର୍ବକୁ ବାଦ ଦେଲେ ଏପରି କିଛି ପର୍ବ ରହିଛି ଯାହାକୁ କି ସମଗ୍ର ଦେଶର ଲୋକମାନେ ପାଳନ କରିଥାନ୍ତି । ପ୍ରତ୍ୟେକ ପର୍ବର ପାଳନ ପଛରେ କିଛି ନା କିଛି ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ରହସ୍ୟ ରହିଛି । ତାହା ହୋଇପାରେ ସାମାଜିକ, ବୈଜ୍ଞାନିକ ବା ସାତ୍ତ୍ୱିକ ଅଥବା ଶାରୀରିକ କିମ୍ବା କୃଷିଭିତ୍ତିକ । ଅବଶ୍ୟ ପରେ ସେହି ପର୍ବ ପାଳନର ଧାରାକୁ ବଜାୟ ରଖିବା ପାଇଁ ତାହାକୁ ପୁରାଣର କଥାବସ୍ତୁ ସହ ବି ଯୋଡ଼ା ଯାଇଛି ।

ସେହି ପୁରାଣ ଆଖ୍ୟାରୁ ଗୋଟିଏ ହେଉଛି- 'ହୋଲିକା ଦହନ' । କଥାବସ୍ତୁ ହେଉଛି ଦୁର୍ଦ୍ଦାନ୍ତ ରାକ୍ଷସ ରାଜା ହିରଣାକ୍ଷ ସର୍ବଦା ମନୁଷ୍ୟ ଓ ଦେବତା ମାନଙ୍କୁ ହଇରାଣ କଲା । ଦେବତାମାନଙ୍କ ଅନୁରୋଧ କ୍ରମେ ବିଷ୍ଣୁ ସେହି ଦୂରାଚାରୀ ଅସୁର ରାଜା ସହିତ ଯୁଦ୍ଧ କଲେ । ଯୁଦ୍ଧରେ ହାରି ହିରଣୀକ୍ଷ ପାତାଳ ପୁରରେ ଲୁଚି ରହିଲା । ମାତ୍ର ବିଷ୍ଣୁ 'ଶୁକର' ରୂପ ଧାରଣ କରି ନିଜ ଦାନ୍ତରେ ପୃଥିବୀକୁ ଚିରି ହିରଣୀକ୍ଷକୁ ବଦ୍ଧ କଲେ । ସେହିଦିନ ହିରଣୀକ୍ଷର ସାନଭାଇ ହିରଣ୍ୟକସିପୁ ବିଷ୍ଣୁକୁ ବଦ୍ଧ କରିବାକୁ ପ୍ରତିଜ୍ଞା କଲା । ହିରଣ୍ୟକସିପୁର ପୁତ୍ର ପ୍ରହ୍ଲାଦ, ବିଷ୍ଣୁଙ୍କର ଦିବ୍ୟଗୁର ଶୁଣି ବିଷ୍ଣୁଙ୍କର ପରମ ଭକ୍ତ ହୋଇଗଲା ଓ ସର୍ବଦା ବିଷ୍ଣୁଙ୍କର ନାମ ସ୍ମରଣ କରିବାକୁ ଲାଗିଲା । ପିତା ଅନେକବାର ବାରଣ କଲେ ବିଷ୍ଣୁନାମ ନ ଜପିବାକୁ। ମାତ୍ର ପୁତ୍ର ପିତାଙ୍କ କଥାକୁ କର୍ଣ୍ଣପାତ ନକରି ପୂର୍ବବତ ବିଷ୍ଣୁନାମ ଜପିବାକୁ ଲାଗିଲେ । ଶେଷରେ ପିତା, ପୁତ୍ର ପ୍ରହ୍ଲାଦକୁ ମାରିବା ପାଇଁ ଅନେକ ଉପାୟ ଅବଲମ୍ବନ କଲେ ବି ସବୁଥିରେ ବିଫଳ ହେଲେ । ଶେଷରେ ଭଗିନୀ ହୋଲିକାକୁ ପୁତ୍ରକୁ ମାରିବାକୁ ନିର୍ଦ୍ଦେଶ ଦେଲେ । ପୂର୍ବରୁ ହୋଲିକା ବରପ୍ରାପ୍ତ ହୋଇଥିଲା ଯେ, ସେ କେବେ ବି ଅଗ୍ନିରେ ଦଗ୍ଧ ହେବ ନାହିଁ । ତେଣୁ ପ୍ରହ୍ଲାଦକୁ କୋଳରେ ଧରି ଅଗ୍ନିରେ ପ୍ରବେଶ କଲା । ଉଦ୍ଦେଶ୍ୟ ଥିଲା ପ୍ରହ୍ଲାଦ ଅଗ୍ନିରେ ଜଳି ପାଉଁଶ ହୋଇଯିବ ଓ ଅକ୍ଷତ ଅବସ୍ଥାରେ ସେ ଅଗ୍ନିରୁ ବାହାରି ଆସିବ । କିନ୍ତୁ ପରିଣାମ ହୋଇଥିଲା ଭିନ୍ନ । ହୋଲିକା ଜଳି ପାଉଁଶ ହୋଇଗଲା ଓ ପହ୍ଲାଦ ଅକ୍ଷତ ଅବସ୍ଥାରେ ଅଗ୍ନିରୁ ବାହାରି ଆସିଲେ । ଏହା ଥିଲା ଭଗବତ୍ ଶକ୍ତିର ବିଷୟ ଓ ଅପଶକ୍ତିର ପରାଜୟ । ତେଣୁ ସେହି ଦିନଠାରୁ ହୋଲିକାର ନାମାନୁସାରେ 'ହୋଲି' ପର୍ବ ପାଳିତ ହେଉଅଛି ।ବସନ୍ତ ଋତୁର ଦୁଇଟି ଅଙ୍ଗ 'ଫାଲଗୁନ ଓ ଚୈତ୍ର' । ଫାଲଗୁନ ମାସ ଶିବଙ୍କର ଫଗୁ ଓ ଚୈତ୍ରମାସ କୃଷ୍ଣଙ୍କର 'ହୋଲି'। ଫଗୁ ଦଶମୀ ଠାରୁ ହୋଲିର ପର୍ବ ପ୍ରସ୍ତୁତି ଆରମ୍ଭ ହୋଇଥାଏ ଓ ପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ଚାଲି ତା' ପରଦିନ ହୋଲିରେ ଶେଷ ହୁଏ । ଲୋକ ପର୍ବ ହୋଲି ରଙ୍ଗ ଖେଳ ବିନା ଅଧୁରା ବା ଅପୂର୍ଣ୍ଣ । ଏହି ଉତ୍ସବ ଖେଳ କୁଦ' ଓ ପ୍ରାକୃତିକ ରଙ୍ଗର ହୋଲି ଖେଳ ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ ପକାଇଥାଏ । ଏହିଦିନ ପଳାଶଫୁଲ ରଙ୍ଗରେ ହୋଲି ଖେଳିବା ଦ୍ୱାରା ଶରୀର ଗରମ ସହ୍ୟ କରିବା କ୍ଷମତା ବୃଦ୍ଧିପାଏ ତଥା ମାନସିକ ସନ୍ତୁଳନ ବି ବଜାଇ ରହିଥାଏ । ଆୟୁର୍ବେଦ ଅନୁସାରେ ଏହା କଫ, କୁଷ୍ଠ, ଦାହ, ବାୟୁ ଓ ରକ୍ତଦୋଷ ନାଶ କରିଥାଏ । ଏହି ହୋଲି ପର୍ବ ଆମକୁ ସନ୍ଦେଶ ଦିଏ ଯେ, ଆମ ଜୀବନରେ ଆସୁଥିବା ବାଧା ବିଘ୍ନ ସବୁକୁ --- କରି ଆମକୁ ଅଗ୍ରସର ହେବାର ଅଛି । ଏହିଦିନ ଚଣା ଓ ଶସ୍ୟକୁ ପ୍ରସାଦ ରୂପେ ବିତରଣ କରାଯାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ପର୍ବ ଆମକୁ ଅନ୍ତର୍ମୁଖୀ ହୋଇ ଆତ୍ମା ସହଗ ଆବରଣ ସମସ୍ତ ବାସନା ଓ ଦୃଷ୍ଟ ବିଚାରକୁ ଦହନ କରିବାର ସନ୍ଦେଶ ଦେଇଥାଏ । ମନ୍ଦ ଉପରେ ଭଲର ବା କୁ ଉପରେ ସୁ'ର ବିଜୟ ହିଁ, ଏହି ପର୍ବର ପ୍ରତୀକ ବା ସଙ୍କେତ । 'ହୋଲି'ର ରଙ୍ଗ ଖେଳ ଆମର ସେହି ପଦ ପଦବିର ଆବରଣ ବା ଅହଂକାର ଖୋଳପାରୁ ବାହାରି ଆସି ମଉଜ ମଜଲିସ୍, ଅସ୍ୱଭାବିକ ଚିତ୍କାର ଓ ନାଚଗୀତ ସହ ବାଧାହୀନ ଆହାର ବିହାର ମଧ୍ୟରେ ମସଗୁଲ ହୋଇଯାଆନ୍ତି କିଛି ଘଣ୍ଟା ପାଇଁ । ଗୋଠ ମତିଲେ ଖଣ୍ଡିଆ ମାତିଲା' ପରି ସମସ୍ତେ ଏକାଠି ନାଚଗୀତ ମାଧ୍ୟମରେ ରଙ୍ଗ, ଅବିର ଓ ପିଚିକାରୀକୁ ଉପଯୋଗ କରି ପରସ୍ପର ମଧ୍ୟରେ ରଙ୍ଗ ଖେଳି କରନ୍ତି । ଯୁବ ପିଢ଼ି ଏହି ରଙ୍ଗ ଖେଳରେ ମଜି ରହନ୍ତି । ଆନନ୍ଦ ଉଲ୍ଲାସରେ ମଜଗୁଲ ହୋଇ ଅନେକ ବି ଫଟୋ ଉଠାନ୍ତି ନିଜର ରଙ୍ଗବୋଳା ବସନ ଓ ବିବର୍ଣ୍ଣ ଶରୀରକୁ ନେଇ । ହେଲେ ମଧ୍ୟାହ୍ନ ପରେ ପ୍ରଚୁର ଜଳ ଓ ସାବୁନ ପାଣିରେ ଆତ୍ମ ସମର୍ପଣ କଲେ ଆମର ରଙ୍ଗବୋଳା ଶରୀର ଓ ରଙ୍ଗଭିଜା ବସନ ସବୁ । ସବ୍‌କ ନଇଁଲେ ସ୍ନାନେ ସ୍ନାନେ କବିତା ଆସଇ ବ୍ୟଙ୍ଗ କବି ସମ୍ମିଳନୀ ଓ ନାରେ ପସରା ବସେ । ହସରସ ଭରା ପରିବେଶରେ ପରିବେଶ ମୁଖରିତ ହୁଏ । ଖୁସି ଓ ଆନନ୍ଦରେ ଉବୁଟୁବୁ ହୁଅନ୍ତି ଅଂଶ ଗ୍ରହଣକାରୀ, ଦର୍ଶକ ଓ ଅନ୍ୟମାନେ ।

ସମୟ ବଦଳିଛି । ଯୁଗର ରୁଚିକୁ ନେଇ 'ହୋଲି'ର ଆକର୍ଷଣ ରହିଛି ସିନା, ହେଲେ କମି ନାହିଁ ବା ମଉଳି ନାହିଁ । ଏହି ଅବସରରେ ନିଜର ପଦ, ମର୍ଯ୍ୟାଦା, ଗର୍ବ ଅହଂକାର ସ୍ୱାଭିମାନକୁ ଭୁଲି ଆସ ସମସ୍ତେ ବନ୍ଧୁତ୍ୱ ଓ ଭ୍ରାତୃତ୍ୱର ଡୋରିରେ ବାନ୍ଧି ଏକ ହୋଇ ଯିବା ।




ପ୍ରଜ୍ଞାନୀଡ଼

ବସନ୍ତ ବିହାର, ଶୋଭାରାମପୁର,

ବାଲେଶ୍ୱର-୭୫୬୦୦୧

ମୋ: ୮୮୯୫୨୯୮୮୮୮୪


## ରାଜନୀତି ବଡ ବିଚିତ୍ର !



### ଶ୍ରୀବତ୍ସ ନାୟକ

ସୁରେନ୍ଦ୍ର ମହାନ୍ତି ତାଙ୍କ ନୀଳଶୈଳ ଉପନ୍ୟାସରେ ଲେଖିଥିଲେ ଯେ, 'ରାଜନୀତି ବଡ଼ ବିଚିତ୍ର ! ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ; ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରିତ୍ୱ ଚଲା ମେଘ ପରି ଅସ୍ଥିର । ଏହି ମୁହୂର୍ତ୍ତର ଶତ୍ରୁ ପର ମୁହୂର୍ତ୍ତର ପରମ ସୁହୃଦ ବାନ୍ଧବ। ଯେଉଁ ସମୟରେ ଶତ୍ରୁକୁ ନିପାତ କରିବା ପାଇଁ ଖଡଗ ପ୍ରସ୍ତୁତ ହେଉଥାଏ ତାହା ନିମିଷକ ମଧ୍ୟରେ ଲେଉଟି ଆସି ମିତ୍ରର ଶିର ଛେଦନ କରିପାରେ । ପାରମ୍ପରିକ ପ୍ରତିଦ୍ୱନ୍ଦୀ ଏଠି କେବେ ପରମ ମିତ୍ର ପାଲଟି ଯାଏ ତ ପୁଣି କେବେ ବନ୍ଧୁଟିଏ ବନ୍ଧୁକ ପାଲଟିଯାଏ । ସାମ୍ପ୍ରତିକ ରାଜନୀତି ସୁବିଧାବାଦୀର ଏକ ମହାରଣ୍ୟ ପାଲଟିଗଲାଣି । ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ରାଜନୀତିର ଏକ ଧର୍ମ ବୋଲି ଅନୁଭବ ହେଲାଣି । କ୍ଷମତାର ମୋହରେ ବଶବର୍ତ୍ତୀ ହୋଇ ରାଜନେତାମାନେ ରାଜନୀତିର ମୂଳତତ୍ତ୍ୱକୁ ଭୁଲିଗଲେଣି । ଏହା ଏକ ଖେଳ ହୋଇଗଲାଣି ରାଜନେତା ଭଳି ଚତୁର ଲୋକମାନେ ଏହାକୁ ଖେଳୁଥିବା ବେଳେ, ଆମ ଭଳି ଅଶିକ୍ଷିତ, ନିରୀହ, ଗାଉଁଲି, ନିଷ୍କପଟ ଲୋକମାନେ ଯେଉଁ ମାନେ ରାଜନୀତିର ସଂଜ୍ଞା କଣ ଜାଣନ୍ତିନି ସେମାନେ ଦିନ ସାରା ବସି ଏହାର ଚର୍ଚ୍ଚାଲୋଚନା କରି ନିଜ ସାଙ୍ଗ, ସାଥୀ, ବନ୍ଧୁ, ବାନ୍ଧବ, ପ୍ରିୟ, ପରିଜନଙ୍କ ସହ ସମ୍ପର୍କ ଖରାପ କରିଚାଲନ୍ତି ।

ପାଖେଇ ଆସିଲାଣି ଗଣତନ୍ତ୍ରର ମହାପର୍ବ । ଆଉ ଦିନ କେଇଟା ପରେ ସର୍ବଧମ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଅଷ୍ଟାଦଶ ଲୋକସଭା ନିର୍ବାଚନ ସାଙ୍ଗକୁ ଓଡ଼ିଶା ସମେତ ଚାରୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ । ଭୋଟରମାନେ ମତଦାନ ସାବ୍ୟସ୍ତ କରି ଗଠନ କରିବେ ସରକାର । ଏହାକୁ ନେଇ ପଲ୍ଲୀରୁ ଦିଲ୍ଲୀ, କାର୍ଯ୍ୟକ୍ଷେତ୍ରରୁ କୃଷିକ୍ଷେତ୍ର, କ୍ରୀଡା କ୍ଷେତ୍ରରୁ ରଣକ୍ଷେତ୍ର ଯାଏଁ ସବୁଠି ଚର୍ଚ୍ଚା । କିଏ ଗଢ଼ିବ ସରକାର ? କେଉଁଠି କାହାର ପଲ୍ଲା ଭାରି ରହିଛି ? କାହାର କଟିବ ଟିକେଟ ? କିଏ ପାଇବ ଟିକେଟ ? ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଗଲାଣି । ଆଜିକାଲି ଗଣମାଧ୍ୟମର ଶିରୋନାମା ପଲଟିଯାଇଛି ଏହି ରାଜନୀତି । ନିର୍ବାଚନ ଯେତିକି ପାଖଉଛି ତାହାର ଉଷ୍ମତା ସେତିକି ବଢ଼ିବଢ଼ି ଯାଉଛି । ଗ୍ରୀଷ୍ମର ତାତି ଅପେକ୍ଷା ରାଜନୈତିକ ଉଷ୍ମତା ବେଶ୍ ଅନୁଭବ ହେଉଛି । ନେତାଙ୍କଠୁ ଆରମ୍ଭ କରି ଜନତା ସଭିଏଁ ଚଳଚଞ୍ଚଳ । ନିର୍ବାଚନ ଆସିବାରୁ ସବୁ କିଛି ବଦଳିବାରେ ଲାଗିଛି। ମାଳ ମାଳ ବ୍ୟାନର । କାନ୍ଥ ବାଡ଼ ସବୁ ରଙ୍ଗୀନ ହୋଇଗଲେଣି । ନେତାମାନେ ନିର୍ବାଚିତ ହୋଇ ଶାସନଭାର ସମ୍ଭାଳିବାକୁ ଯେତିକି ବ୍ୟଗ୍ର ହେଲେଣି ଜନତା ମାନେ ମଧ୍ୟ ନିର୍ବାଚନ ମାଧ୍ୟମରେ ନିଜର ମନ ପସନ୍ଦ ବାଛିବା ପାଇଁ ଠିକ୍ ସେତିକି ତତ୍ପର ହୋଇ ଉଠିଲେଣି ।

ବିଶ୍ୱର ସପ୍ତ ଆଶ୍ଚର୍ଯ୍ୟ ଭଳି ଭାରତର ରାଜନୀତି ମଧ୍ୟ ଏକ ଆଶ୍ଚର୍ଯ୍ୟ ! ଏଠି ସମ୍ଭବ ହେଉଥିବା ଅନେକ କାର୍ଯ୍ୟ ଅସମ୍ଭବ ହୋଇପଡେ ତ କେବେ ସମ୍ପୂର୍ଣ୍ଣ ଅସମ୍ଭବମନେ ହେଉଥିବା କାର୍ଯ୍ୟ ସମ୍ଭବ ପର ହୋଇପାରେ । ବେଙ୍ଗ କୁହେ ବେଙ୍ଗୁଲି ଲୋ ପୃଥୀ କ୍ଷଣ କ୍ଷଣକେ ଆନ । ଉକ୍ତିଟିର ଯଥାର୍ଥତା ବେଶ୍ ପ୍ରତିଫଳିତ ହେଉଛି ଆମ ରାଜନୀତିରେ । ରାଜନୀତିରେ ପ୍ରତିକ୍ଷଣ ହେଉଛି ପରିବର୍ତ୍ତନର । କେହି ଏଠି କାହାର ନୁହନ୍ତି। କିଏ ଆପଣାର ନୁହନ୍ତି,କି କେହି ପର ନୁହନ୍ତି । କେତେବେଳେ ଏଠି ଦୂର ଅପରିଚିତ ବ୍ୟକ୍ତିଟିଏ ଅତି ନିଜର ହୋଇଯାଏ ତ କେବେ ନିଜର ଥିବା ବ୍ୟକ୍ତି ସାତ ପର ହୋଇଯାଏ । ଏକଦା ଏକ ସମୟ ଥିଲା ରାଜନୀତିରେ କର୍ମୀମାନେ ନେତା ବାଛୁଥିଲେ କିନ୍ତୁ ଅଧୁନା ନେତାମାନେ କର୍ମୀ ବାଛିବା ଆରମ୍ଭ କରିଦେଲେଣି । ସଭା ସମିତି, ରାଲି ଆଦିରେ ନେତା ମାନେ ପ୍ରଚୁର ପରିମାଣର ଅର୍ଥ ପ୍ରଲୋଭନ ଦେଖାଇ କିମ୍ବା ମୁଣ୍ଡ ପିଛା ପାଞ୍ଚଶହ କିମ୍ବା ହଜାର ଟଙ୍କା ଦେଇ ଲୋକମାନଙ୍କୁ ଆଣି ସଭା ସମିତିରେ ରୁଣ୍ଡ କରି ନିଜର ଶକ୍ତି ପ୍ରଦର୍ଶନ କଲେଣି । ଆଜି ଯିଏ ଗୋଟିଏ ରାଜନୈତିକ ଦଳରେ ଏକ ନିର୍ଦ୍ଦିଷ୍ଟ ନେତା ପାଇଁ ପ୍ରଚାର କରୁଛି କାଲି ଟଙ୍କା ନେଇ ଆଉ କାହା ପାଇଁ ପ୍ରଚାର କଲାଣି । ଏହା ହେଉଛି ରାଜନୀତି ଯେଉଁଠି ନେତାଟିଏ କୌଣସି ଏକ ଦଳରୁ ଟିକେଟ ପାଇଁ ଚେଷ୍ଟା କରୁଛି ଫଳରେ ଦଳ ପାଇଁ ଜିନ୍ଦାବାଦ୍ ଜିନ୍ଦାବାଦ୍ କରୁଛି କିନ୍ତୁ ଟିକେଟ ନମିଳିଲେ ଦଳକୁ ମୂର୍ଦ୍ଦାବାଦ୍ କହିବାକୁ ପଛାଉନାହିଁ । ଏଠି ବାପା ଯେଉଁ ଦଳରୁ ବିତାଡିତ ହେଉଛି ପୁଅ ଠିକ୍ ସେହି ଦଳରୁ ନିର୍ବାଚନ ଲଢୁଛି । ବୋହୂ ଗୋଟିଏ ଦଳକୁ ସମର୍ଥନ କରୁଥିବା ବେଳେ ଶ୍ୱଶୁର ଅନ୍ୟ ଏକ ଦଳକୁ ପ୍ରତିନିଧିତ୍ୱ କରୁଛି । ଦଳର ଶୃଙ୍ଖଳା ଭଙ୍ଗକରି ଦଳରୁ ନିର୍ବାସିତ ହୋଇଥିବା ନେତା ମଧ୍ୟ ଦଳକୁ ଫେରୁଛି। କ୍ଷମତା ମୋହରେ ଛନ୍ଦି ହୋଇ ନେତାମାନେ ଦଳ ଡିଆଁ କରୁଛନ୍ତି । ନୀତି ନୈତିକତା ପଛରେ ପଡିଛି କିନ୍ତୁ କ୍ଷମତା ପାଇଁ ଲମ୍ଫ ଘୋଡ଼ା ଦୌଡ଼ ଆରମ୍ଭ ହେଉଛି। ରାଜନୀତି ଏଭଳି ଏକ କ୍ଷେତ୍ର ପାଲଟି ଯାଇଛି ଯେଉଁଠି ନେତାମାନେ ନିଜର ଆଦର୍ଶବାଦକୁ ଭୁଲିଯାଇ କ୍ଷମତାର ପଛରେ ପଡ଼ିଯାଇ ଥାଆନ୍ତି । ଏଠି ମାଟି ଆଗ ନୁହେଁ ବରଂ ପାର୍ଟି ଆଗ । ରାଜନେତା ମାନଙ୍କର ମୃତ୍ୟୁ ପରେ ସହାନୁଭୂତିକୁ ଆୟୁଧ କରି ତାଙ୍କର ଅଧୁରା ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବା ପାଇଁ ସେମାନଙ୍କର ଉତ୍ତରାଧିକାରୀ ଭାବେ ରାଜନୀତିକୁ ଓହ୍ଲାଉଛନ୍ତି କିଛି ବ୍ୟକ୍ତି । ଏଠି ପ୍ରତିଶ୍ରୁତି ମିଳେ । ଏଠି ପ୍ରତାରଣା ମଧ୍ୟ ମିଳେ । କ୍ଷମତା ହାସଲ କରିବା ପାଇଁ ଏ କ୍ଷେତ୍ରରେ ନେତାମାନେ ସ୍ୱପ୍ନର ସୌଦାଗର ସାଜି ଜନତାମାନଙ୍କୁ ସୁନାର ସୌଧ ଓ ମୁକ୍ତାର ମହଲ ତିଆରି କରିବା ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି କିନ୍ତୁ ନିର୍ବାଚନ ସରିଲେ ପ୍ରତିଶ୍ରୁତିକୁ ଭୁଲି ଯାଆନ୍ତି ନେତମାନେ, ଫଳରେ ଜନତାଙ୍କୁ ମିଳେ ଖାଲି ପ୍ରତାରଣା। ଏଠି କେହି କାହାର ଶତ୍ରୁ ନୁହନ୍ତି କି କେହି କାହାର ମିତ୍ର ନୁହନ୍ତି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ ନେତାମାନେ ପରକୁ ଆପଣା ଓ ଆପଣାରକୁ ପର କରିପାରନ୍ତି । ଏଠି ଶତ୍ରୁକୁ ନିଧନ କରିବା ପାଇଁ ଅସ୍ତ୍ର ପ୍ରସ୍ତୁତ ହୁଏ କିନ୍ତୁ ନିମିଷକ ମଧ୍ୟରେ ଏହା ଓଲଟି ପଡ଼ି ମିତ୍ରର ମସ୍ତକ ଛେଦନ କରେ। ପାଦ ଧରୁଥିବା ଲୋକ ଏଠି ସମୟ ଆସିଲେ ମସ୍ତକ ଛେଦନ କରିବାକୁ ପଛାଏ ନାହିଁ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମୁହିକ ସ୍ୱାର୍ଥ ବଳି ପଡେ । କିଏ ଏଠି ଘରକୁ ବାହୁଡୁଛି ତ କିଏ ଘରୁ ବାହାରି ଯାଉଛି। ଏହା ଏମିତି ଏକ କ୍ଷେତ୍ର ପାଲଟିଗଲାଣି ଯେଉଁଠି କିଛି ବି ସମ୍ଭବ ପର ମନେ ହୁଏ। କାଲି ଯିଏ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଥିଲା ଆଜି ସେ ନିଜ ଦଳରେ ସାମିଲ ହେଉଛି। ସମାଲୋଚିତ ହେଉଥିବା ବ୍ୟକ୍ତି ବି ପ୍ରଶଂସାର ପାତ୍ର ହୋଇପାରିଛି । ଦେଶ ସେବା ନାମରେ ନିରୀହ ଜନସାଧାରଣ ମାନଙ୍କୁ ଭଣ୍ଡେଇବା ପାଇଁ ଏକ ପ୍ରମୁଖ କ୍ଷେତ୍ର ହେଉଛି ରାଜନୀତି । ଦେଶ ସେବା ପାଇଁ ନେତାମାନେ କ୍ଷମତାର ଦାସୀ ପାଲଟିଯାଇଛନ୍ତି । କଣ ସେବା ପାଇଁ କ୍ଷମତା ନିହାତି ଜରୁରୀ? ସତରେ ବଡ଼ ବିଚିତ୍ର ଏ ରାଜନୀତି । ଏଠି କିଛି ଲୋକ କ୍ଷମତା କୁ ଆସିବା ପାଇଁ କଳ,ବଳ ଓ କୌଶଳ ଲଗାଇ ଥାଆନ୍ତି। ରାଜନୀତିରେ କି ରସ ଅଛିଲୋ ପାନ କଲା ଲୋକ ଜାଣିଛି । ହଁ ଅଛି ନିଶ୍ଚିତ ଅଛି କାହିଁକି ନା ଥରେ କ୍ଷମତାକୁ ଆସିଲେ ତିନି ପୁରୁଷ ଉଦ୍ଧାର ହୋଇଯିବ କାହିଁକି ବା ହେବନି ?

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ଈଶ୍ୱର

### ଦିନେଶ ମେହେର



କେହି ଜଣେ ତ ଅଛି
ମୁଣ୍ଡେଇନବାକୁ ଦୁନିଆର ସବୁ
ଆଶାଭଙ୍ଗ ହୃଦୟର ଜ୍ୱଳନ,

କେଉଁଠି, କାହା ପାଖରେ ଜାଣେନା
ହେଲେ କେଉଁ ଏକ ଅପହଞ୍ଚ
ଇଲାକାରେ
ନିଜ ଆଧିପତ୍ୟ ସ୍ଥାପନ କରି
ସେ ରହି ଆସିଛି ଇତିହାସର
ଅନାମ ଯୁଗରୁ;

ଜାଣିଛି,
ବେଳେ ବେଳେ
ହସେଇ, କନ୍ଦେଇ ଦେଉଥିବା ଭାଗ୍ୟ
ସବୁ
ନାଚି ଉଠନ୍ତି ତା' ପଦେ
ଇଶାରାରେ,
ନିରାଶର ଶିକାର ହେଇ
ଆଖି ଲୁହରେ ତିନ୍ତି ସାରିଥିବା
ପାଣିଚିଆ ପାଣିଚିଆ ଜୀବନ
ପୁଣି ଖେଳି ଉଠେ
ତାର ଗୋଟେ ଝଲକ ରେ !

କିଏ ସେଇ ଅଦୃଶ୍ୟ ସତ୍ତା,
ଜାଣେନା ତାର ସଂଜ୍ଞା
କିନ୍ତୁ ବେଳେ ବେଳେ ଯେ
ଅତଳ ଜଳଧିରେ ବୁଡି ଯାଉଥିବା
ଶରୀରକୁ
ପ୍ରାଣଡ଼ଙ୍ଗା ଦେଖେଇ,
ବାଟ କଢ଼େଇ ନିଏ ସାଗର ଗର୍ଭରୁ।

କାହିଁକି କେଜାଣି ?
ତାର ସ୍ଥିତି ପ୍ରତି ଅପରିଚିତ;
ଏଇ କଥା ଜାଣି ବି'
ବାରମ୍ବାର ଇଚ୍ଛା ହୁଏ
ତା ପାଦପଦ୍ମ ରେ
ଥରେ ମୁଣ୍ଡ ନୁଏଁଇବାକୁ !

ପଳାସ, କଳାହାଣ୍ଡି

## ଫଗୁଣ କାପାଇଁ କେମିତି

### ସିଦ୍ଧେଶ୍ୱର ତ୍ରିପାଠୀ

ଏଇ ଧାଁ ଦଉଡର ଜୀବନ
କେତେ ଅଧୁରା ସ୍ୱପ୍ନ
ମାର୍ଚ୍ଚ ମାସର ଟାର୍ଗେଟ
ଧୁ ଧୁ ଖରା
ଆଉ ମୋ ଏକେଲାପଣ ।

ମୋ ଦୁଇ ପାଖରେ
ଚାରୋଟି ଥକିଲା ଆଖି
ଅହରହ ଚାଲିଥାଏ
ସ୍ୱପ୍ନର ସଉଦା
ସବୁଠି ରଙ୍ଗର ଉତ୍ସବ
ମୋ ଦେହ ମନ ସେମିତିକା ଫିକା ।

କେହିଜଣେ ଆସେନାହିଁ
ହାତେ ରଂଗଧରି
ଛଳଛଳ ହୁଏ ମୋର
ଏଇ ଦୁଇ ଆଖି

ବାରବାର ଲେଖିଲେବି
ବିରହ କବିତା
ଏ ବିରହ ସରେନି କାହିଁକି ?

ଚାରିପଟେ ମହମହ ଝୁଣା ଘିଅ ଦୀପ
ସୁମନ କସ୍ତୁରି ଆଉ ଚନ୍ଦନ କର୍ପୂର
ଭାବଭକ୍ତି ସମର୍ପଣ ବେଳ
ପୁଣି କେଇଘଡି ପରେ
ଛଳନା ଦୁର୍ଗନ୍ଧ ଆଉ ଜୀବନ
ଜଞ୍ଜାଳ।

କେତେ ଶବ୍ଦ ମିଳନର ଗୀତ
ଆଉ କେତେ ବିରହ ସଙ୍ଗୀତ
ଭାଗ୍ୟ ଗ୍ରହ ନକ୍ଷତ୍ରର ଖେଳ
ଭୂମି କର କପାଳର ଫଳ ।

କିଏ ଦେଖେ ଫଗୁଣର ରଙ୍ଗ
ଅବିରକୁ ଛୁଇଁ
ମୁଁ ଖୋଜେ ମଳୟ ପରଶ
ଟିକେ ପ୍ରୀତି ମିଳନର ଛାଇ ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

## ନୀଳ ରଙ୍ଗ

### ପୁଷ୍ପାଞ୍ଜଳି ପଣ୍ଡା



ତମ ରଙ୍ଗରେ ରଙ୍ଗେଇ ହେବାକୁ
ଅନେକ ରଙ୍ଗକୁ
ଫିକା କରିବା ଲୋଡା ପଡ଼େ
ତା'ପରେ
ତମ ରଙ୍ଗ ଚଢେ।
ତୁମ ରଙ୍ଗରେ ବୁଡି
ନୀଳ ଦିଶେ
ବୀବର୍ଣ୍ଣ ପୃଥିବୀ।
ନୀଳ ଦିଶେ
ଧୂସର ଆକାଶ
ନୀଳ ଦିଶେ
ଲବଣ ସମୁଦ୍ର ।
ହେ ନୀଳ ପୁରୁଷ,
ଶୁଣ,
ଏଇ ହୋଲିରେ
ଏଇ ପୂର୍ଣ୍ଣିମା ରେ
ବାଳି ଦିଅ ଟିକେ ତୁମ
ଘନ ନୀଳ ରଙ୍ଗର ଅବିର
ପବିତ୍ର ହେଇଯାଉ ଏ
ମୃତ୍ୟୁ ମୁଖୀ ଶରୀର।
ଜାଣିଛ,
ଅନେକ ଦିନରୁ
ଏ ଦେହ ଆଉ ଏ ମନ
ରଙ୍ଗ ମାଖି
ବିଭୋର ଦେଇନାହାନ୍ତି
ପତ୍ରଝଡ଼ା ଋତୁରେ
ଦେଖି ନାହାନ୍ତି
ନବ ପଲ୍ଲବର
ପଲ୍ଲବିତ ବେଶ।
ହେ ରାଧାଈଶ,
ପ୍ରାଣ ହେଉ ମଧୁମୟ
ଆତ୍ମା ହେଉ କୃଷ୍ଣ ମୟ
ହୋଲି ହେଉ ପ୍ରେମମୟ
ନୀଳ ରଙ୍ଗେ ହେଉ ରଙ୍ଗାୟିତ
ଏ ସାରା ଜଗତ ।

କେନ୍ଦ୍ରାପଡ଼ା

ମୋ: ୮୯୧୭୪୧୬୨୫୧



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୧୧



ଡ.ସିନ୍ଧୁ ସେନ୍

ରହିଛନ୍ତି, ସେମାନେ ମଧ୍ୟ ଉପଲବ୍ଧି କରି ପାରୁଥିବେ, ରାମଙ୍କ ସାନ୍ନିଧ ଲାଭ କରି ସେମାନଙ୍କ ଜୀବନ ମଧ୍ୟ ଧନ୍ୟ ହୋଇ ଯାଇଥିଲ। ମୋ ମନରେ ତେଣୁ ମାତାମହ ପ୍ରତିହିଂସାର ବୀଜ ବୁଣି ଦେଇ ଗୋଟିଏ ଦୃଷ୍ଟିରୁ ମୋର କିଛିଟା ଉପକାର କରିଛନ୍ତି। ଦେବତା, ମୁନିଋଷି ମାନଙ୍କ ବିପକ୍ଷରେ ଲଢ଼ିବା ପାଇଁ ଉତ୍ସାହିତ କରିଛନ୍ତି । ସେଦିନ ମାତାମହଙ୍କ ପ୍ରରୋଚନାରେ ଅନ୍ଧାରକୁ ଆଲୋକ ଭଳି ମଣିଥିଲି । ବିଷକୁ ଅମୃତ ଜ୍ଞାନ କରି ପିଇ ଦେଇଥିଲି। ତାହାହିଁ ଆଜି ମୋର କୃତକର୍ମର ଫଳ ।

ମୋତେ ତେଣୁ ଯିଏ ଯେଉଁ ନାମରେ ନାମିତ କରନ୍ତୁ ନା କାହିଁକି, ମୋ ପିଠରେ ଯିଏ ଯେତେ କଳଙ୍କର ମୋହର ବସାଇ ଦିଅନ୍ତୁ ନା କାହିଁକି, ମୁଁ କିନ୍ତୁ ଆଗାମୀ ପିଢ଼ି ମାନଙ୍କ ନିକଟରେ 'ଦୁରନ୍ତ ଶିଖା'ଟିଏ ଭଳି ସେମାନଙ୍କ ହୃଦୟ ମଧ୍ୟରେ ଉଦ୍‌ଜୀବିତ ରହିବାକୁ ଚାହେଁ ।

॥ ଛଅ ॥

ନିରବତା ହିଁ ସାଧନାର ପ୍ରଥମ ସୋପାନ । ତପସ୍ୟା ମଧ୍ୟ ଏକପ୍ରକାର ସାଧନା, ବିନା ଏକାଗ୍ରତାରେ ତପସ୍ୟା ହୋଇପାରେନି । ନିଷ୍ଠା, ମାନସିକ ସ୍ଥିରତା, ଏକାଗ୍ରତା ତପସ୍ୟାର ମୂଳମନ୍ତ୍ର । ନୀତି ଶୃଙ୍ଖଳା ମଧ୍ୟରେ ବାନ୍ଧି ହୋଇ ରହିବା ହି ତ ତପସ୍ୟାର ଅନ୍ୟନାମ । ଯେଉଁଠି କାମନା ଅବା ବାସନା, କାମନା ଶୂନ୍ୟ ପ୍ରାର୍ଥନା ହିଁ ତପସ୍ୟା । ମୁନିଋଷି ମାନେ ତେଣୁ ପ୍ରାର୍ଥନା କରି ପ୍ରଥମେ ନିଜ ମନକୁ ସଂଯତ କରୁଥିଲେ ।

ତପସ୍ୟା... ତପସ୍ୟା... ତପସ୍ୟା...

ଜୀବନଟା ହିଁ ତପସ୍ୟା, ମଣିଷ ଜନ୍ମଲାଭ କରିଛି କର୍ମସାଧନ ପାଇଁ, ଆଉ କର୍ମର ପ୍ରତିକ୍ଷେତ୍ରରେ ଆବଶ୍ୟକ ତପସ୍ୟା । ବିନା ତପସ୍ୟାରେ ସୃଷ୍ଟି ମଧ୍ୟ ସମ୍ଭବ ନୁହେଁ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ମଧ୍ୟ ସୃଷ୍ଟି କରିବା ପୂର୍ବରୁ ତପସ୍ୟା କରିବାକୁ ପଡ଼ିଥିଲା । ଯେକୌଣସି ଭଲକାମ କରିବା ପୂର୍ବରୁ ତପସ୍ୟା କରିବାକୁ ପଡ଼େ । ତପସ୍ୟା ହିଁ ଦିଗ୍‌ଦର୍ଶନ ଦିଏ ଶୁଭକର୍ମର ବାଟ ଫିଟାଇ ଦେଇଥାଏ ।

ତପସ୍ୟାର ମହତ୍ତ୍ୱ ବିଷୟରେ ମୁଁ ସଂପୂର୍ଣ୍ଣ ଅଜ୍ଞ ନୁହେଁ । ମାତାମହ ମୋତେ ତପସ୍ୟା କରିବାକୁ ଉପଦେଶ ଦେଇଥିଲେ । ମାତ୍ର ପିତାଙ୍କ ଆଶ୍ରମରେ ବ୍ରହ୍ମଚର୍ଯ୍ୟ ଧର୍ମ ପାଳନ କରିବା ତ ଆମ ସମସ୍ତ ଋଷିକୁମାର ମାନଙ୍କ ପାଇଁ ଏକପ୍ରକାର ତପସ୍ୟା । ବିନା ତପସ୍ୟାରେ ମୁଁ କ'ଣ କେବେ ବେଦ, ଉପନିଷଦର ମନ୍ତ୍ର ଗୁଡ଼ିକ କଣ୍ଠସ୍ଥ କରିପାରିଥାନ୍ତି । ବାପା ମୁହଁରୁ ଶୁଣିଛି ପରମାତ୍ମା ସଂସାରକୁ ସୃଷ୍ଟି କରିବା ପାଇଁ ତପସ୍ୟା କରିଥିଲେ । ତପସ୍ୟାର ଫଳସ୍ୱରୂପ ଏ ସାରା ସଂସାରର ସୃଷ୍ଟି । ତେଣୁ ଜୀବନରେ ସିଦ୍ଧି ହାସଲ କରିବାକୁ ହେଲେ ପ୍ରଥମେ ତପସ୍ୱୀ ହେବାକୁ ପଡ଼ିବ । ତପସ୍ୟାର ମଧୁମୟ ଫଳ ପ୍ରାପ୍ତିରେ କାର୍ଯ୍ୟସିଦ୍ଧି ହୋଇଥାଏ । ମୋତେ ତେଣୁ ସିଦ୍ଧିର ସୋପାନ ସମ୍ବନ୍ଧରେ ଜ୍ଞାନ ମିଳିଗଲା । ପିତାଙ୍କ ଆଶ୍ରମରେ ମୁଁ ଯେବେ ବାଳୁତ ଥିଲି ତପସ୍ୟାର ଅର୍ଥ ପ୍ରତି ସେତେଟା ଧ୍ୟାନ ଦେଇ ନଥିଲି । ସଦା ଚଳଚଞ୍ଚଳ କିଶୋର ମନରେ ଏତେବଡ଼ ସାଧନାର କଥା ଭାବିଥାନ୍ତି କିଭଳି । ଧୀରେଧୀରେ ଯେବେ ବଡ଼ ହେଲି ପ୍ରାର୍ଥନାର ମହତ୍ତ୍ୱ ବୁଝିଲି ତପସ୍ୟା ଆଉ ସିଦ୍ଧିଲାଭର ଜ୍ଞାନ ପାଇଲି । ମନେମନେ ସଂକଳ୍ପ ନେଇଥିଲି ବଡ଼ ହେଲେ ମୁଁ ମଧ୍ୟ କିଛି କିରିକି ଦେଖାଇବି । ଜଗତ ଜାଣିବ ରାବଣ ମଧ୍ୟ କେଉଁ ଗୁଣରେ କମ୍ ନୁହେଁ ।

ମାତାମହଙ୍କ ମୁହଁରୁ ସେଦିନ ତପସ୍ୟାର କଥାଟା ମୋ ମନକୁ ପାଇଥିଲା । ଭାବିଲି ମୁଁ ନିଶ୍ଚୟ ସାଧନା କରିବି । ନିଷ୍ଠାପର ତପସ୍ୟା ମାଧ୍ୟମରେ ମୋର ଇପ୍‌ସିତ ବସ୍ତୁକୁ ଖୋଜିନେବି । ପିତାଙ୍କ ଆଶ୍ରମରେ ଅଧ୍ୟୟନ କରିବା ସମୟରେ ମୋତେ ତ ଅନେକ ଅନୁଶାସନ, ଶାରୀରିକ କ୍ଲିଷ୍ଟତା ମଧ୍ୟରେ ଦିନ ଅତିବାହିତ କରିବାକୁ ପଡୁଥିଲା । ମୋ ପାଇଁ ତେଣୁ ତପସ୍ୟା କରିବା କଷ୍ଟ ହେବନି। ମୁଁ ଯେ ମୋ ସାଧନା ପଛରେ ସଫଳ ହେବି, ଏ ଦୃଢ଼ ବିଶ୍ୱାସ ମୋ ମନରେ ଜାତ ହେଲା । ବେଦ, ଉପନିଷଦରୁ ମୁଁ ତ ଏହିକଥା ଶିଖିଥିଲି । ତେଣୁ ତପସ୍ୟାକୁ ନେଇ ମୁଁ ଭାଂଗିପଡ଼ିବି କାହିଁକି । ସ୍ଥିର କଲି ମୁଁ ନିଜେ ଘୋର ତପସ୍ୟାରେ ବୁଡ଼ି ରହିବି ।

ମୋତେ ତେଣୁ ଏବେ ପିତୃଆଶ୍ରମ ଛାଡ଼ିବାକୁ ପଡ଼ିବ । ମାତାମହଙ୍କ କଥାରେ କେବଳ ମୁଁ କାହିଁକି, ମୋ ତଳ ଦୁଇଭାଇ କୁମ୍ଭକର୍ଣ୍ଣ ଆଉ ବିଭୀଷଣ ମଧ୍ୟ ପିତୃଆଶ୍ରମରୁ ବାହାରି ଆସିଲେ । ସାନଭଉଣୀ ସୂର୍ପଣଖା କ'ଣ ଆଉ କରିଥାନ୍ତା ସେ ତ ମାଆଙ୍କୁ ଛାଡ଼ି ରହିପାରିବ ନାହିଁ । ତେଣୁ ଆମେ ତିନିଭାଇ, ଭଉଣୀ ସମସ୍ତେ ମାତାଙ୍କ ସହ ଆସି ମାତାମହଙ୍କ ଘରେ ରହିଲୁ । ଆଉ ଆମେ ସବୁ ଆଶ୍ରମ ପରିତ୍ୟାଗ କରି ରାକ୍ଷସ ମାନଙ୍କ ମେଳରେ ରହିଲୁ । ସେହିଦିନ ଠାରୁ ଆମ ଉପରେ ମାତାମହଙ୍କ କର୍ତ୍ତୃତ୍ୱ ରହିଲା ।

ମୁଁ ସିନା ତପସ୍ୟା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିଲି । ହେଲେ ସେଦିନର ସେଇ ଉତ୍ସବର ଆକର୍ଷଣ ଅଚିହ୍ନା ତରୁଣୀଟିର ସ୍ୱର୍ଶ ମୋତେ ଆନମନା କରୁଥିଲା । ତାର କାମନା ବାସନା ମୋ ମନରେ ବେଗକୁ ତୋଳୁଥିଲା। ଅନେକ ଦ୍ୱନ୍ଦ୍ୱ ମୋତେ ବାଟବଣା କରି ଦେଉଥିଲା । ଏକପଟେ ତପସ୍ୟାର ସିଦ୍ଧିଲାଭ ଅନ୍ୟପଟେ ଦୈହିକ ଆକର୍ଷଣ ମୋତେ ଟାଣି ଧରୁଥିଲା । ନିଜ ବିବେକକୁ ଛାଟ ମାରି ଶାସନ କଲି । ଏ ସମୟରେ ଏମିତି ଭାବନା ମନରେ ଶୋଭା ପାଏନା। ନିଜକୁ ସଂଯତ ରଖିବାକୁ ପଡ଼ିବ। ପ୍ରଥମେ ସାଧନାର ସିଦ୍ଧି । ତାପରେ ଆଉ ସବୁ ।

ମୁଁ ରାବଣ । ପିଲାଟି ଦିନରୁ ଭୀଷଣ ଜିଦ୍‌ଖୋର । ଯାହା ଥରେ ନିଷ୍ପତ୍ତି ନିଏ ତାକୁ କାର୍ଯ୍ୟକାରୀ କରିବାକୁ ପଛାଏ ନାହିଁ। ତପସ୍ୟା କରିବାକୁ ନିଷ୍ପତ୍ତି ନେଇଛି ମାନେ ମୋତେ ତପସ୍ୟାରତ ହେବାକୁ ହିଁ ପଡ଼ିବ। ଯିଏ ମୋତେ ଯେତେ ଗୋଡ଼ ଟାଣୁ ପଛେ ମୁଁ କାହାରି କଥାରେ ପଛକୁ ଫେରି ପାରିବି ନାହିଁ । କଦାପି ନୁହେଁ । ଆଗକୁ ବଢ଼ିବା ମୋର ଧର୍ମ । କେଜାଣି, ଆଗାମୀ ଦିନରେ ମୋ ଜୀବନ ଖାତାରେ କ'ଣ ଲେଖା ହୋଇଚି । ତେଣୁ ଠିକ୍ କଲି ତପସ୍ୟାକୁ ଯିବା ପୂର୍ବରୁ ସେହି ଅପରିଚିତା ତରୁଣୀ ସହ ଆଦୌ ଦେଖା କରିବି ନାହିଁ। ଯଦିବି ଅକସ୍ମାତ ଦେଖା ହୋଇଯାଏ । ସେ ଯେତେ ବାରଣ କଲେ ମଧ୍ୟ କିଛି ଶୁଣିବିନି। ବରଂ ଏଭଳି ଏକ ମହତ୍ କାର୍ଯ୍ୟରେ ସେ କୌଣସି ବାଧା ସୃଷ୍ଟି ନକରୁ। ତାହା ତାକୁ ବୁଝାଇ ଦେବି ।

ସତକୁ ସତ ସେଦିନ ଝରଣା କୂଳରେ ତା ସହ ମୋର ହଠାତ୍ ଭେଟ ହୋଇଗଲା।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଅବଶ୍ୟ ମାତାମହ ଏବେ ଆଉ ମୋ ପାଖରେ ନାହାନ୍ତି । ମୋର ଏଭଳି ଦୁର୍ଦ୍ଦିନ ଅବସ୍ଥା ଦେଖିବା ପାଇଁ ସେ ଜୀବିତ ରହିନାହାନ୍ତି । ତାଙ୍କରି କଥା ଅନୁସାରେ ମୁଁ ଯାହାସବୁ କରିଥିଲି, ସେଥିରେ କ'ଣ ସତରେ ରାକ୍ଷସକୁଳକୁ ଉଦ୍ଧାର କରି ପାରିଥିଲି । ବରଂ ମୋରି ପାଇଁ ସମଗ୍ର ରାକ୍ଷସକୁଳ ଶୂନ୍ୟ ହୋଇଗଲା । ମୁଁ ତେଣୁ ରାକ୍ଷସକୁଳର ରତ୍ନଦୀପଟିଏ ନୁହଁ ବରଂ ଅଲିଭା କଳଙ୍କ ହୋଇ ରହିଗଲି । ମୋତେ ଯିଏ ଯେତେ ଆକ୍ଷେପ କରନ୍ତୁ ଅବା ଉପହାସ କରନ୍ତୁ । ମୁଁ ନିଜେ ଜାଣିଛି ମୁଁ କ'ଣ ? ମୋ ଜୀବନରେ ଯାହା ସବୁ ଘଟିଗଲା ତା ପଛରେ କାହାର ହାତ ଥିଲା। ସେଦିନ ତ କାହିଁ କେହି ମୋତେ ଧର୍ମର ପଥରେ ଚାଲିବା ପାଇଁ ହାତବଢ଼ାଇ ନଥିଲେ । ମାତାମହଙ୍କୁ କେହି ତ କାହିଁ ସେ ପାପ ପଥରୁ ବିଚ୍ୟୁତ କରିବାକୁ ପରାମର୍ଶ ଦେଇ ନଥିଲେ । ତେଣୁ ମୁଁ ଯାହା କିଛି କରିଥିଲି, କିଛି ତ ଭୁଲ କରି ନଥିଲି । ଗୋଟିଏ ପଟେ ଦେଖିବାକୁ ମୋର ସମସ୍ତ କାର୍ଯ୍ୟକଳାପ ଶ୍ରୀରାମଙ୍କ ବିରୋଧରେ ଥିଲା । ଆଉ ମୁଁ ଯଦି ରାମଙ୍କ ସହ ଶତ୍ରୁତା ନକରି ମିତ୍ରତା କରିଥାନ୍ତି ତେବେ ମୋତେ କ'ଣ ମିଳିଥାନ୍ତା । ଶ୍ରୀରାମ କ'ଣ ଏତେ କଷ୍ଟ କରି ମୋ ପାଖକୁ ଆସିଥାନ୍ତେ । ତେଣୁ ମୋ ଅନ୍ତର୍ମନ କହୁଛି ରାମଙ୍କ ସହ ଶତ୍ରୁତା କରି ମୁଁ କିଛି ଭୁଲ୍ କରିନି । କାରଣ ମୁଁ ଏକା ରାମଙ୍କ ହାତରେ ମୃତ୍ୟୁ ଲଭିନି ମୋରି ପାଇଁ ମୋରି ରାକ୍ଷସକୁଳର ଅନେକେ ରାମଙ୍କ ଶରରେ ନିହତ ହୋଇଥିଲେ । ମୁଁ କେବଳ ନିଜେ ମୋକ୍ଷ ପାଇ ନଥିଲି । ଅନେକଙ୍କ ପାଇଁ ମୋକ୍ଷତ୍ୱର ଦ୍ୱାର ଫିଟାଇ ଦେଇଥିଲି । ତେଣୁ ଯେଉଁମାନେ ଆଜି ସ୍ୱର୍ଗରେ



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୩୮ ॥



ସୃଷ୍ଟିର ଆରମ୍ଭରେ ଯେବେ ଶ୍ୟାମଳ ଶିଉଳି ଓ ଫର୍ଣ୍ଣମାନେ ପାଣି କୂଳରେ ଭାସିବାରେ ଲାଗିଲେ ସବୁଜ ରକ୍ତ ଓ ଡେଣା ଲଗାଇ ପତଙ୍ଗ ମାନେ ମଧ୍ୟ ଲମ୍ଫ ମାରିଲେ। କିନ୍ତୁ ଏମାନଙ୍କର ହୃଦୟ ନଥିଲା। କେବଳ ଉଦରରୁ ସାରା ଶରୀରରେ ଏ ମାନେ ବିଶୁଦ୍ଧ ବାୟୁ ପ୍ରଚଳନ କରୁଥିଲେ। ଏହାପରେ ପୃଥିବୀରେ ମଙ୍ଗଳ ଓ ପୃଥିବୀ ଗ୍ରହ ପରି କର୍କଟ, ଅଷ୍ଟପଦୀ ମାନେ ନୀଳ ରଙ୍ଗ ରକ୍ତ ଓ ମତ୍ସ୍ୟ ମାନେ ଲାଲ୍ ରକ୍ତ ବହନ କଲେ।

ବରାହଙ୍କ ପରେ ବାଘ, ସିଂହ, ହସ୍ତୀ ପରି ବଳଶାଳୀ ବିଶାଳ ଜୀବମାନେ ଓ ନୃବାନର ମାନେ ପ୍ରାୟ ପଚାଶ ଲକ୍ଷ ବର୍ଷ ତଳେ ଜଳବାୟୁର ପରିବର୍ତ୍ତନ କାରଣରୁ ପାଦରେ ଚାଲି କ୍ରମେ ସାରା ପୃଥିବୀରେ ବ୍ୟାପିବାରେ ଲାଗିଲେ ଓ ପ୍ରାୟ ତେଇଶ ଲକ୍ଷ ବର୍ଷ ତଳେ ପୂର୍ଣ୍ଣ ମାନବରେ ପରିଣତ ହେଲେ। ଐତିହାସିକ ମାନେ ବିଭିନ୍ନଆଦିବାସୀ ଜନଜାତିର ମାନବ ମାନଙ୍କୁ ତଥା ଆଫ୍ରିକାର ଏକ ଶିକାରୀ ଦଳକୁ ଭାରତର ପ୍ରଥମ ଅଧିବାସୀ ଭାବେ ମତ ଦେଇଥାନ୍ତି।

ପ୍ରାୟ ସାତହଜାର ପାଞ୍ଚ ଶହରୁ ଏଗାର ହଜାର ବର୍ଷ ପୂର୍ବ ସମୟ ଧରାଗଲେ, ପୃଥିବୀର ବିଭିନ୍ନ ସ୍ଥାନରେ ମାନବ ସଭ୍ୟତାର ବିକାଶ ହୋଇଥିଲା। ସେହି ସମୟରେ ହିଁ ସନାତନ ଧର୍ମର ବିକାଶ ହୋଇଥିଲା। ଏହି ପର୍ଯ୍ୟନ୍ତ ପୃଥିବୀରେ ଯାହା ସୃଷ୍ଟି ହୋଇଥିଲା, ତାହା ସ୍ୱୟଂଭୂ ବ୍ରହ୍ମା ସୃଷ୍ଟି କରିଥିଲେ ବା ଆପେ, ଆପେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିଲା। ତାହାକୁ ବ୍ୟବାହାର କରି ମାନବ ଜୀବନ ଯାପନ କରୁଥିଲା। ଏହା ମଧ୍ୟ ପାଷାଣ ଯୁଗରୁ ନୂତନ ପାଷାଣ ଯୁଗ ଆରମ୍ଭ ସମୟ ଥିଲା।

ସନକ, ସନତ, ସନନ୍ଦ ଓ ସନାତନ ମଧ୍ୟ ଏକ ସମୟରେ ଜନ୍ମ ହୋଇନଥିଲେ। ସନକଙ୍କୁ ଭାଗବତରେ କପିଳ ମହର୍ଷି ବୋଲି କୁହାଯାଇଅଛି, ଯିଏ କି ମନ୍ୟୁଙ୍କ ଦୁଇ ପିଢ଼ି ପରେ ଜନ୍ମ ହୋଇଥିଲେ। ସେହି ସନତ, ସନକ ସନନ୍ଦ ଏବଂ ସନାତନ ବ୍ରହ୍ମାଙ୍କର ମାନସ ସନ୍ତାନ ବା ପ୍ରଥମ ବ୍ରହ୍ମ ଜ୍ଞାନ ଲାଭ କରିଥିଲେ। ତେଣୁ ସେମାନେ ବ୍ରହ୍ମାଙ୍କର ଶିଷ୍ୟ ଥିଲେ। ଏମାନେ ବ୍ରାହ୍ମଣ ଥିଲେ। ଅନ୍ୟ ପକ୍ଷରେ ସେତେବେଳେ ମାନବ ସଂଖ୍ୟା ସ୍ଥାନ ତୁଳନାରେ ବହୁତ କମ୍ ଥିଲା ଏବଂ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟମାନ ଘଟି ମାନବ ଓ ପ୍ରାଣୀ ମାନେ ଲୋପ ପାଇଯାଉଥିଲେ। କତିପୟ ବିଜ୍ଞ ଲୋକଙ୍କ ବ୍ୟତୀତ ଅନ୍ୟମାନେ ପଶୁମାନଙ୍କ ପରି ଜୀବନ ଯାପନ କରୁଥିଲେ। ସେମାନେ ନିରକ୍ଷର ଶବ୍ଦ ହୀନ ଜଡପରି ଥିଲେ। ତେଣୁ ଉନ୍ନତ ମାନବ ମାନଙ୍କୁ ସୃଷ୍ଟି କରିବା ପାଇଁ ବ୍ରହ୍ମା ସନକ, ସନତ, ସନାତନ ଏବଂ ସନନ୍ଦନ୍‌ଙ୍କୁ ଆଦେଶ ଦେଲେ। କିନ୍ତୁ ଏହି ଚାରିଜଣ ବିଷ୍ଣୁ ପ୍ରେମୀ ଗୃହ ସଂସାର କରିବାରେ ଆଗ୍ରହ ପ୍ରକାଶ ନକରି ବେଦ ସୃଷ୍ଟି ଏବଂ ବିଷ୍ଣୁ ଲାଭ ପାଇଁ ପ୍ରଥମ ଯୋଗ ସାଧନ କରିବାକୁ ହିମାଳୟର ପାଦ ଦେଶରେ ବାସ କଲେ।

ଯୋଗ !!..... ଯାହା ମାନବକୁ ଦେବତା ରୂପରେ ପରିଣତ କରିଥିଲା। ପ୍ରଥମତଃ ଉତ୍ତମ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟ ଯୋଗର ମୂଳ ଲକ୍ଷ୍ୟ ହେଲେ ମଧ ପରମ ବ୍ରହ୍ମଙ୍କ ସହିତ ଯୁକ୍ତ ହେବା ହିଁ ଏହାର ଅନ୍ତିମ ଲକ୍ଷ୍ୟ ହୋଇଥାଏ। ଯୋଗ ଏହି ଅନନ୍ତ ବିଶ୍ୱର ସମସ୍ତ ଦୃଶ୍ୟ ଏବଂ ଅଦୃଶ୍ୟ ଶକ୍ତିମାନଙ୍କୁ ତାହା ନିକଟକୁ ଏବଂ ପୃଥିବୀକୁ ଆକର୍ଷଣ କରି ଆଣିପାରିଥାଏ। ପ୍ରକୃତି ଯୋଗୀର ସହାୟକ ହୋଇଥାନ୍ତି।

ଯୋଗ ସ୍ତରରେ ସାଧକ ବିଭିନ୍ନ ଅଦୃଶ୍ୟ ଜଗତକୁ ଯାତାୟତ କରିଥାନ୍ତି। କେଉଁ ସ୍ତରରେ ଜ୍ଞାନ, କେଉଁଠି ବିଜ୍ଞାନ, କେଉଁ ସ୍ତରରେ ପ୍ରେମ, କେଉଁ ସ୍ତରରେ ଶୋକହୀନ ଶାନ୍ତିରେ ସାଧକ ମଗ୍ନ ହୋଇଯାଏ। ନାନାଦି ଅନୁଶୀଳନ ମଧ ଦେଇ ସେ ତାର ସାଧନା ସହ ଆଧାତ୍ମିକ ଜଗତ ବାସୀ ହୋଇଯାଏ। ଭାଗବତରେ ସମସ୍ତ ଆଶ୍ଚର୍ଯ୍ୟ ପ୍ରାପ୍ତିର ଯୋଗମାନ ବର୍ଣ୍ଣନା କରା ଯାଇଅଛି। କିନ୍ତୁ ଯୋଗ ସାଧନା ପାଇଁ ପ୍ରଥମରେ ଏକ ଉପଯୁକ୍ତ ପରିବେଶ ଏବଂ ଦ୍ୱିତୀୟରେ ଜଣେ ମନୋମତ ଉତ୍ତମ ଗୁରୁଙ୍କ ସାନ୍ନିଧ ବାସ୍ତବ ଜୀବନରେ ପ୍ରୟୋଜନ। ହିମାଳୟ ର ସାଧକ ତଥା ଶ୍ରୀ ଅରବିନ୍ଦଙ୍କ ଆଶ୍ଚର୍ଯ୍ୟ ଯୋଗ ସାଧନା ଆମେ ଅଧ୍ୟୟନ କଲେ,ଏକ ସ୍ୱପ୍ନ ଜଗତ ପରି ମନେ ହୋଇଥାଏ।

ସନତ ସ୍ୱୟଂହିଁ ପ୍ରଥମ ମାନବ ବ୍ରହ୍ମା ଥିଲେ। ଯେପରି ଚାରି ପାଖର ବିଷ ବଳୟ ମଧ୍ୟରେ ବିଷ୍ଣୁ ଶ୍ୱେତ ଜ୍ୟୋତି ମଧ୍ୟରେ ଶାନ୍ତିରେ ନିଦ୍ରା ଯାଇଥାନ୍ତି, ଯେପରି ମାତୃ ଗର୍ଭରେ ଶିଶୁ ଏହି ବିଷାକ୍ତ ସଂସାର ମଧ୍ୟରେ ନିର୍ଶ୍ଚିତରେ ଶୟନ କରିଥାଏ, ଯେପରି ପ୍ରାଣୀ ମାନେ ପ୍ରାକ୍ ସମୟରେ ପ୍ରକୃତି କୋଳରେ ନିଦ୍ରାରେ ଶୟନ କରିଥାନ୍ତି, ସେହିପରି ସେ ଯୋଗରେ ବ୍ରହ୍ମ ସହିତ ଏକାକାର ହୋଇ ଅନେକ ବର୍ଷ ମଗ୍ନ ହୋଇଗଲେ।

ବିଷ୍ଣୁଙ୍କ ସୁଦର୍ଶନ ଯେପରି ଅଦୃଶ୍ୟକୁ ଦର୍ଶନ କରି ତାହା ମଧ୍ୟରେ ଗତି କରିପାରେ ସେ ସେହିପରି ଯୋଗ ମାର୍ଗରେ ଗତି କଲେ। ଯୋଗ ଦୃଷ୍ଟି, ଶ୍ରବଣ, ଚର୍ମ, ଜିହ୍ୱା ଆଦି ଲାଭ କଲେ। ଏହି ଜଗତରେ ପୃଥିବୀରେ ସୃଷ୍ଟି ହୋଇଥିବା ଶବ୍ଦ ଗୁଡ଼ିକ ପାଞ୍ଜି କୃତ ହୋଇ ଆଧିଦୈବିକ, ଆଦି ଭୌତିକ ସ୍ତରରେ ସଂସ୍କୃତ ଭାଷାରେ ରୂପାନ୍ତରିତ ହୋଇଗଲା ଓ ଯୋଗ ଶ୍ରୁତିରେ ବେଦ ରୂପେ ଶ୍ରୁତ ହେଲା। ଏହା ଅଲେଖ, ଅଣାକ୍ଷର ଆକାଶ ବାଣୀ ଅଟେ। ଜଣେ ବିଜ୍ଞାନୀ ଦୁଇଟି ସାପ ଛନ୍ଦା ଛନ୍ଦି ହୋଇ ଶୋଇ ଥିବାର( କୁଣ୍ଡଳିନୀ ପରି) ସ୍ୱପ୍ନରୁ ଅଣୁ ତତ୍ତ୍ୱ ଓ ଶବ୍ଦ ତତ୍ତ୍ୱକୁ ଜାଣିଥିଲେ। ମନ୍ତ୍ର, ତନ୍ତ୍ର, ଧ୍ୟାନ, ଆରଧନ ଆଦି ମଧ ଯୋଗର ଅନ୍ତର୍ଭୁକ୍ତ। ମୋ ସମୟରେ ମୋର ପରିଚିତ ଜଣେ ଅଶିକ୍ଷିତ ମଣିଷ କୌଣସି ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇ ମହାଦେବଙ୍କ ନିକଟରେ ଅଧିଆ ପଡିଲେ। ସେ ତାଙ୍କୁ ସିନେମାରେ ଦେଖାଇବା ପରି କଦଳୀ ଦେଖାଇ ଖାଇ ଦେବାକୁ କହିଲେ। ଆଉ କୌଣସି ପତ୍ର ବୋଧେ ଖାଇବାକୁ କହିଲେ। ତାହାପରେ ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ତାଙ୍କର ଏକଦିନେ କଣ୍ଠସ୍ଥ ହୋଇ ଗଲା। ଅବଶ୍ୟ ଏହା ସତ୍ତ୍ୱେ ତାଙ୍କ ଗ୍ରାମୀଣ ଭାଷାର କୌଣସି ପରି ବର୍ତ୍ତନ ହେଲା ନାହିଁ। ଏହି ଚାରିଜଣ କେହି ସୃଷ୍ଟି କରିବାର ଇଚ୍ଛା ନକରିବାରୁ ସନତ ବ୍ରହ୍ମାଙ୍କ ମନରେ କ୍ରୋଧ ଜାତ ହେଲା ଓ ଭ୍ରୂକୁଟୀ ଜାତ ହେଲା। ସେ ଯୋଗ ବଳରେ ସୃଷ୍ଟି ଜ୍ଞାନ ଲାଭ କରି ଭ୍ରୂକୁଟୀ ମଧ୍ୟରୁ ନୀଳ ଲୋହିତଙ୍କୁ ସୃଷ୍ଟି କଲେ।

ନୀଳ ଲୋହିତ କିଏ ? ବ୍ରହ୍ମା ତାଙ୍କୁ କିପରି ସୃଷ୍ଟି କଲେ ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଉଙ୍କି ଚାହେଁ ଅତୀତ

### ଅନସୂୟା ପଣ୍ଡା



ଅଲିଅଳି ଅତୀତ
ଆଜି ବି ଅଝଟ ହୁଏ
ମନର ଅଳିନ୍ଦରେ
ସାତ ପରସ୍ତ ଧୂଳି ଭିତରୁ
ଉଙ୍କି ଚାହେଁ ବାର ବାର।

କେବେ ପିଲାବେଳ
ବୋହୂଚୋରି କିତିକିତି ଖେଳ
କେବେ ଆମ୍ବ ବରକୋଳି
ସାଙ୍ଗସାଥି ମେଳ।

ମନେପଡେ ବର୍ଷାରେ କାଗଜ ଡଙ୍ଗା
ଶୀତରେ ନିଆଁପୁଆଁ ନୂଆବର୍ଷର ଭୋଜି
ଗୋଲାପି ମନରେ
ପ୍ରଜାପତିର ଡେଣା ଲଗେଇ
ଉଡେ ଅସଜଡା ସପନ।

ଧୂ ଧୂ ଖରା ବେଳ କଟିଯାଏ
ଖେଳିବାରେ ଜଣା ପଡେନି
ଝାଞ୍ଜିର ପ୍ରଭାବ
ଏମିତି ଏକ ଗଡାଣିରେ
ବହୁଥାଏ ସମୟ
ତା ସାଥିରେ ବେଗବତୀ ବୟସ।

ଯେମିତି ସକାଳ ହଜିଯାଏ
ମୁଗ୍ଧ ରଙ୍ଗୋଲି ଆଙ୍କି
ସନ୍ଧ୍ୟା ହଜିଯାଏ ପୁଲକକୁ ପିଠି କରି
ମନର ମନସ୍ତତ୍ତ୍ୱ ବଦଳୁଥାଏ।

ଅନୁଭବର ସିଢି ଚଢି
ଭାବକୁ ଅଭାବ କରି ଆବୋରୁ ଥାଏ
ସନ୍ନ୍ୟାସ ରଙ୍ଗକୁ ବେରଙ୍ଗ କରି
କଅଁଳି ଥିବା ଆଶାର ସାମିୟାନା ଚିରିଯାଏ
ଝଡର ସାମ୍ନା କରିକରି।

କିନ୍ତୁ ଅତୀତ
ସାତ ସିନ୍ଦୁକରେ ବନ୍ଦ ପଡିଥାଏ
ଅମୂଲ ମୂଲ ସଂଳାପ ହେଇ।

ଅଣଲେଉଟା ଅତୀତ
କେବେ ଆଖିରେ ଢଳଢଳ ହୁଏ
କେବେ ଓଠରେ ହସ ଭରେ
କେବେ ଆତୁରତା
କେବେ ପ୍ରଫୁଲ୍ଲତା ଭରେ
କିଚିରି ମିଚିରି ଶବ୍ଦ କରେ
ନୀରବ ମୁହୂର୍ତ୍ତକୁ ରସମୟ କରେ।

+ବୁର୍ଲା, ସମ୍ବଲପୁର,
ମୋ: ୮୩୨୮୯୪୫୮୮୫

## ସରି ନ ଥିବା ପ୍ରେମ

### ଅନିତା ରାୟ



ପ୍ରଥମ ଥର, ଗୋଟିଏ ଦୂରତାରେ
ଆଖି ନୀରବ ଥିଲା ମୋର
ତା ନୁହେଁ ଯେ, ମୁଁ ଚାହିଁ ନଥିଲି ତୁମକୁ
ପ୍ରେମ ରୁ ମୁକୁଳିବା ଏତେ ସହଜ ନୁହେଁ
ହୁଏତ, ବଦଳେଇ ପାରି ନଥିଲି
ମୁଁ ମୋ ନିଜକୁ...

ଜହ୍ନର ଶୀତଳତା ଛୁଉଁ ଛୁଉଁ
ଚୁପ୍ ଚାପ୍ ନିଦ ଭାଙ୍ଗି ଯାଏ ମୋର
ମୁଁ ଅନେକ କଥା ଭାବୁଥାଏ
ତା'ଭିତରେ ତୁମେ ଥାଅ ବୋଲି
ମୁଁ ଅନୁଭବ କରେ
ମୋତେ ଅଣଦେଖା କରି
ରାତିଟା ବି ପାହି ଯାଏ ...

ବହୁ ବର୍ଷ ହୋଇଗଲାଣି
ଆମେ ଚିରି ଦେଇଥିଲେ,
ସେଇ ସାଧା କାଗଜକୁ
କିଛି କଥା ଲେଖିବା ଆଗରୁ
ମୁଁ ଆଉ ସମୟ ପାଇନି
ସାଉଁଟି ରଖିଥାନ୍ତି କେମିତି
ସେ'ତ ଭିଜି ସାରିଥିବ ବିଲ୍ କୂଲ୍
ପାହାନ୍ତିଆ କାକର ଟୋପାରେ ....

ପ୍ରେମ ପାଇଁ, ପ୍ରତୀକ୍ଷିତ ଘୋଷଣା କେବେ
ନ ଥାଏ
ଚଉଦିଗରେ ବହୁ ଥାଏ ସବୁବେଳେ
ମଧୁର ଶିହରଣଟିଏ
କିଏ ଉପଲବ୍ଧି କରେ,
କିଏ ପୁଣି କରେନି
ହୋଇପାରେ, ତୁମେ ସେଇ
ବେଖିଆଲି ଲୋକ
କହିବିନି, ତମ ପାଖେ
ମୋ'ର ବା କି ଅଧିକାର .....

ସବୁ ଦୃଶ୍ୟରେ ବୁନ୍ଦା ବୁନ୍ଦା ରଙ୍ଗ ଦିଶୁଥାଏ
ସେ ରଙ୍ଗ ଖୁବ୍ ଅବଶ
ଫିକା ଫିକା କେଉଁଠି କେମିତି
ଠିକ୍, ଯୌବନଟିଏ ଗଲା ପରେ
ମାନସିକତା ଯେମିତି
ଆଜି କାଲି ମାପି ଚୁପିବି ମନର କଥାକୁ
ପ୍ରକାଶ କରିବାକୁ ପଡୁଛି
ଯେତେ ଆଗକୁ ଗଲେ ବି
ପଛକୁ ବେଳେ ବେଳେ ଚାହିଁବାକୁ ପଡୁଛି
ପ୍ରେମ ହିଁ ସବୁ କାଳେ ଦୁଃଖ ର ସଂଳାପ
ନାଇଁ ବାଣ୍ଟି ହେବ , ନାଇଁ ଫିଙ୍ଗି ହେବ
କେବଳ ନିଜ ଭିତରେ ଘୋଷିବା
ବ୍ୟତିତ ଆଉ କିଛି ନ ଥାଏ

+ମୋ: ୭୯୭୮୯୭୯୫୩୬

## ଫେରିନି ରୂପା ଦାସ

### ମନୀଷା ପଣ୍ଡା



ଫେରିନି ରୂପା ଦାସ ,
ଯାଇଛି କାହା ହାତ ଧରି
ଅନେକ ଦିନରୁ।

ମନେ ପଡ଼େ ଗାଁ, ଆକାଶ,
ନଈ, ଆମ୍ବ ତୋଟା
ଜହ୍ନି ଓଷା ଖୁଦୁରୁକୁଣୀ ଆଉ
ପଧାନ ବୁଢ଼ାର ଥଟ୍ଟା ତାମସା

କେତେ ଲମ୍ବା ଲାଗୁଥିଲା ଗାଁରେ
ଦିନ ଦି 'ପହର ,
ତଥାପି ତା ' ଗାଁ ଥିଲା ନିଜ ଠୁ
ଢେର୍ ବେଶୀ ସୁନ୍ଦର।

ନାନୀ ଖୁଡୀ ପଡିଶାଙ୍କ
ହଜାରେ ଅପବାଦ ପରେ
ଖୋଦ୍ ଧୋକାବାଜ୍ ହେବନି
ବୋଲି ପ୍ରେମ ପାଇଁ
ଚିରିବାକୁ ହେଲା
ଚବିଶିଟି ଅଧ୍ୟାୟ ଜୀବନ ବହିରୁ।

ଗାଁ ଗଣ୍ଡା ମାଆ ମମତା
ସବୁକୁ ପଛକରି ଜହ୍ନ ଆଲୁଅରେ
ଆଗକୁ ଚାଲିଲା ରୂପା ଦାସ
ବାନ୍ଧି ହେଇଗଲା ଆପଣା ପଣରେ।

ଉପର ମନରେ ସବୁ କୁଆଡେ
ଭୁଲି ଯାଇଛି ସେ
ସିନ୍ଥିରେ ପ୍ରେମିକର ସିନ୍ଦୁର ନାଇଁ
ତଥାପି ମୁଁ ଜାଣିଛି
ଓଢଣା ଆଢୁଆଳରେ ଖୋଜେ
ରୂପା ଦାସ କାହାକୁ,
କେବେ କେବେ କାନ୍ଦେ ମନ
ତା' ଗାଁ ପାଇଁ ।

ସେ ଦିନୁ ଯାଇଛି ଏରୁଣ୍ଡି ଡେଇଁ
ତଥାପି କିଛି ଭୁଲିନି ରୂପା ଦାସ
ଦୋହରେଇ କଷୁଛି ଅଙ୍କ
କେତେ ମିଶେଇ କେତେ ବା' ଫେଡିଛି
ଭାତ ଫୁଟିବା କି 'ମାଛ ଭାଜିବାର ବେଳେ।

+ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

# ଅନ୍ଧାରରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ: ଅଧା ଜଳୁଛି, ଅଧା ଖରାପ



ପୁରୀ, ୨୭/୩ (ନି.ପ୍ର): ଅନ୍ଧାରରେ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ। ଆରମ୍ଭରୁ ଆଲୋକୀକରଣ ବ୍ୟବସ୍ଥା ଫେଲ୍। ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ରୁ ଅଧା ଜଳୁଥିବା ବେଳେ ଅଧା ଖରାପ ଅବସ୍ଥାରେ। ଫଳରେ ସନ୍ଧ୍ୟା ଗଡ଼ିଲେ ଏହି ରାଜପଥରେ ଅନ୍ଧାର ରାଜୁତି କରୁଛି। ଫଳରେ ଦିନକୁ ଦିନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି। ଘନ ଅନ୍ଧକାର ଯୋଗୁଁ ଅକାଳରେ ମୁଣ୍ଡ ଗଡୁଛି। ଏଥିସହ ଚୋରି, ରାହାଜାନି ବି ବଢ଼ିଚାଲିଛି। ୨୦୨୨ ମସିହା ପହିଲାରୁ ଜାତୀୟ ରାଜପଥ ଆଲୋକୀକରଣ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦାମୀ ଟ୍ୟୁବୁଲାର ପୋଲ୍ ଓ ଏଲ୍‌ଇଡି ଲାଇଟ୍ ଲଗାଗଲା। ୨୦୨୨ ରଥଯାତ୍ରା ପୂର୍ବରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଅଠରନଳାଠାରୁ ପିପିଲି ପର୍ଯ୍ୟନ୍ତ ଶତାଧିକ ଷ୍ଟିଲ୍ ଲାଇଟ୍(ଟ୍ୟୁବୁଲାର ପୋଲ୍) ଲଗାଯାଇଥିଲା। ଲକ୍ଷ୍ୟ ଥିଲା, କୋଭିଡ୍ କଟକଣା ଯୋଗୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖି ପାରିନଥିବା ଭକ୍ତଙ୍କୁ ଭିନ୍ନ ଏକ ଅନୁଭୂତି ଦେବା। ରାଜପଥରେ ଅନ୍ଧକାର ଦୂର କରି ଦୁର୍ଘଟଣା ହ୍ରାସ କରିବା। ପ୍ରକଳ୍ପ ଆରମ୍ଭର ପ୍ରାୟ ୨ ବର୍ଷ ପରେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା। କିନ୍ତୁ ଦୁର୍ଭାଗ୍ୟ, କାର୍ଯ୍ୟକ୍ଷମର ଅଳ୍ପ କେଇଦିନ ଭିତରେ ବହୁ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଛି। ସେ ପୁରୀ ହେଉ କି ଚନ୍ଦନପୁର, ସାକ୍ଷୀଗୋପାଳ, ସମଯାଜପୁର ହେଉ କି ପିପିଲି, ସବୁଠି ସମାନ ସ୍ଥିତି ଦେଖିବାକୁ ମିଳିଛି। ବହୁ ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନଥିବାରୁ ଚାଳକମାନେ ଘନ ଅନ୍ଧକାରରେ ରାସ୍ତା ଜାଣି ନ ପାରି ଡିଭାଇଡରରେ ପିଟି ହେଉଛନ୍ତି। ଆଉ କେହି କେହି ରାସ୍ତା ତଳକୁ ଖସି ପଡୁଛନ୍ତି। ବେଳେ ବେଳେ ଅନ୍ଧାର ରାତିରେ ଶୋଇଥିବା ଗାଈଗୋରୁଙ୍କ ସହ ପିଟି ହୋଇ ମୃତାହତ ହେଉଛନ୍ତି। ଅନ୍ୟପଟେ, ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ଯା'ଆସ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପିପିଲି ଟୋଲ୍ ଗେଟ୍‌ରେ ଗାଡ଼ି ଚାଳକଙ୍କଠାରୁ ଦୈନିକ କୋଟି କୋଟି ଟଙ୍କାର ଟୋଲ୍ ଆଦାୟ ହେଉଛି। କିନ୍ତୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଯେଉଁ ପରିମାଣର ରାଜସ୍ୱ ଗୋଟାଉଛି, ସେହି ପରିମାଣରେ ଲୋକଙ୍କୁ ସେବା ଦେବାରେ ବିଫଳ ହୋଇଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଅନ୍ଧକାରମୟ ପରିବେଶ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

# ବଢୁଛି ତାତି, ହ୍ରାସ ପାଉଛି କୁଆଁରିଆ ଜଳସ୍ତର: ମାର୍ଚ୍ଚରେ ଅଛି ୨୮ ପ୍ରତିଶତ ପାଣି



ଦଶପଲ୍ଲା, ୨୭/୩ (ନି.ପ୍ର): ତାତି ବଢ଼ିବା ସାଙ୍ଗକୁ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି କୁଆଁରିଆ ଜଳଭଣ୍ଡାରର ଜଳସ୍ତର। ଯାହାକି ବର୍ତ୍ତମାନ ଜଳ ଭଣ୍ଡାରରେ ମାତ୍ର ୨୮ ପ୍ରତିଶତ ପାଣି ଥିବା ଜଳସମ୍ପଦ ବିଭାଗ ଏସ୍‌ଡିଓ ସୁମିତ୍ କୁମାର ଜେନା କହିଛନ୍ତି। ମାର୍ଚ୍ଚରେ ଜଳଭଣ୍ଡାରର ଏଭଳି ସ୍ଥିତି ଉପରେ ନଜର ପକାଇଲେ ଆଗକୁ ବର୍ଷା ନହେଲେ ଆସନ୍ତା ଜୁଲାଇ ମାସ ବେଳକୁ ଏହାର ଜଳସ୍ତର ୨୮ ପ୍ରତିଶତରୁ ୮ ପ୍ରତିଶତକୁ ଚାଲିଆସିବ ବୋଲି କୁହାଯାଉଛି। ମୁଖ୍ୟତଃ ଏହି ଜଳଭଣ୍ଡାର ଦଶପଲ୍ଲା ବ୍ଲକ୍‌ର ହଜାର ହଜାର ଚାଷୀଙ୍କ ଜୀବନରେଖା ସାଜିଥିବା ବେଳେ ଏଥିରୁ ସହରବାସୀଙ୍କ ତୃଷ୍ଣା ମେଣ୍ଟିଥାଏ। ବର୍ତ୍ତମାନର ସ୍ଥିତି ଉପରେ ଅନୁଧ୍ୟାନ କଲେ ଆଗକୁ ସହରବାସୀଙ୍କ ପାଇଁ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ୧୯୮୪ ମସିହା ଏପ୍ରିଲ୍ ୧୬ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଜଳଭଣ୍ଡାର ଉଦ୍‌ଘାଟନ ହୋଇଥିଲା। ଜଳଭଣ୍ଡାର ନିର୍ମାଣ ହେବାକୁ ପ୍ରାୟ ୪୦ ବର୍ଷ ହୋଇଥିବା ବେଳେ ଏହାଏବେ ପୋତି ହୋଇଗଲାଣି। ୧୨୪ ବର୍ଗକିମି ଅଞ୍ଚଳକୁ ନେଇ ନିର୍ମାଣ ହୋଇଥିବା ଏହି ଜଳଭଣ୍ଡାରର ଲମ୍ୱ ୧ ହଜାର ୫ ଶହ ୭୬ ମିଟର ଓ ଉଚ୍ଚତା ୨୧ ମିଟର ରହିଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୩୫.୭୦ ମିଟର ରହିଛି। ଖରିଫରେ ୩୭୮୦ ହେକ୍ଟର ଓ ରବି ଋତୁରେ ୧୯୦୮ ହେକ୍ଟର ଚାଷ ଜମି ଜଳସେଚିତ ହେଉଛି। ହେଲେ ଏହାର ପୁନରୁଦ୍ଧାର ପ୍ରତି ଜଳସମ୍ପଦ ବିଭାଗ ଆଖି ବୁଜି ଦେଇଛି। ଜଳଭଣ୍ଡାରରେ ବର୍ତ୍ତମାନ ୨୮ ପ୍ରତିଶତ ପାଣି ରହିଥିବା ବେଳେ ଆଗକୁ ଜଳସଂକଟ ଦେଖାଯିବା ବିଭାଗ ପକ୍ଷରୁ କୁହାଯାଇଛି। ଦଶପଲ୍ଲାବାସୀଙ୍କ ଜୀବନରେଖା କୁହାଯାଉଥିବା ଏହି ଜଳଭଣ୍ଡାର ପ୍ରତି ଜଳସମ୍ପଦ ବିଭାଗର ଅହେତୁକ ଅବହେଳାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ କ୍ଷୋଭପ୍ରକାଶ ପାଇଛି।

# ଅଣ୍ଟା ସଳଖି ପାରୁନି ପର୍ଯ୍ୟଟନ ପ୍ରକଳ୍ପ: ଘରୋଇକରଣ ଆଳରେ ଅଟକିଛି ଉଡେନ୍ ରେଷ୍ଟୁରାଣ୍ଟ ମରାମତି



କୋଣାର୍କ, ୨୭/୩ (ନି.ପ୍ର): ୨୦୧୯ ମେ ମାସ ପ୍ରଥମ ସପ୍ତାହରେ ଘଟିଥିବା ଫନି ବାତ୍ୟାରେ ସବୁଠୁ ବେଶି କ୍ଷୟକ୍ଷତି ହୋଇଥିଲା ପର୍ଯ୍ୟଟନ ଶିଳ୍ପ। କୋଣାର୍କରେ ଥିବା ପର୍ଯ୍ୟଟନ ଶିଳ୍ପର ପ୍ରକଳ୍ପ ଯାତ୍ରୀନିବାସ, ମୁକ୍ତାକାଶ ରଙ୍ଗମଞ୍ଚ, ଗୀତାଞ୍ଜଳି ରେଷ୍ଟୁରାଣ୍ଟ, ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟ ଫନି ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ପର୍ଯ୍ୟଟନ ଶିଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇଥିଲା। ମାତ୍ର ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟ ମରାମତି କାର୍ଯ୍ୟ ଆରମ୍ଭ ହେବାର ମାତ୍ର ଦୁଇଦିନ ପରେ ଏହି କାର୍ଯ୍ୟକୁ ବନ୍ଦ କରି ଦିଆଯାଇଥିଲା।

ଏହି ପ୍ରକଳ୍ପଟିକୁ ଘରୋଇକରଣ କରାଯିବା ପାଇଁ ଲକ୍ଷ୍ୟ ଥିବାରୁ ଏହାର ମରାମତି କରାଯାଇ ନାହିଁ ବୋଲି ପର୍ଯ୍ୟଟନ ବିଭାଗର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସଚିବଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମତ ଦେଇଥିବା ନଜିର ରହିଛି। ତେବେ ଫନିରେ କ୍ଷୟକ୍ଷତି ହୋଇଥିବା କୋଣାର୍କର ଅନ୍ୟ ପର୍ଯ୍ୟଟନ ପ୍ରକଳ୍ପ ଗୁଡ଼ିକ ମରାମତି ହୋଇ କାର୍ଯ୍ୟକ୍ଷମ ହେବା ସହିତ ଫନି ପରବର୍ତ୍ତୀ ସମୟରେ ଭଲ ଆୟ କରିଥିବା ଜଣାପଡ଼େ। ମାତ୍ର ପର୍ଯ୍ୟଟନ ପ୍ରକଳ୍ପ ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟର ଫନିରେ ହୋଇଥିବା କ୍ଷତରେ ଘରୋଇକରଣ ମଲମ ମାରିବାକୁ ଯେଉଁ ଯୋଜନା ହୋଇଥିଲା ତାହା ବିଭିନ୍ନ ମହଲରୁ ଆନ୍ଦୋଳନ ମୁଣ୍ଡ ଟେକିବାରେ ଅଦ୍ୟାବଧି ସଫଳ ହୋଇ ପାରିନାହିଁ। ଫଳରେ ଫନିରେ ଅଣ୍ଟାଭାଙ୍ଗି ପଡ଼ିଥିବା ଉଡେନ୍ ରେଷ୍ଟୁରାଣ୍ଟ ପ୍ରାୟ ୫ ବର୍ଷ ପରେ ବି ଅଦ୍ୟାବଧି ତଳମୁହାଁ ହୋଇ ପଡ଼ିରହିଛି।

ସୂଚନାଯୋଗ୍ୟ, ବର୍ଷବର୍ଷ ଧରି ଭଙ୍ଗାଦଦରା ଅବସ୍ଥାରେ ପଡ଼ି ରହିଥିବା ଏହି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ସାମଗ୍ରୀ ଚୋରି ହୋଇଗଲାଣି। ଘରୋଇକରଣ ମଲମ ଲଗାଇବାରେ ବିଫଳ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏବେ କେଉଁ ମଲମ ଲଗାଇ ଫନିରେ ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟରେ ସୃଷ୍ଟି ହୋଇଥିବା କ୍ଷତ ଭରଣା କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ତାତି ବଢ଼ାଉଛି ଇଟାଭାଟି: ଧୂଆଁରେ ଅତିଷ୍ଠ ସାଧାରଣ ଜନତା

ଖଣ୍ଡପଡ଼ା, ୨୭/୩ (ନି.ପ୍ର): ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଇଟାଭାଟି ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଉ ବେଆଇନ ଇଟାଭାଟି ଯୋଗୁ କିଛିଦିନ ହେବ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଜନବସତି, ରାସ୍ତାକଡ଼, ନଈପଠା, ଗୋଚର ଜମି, ଜଙ୍ଗଲ ଜମିରେ ପ୍ରତ୍ୟେକ ସ୍ଥାନରେ ଏଭଳି ମାଳମାଳ ବେଆଇନ ଇଟାଭାଟି ଏବେ ସମସ୍ୟା ବଢ଼ାଇଛି। ଖଣ୍ଡପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ମଧ୍ୟ ଇଟା ମାଫିଆମାନେ ସକ୍ରିୟ ହେବା ସହ ଏକର ଏକର ଗୋଚର ଜାଗା, ଅନାବାଦୀ ଜମି, ନଈପଠା ଓ ଜଙ୍ଗଲ ଜମିରେ ଅବାଧ କାରବାର କରୁଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ସହ ବ୍ୟାପକ ଅଞ୍ଚଳରେ ମୃତ୍ତିକା କ୍ଷୟ ହେଉଛି। ଏସବୁ ଦିଗରେ ପଦକ୍ଷେପ ନେବାକୁ କିନ୍ତୁ ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ବିଭାଗ ପଛଘୁଞ୍ଚା ଦେଉଛି। ବ୍ଲକ୍ ? ଅଧୀନ ଖଳିସାହି, ଶିଖରପୁର, ବନମାଳିପୁର, କୋସକା ଆଦି ବିଭିନ୍ନ ପଞ୍ଚାୟତ ସମେତ ଏକାଧିକ ରାଜସ୍ୱ ସର୍କଲରେ ବେଧଡ଼କ ଭାବେ ଏହି ଶିଳ୍ପ ଗଢ଼ିଉଠିଛି। ଇଟାଭାଟିରୁ ବାହାରୁଥିବା କଳା ଧୂଆଁ ଓ ଧୂଳିରେ ଅଞ୍ଚଳବାସୀ ଅତିଷ୍ଠ ହେବା ସହ ନିଆଁ ପ୍ରକୋପରେ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ମଧ୍ୟ ବୃଦ୍ଧି ପାଉଛି। ବିଶେଷ କରି ଶିଖରପୁର ଏବଂ ଖଣ୍ଡପଡ଼ା ଉପକଣ୍ଠ ତଥା ଖଳିସାହିକୁ ଲାଗିକରି ହୋଇଥିବା ଇଟାଭାଟି ଯୋଗୁ ଲୋକମାନେ ନାନା ସମସ୍ୟାରେ ପଡୁଛନ୍ତି। ଖାଲି ଶିଖରପୁର ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଶିଳ୍ପ ଗଢିଉଠିଛି। ତେବେ ଏମାନଙ୍କ ପଛରେ ସ୍ଥାନୀୟ ତହସିଲ ପ୍ରଶାସନର ସହଯୋଗ ଯୋଗୁ ରାଜସ୍ୱକୁ ଠକି ଛୋଟମୋଟ ଟ୍ୟାକ୍ସ ଆଦାୟ କରିବା ସହ ଏଭଳି ବେଆଇନ କାରବାର ପାଇଁ ଅଲିଖିତ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜସ୍ୱ ସର୍କଲର ନିରୀକ୍ଷକମାନେ ମାଫିଆମାନଙ୍କ ସହ ସୁସମ୍ପର୍କ ରଖି ଏଭଳି ବେଆଇନ କାରବାରକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି।

# ବର୍ଷାଦିନ ପୂର୍ବରୁ ଜଗନ୍ନାଥ ସାଗର ପୁନରୁଦ୍ଧାରକୁ ନେଇ ଆଶା ଓ ଆଶଙ୍କା: ତୁରନ୍ତ ସାରିବାକୁ ଦାବି



ଜୟପୁର, ୨୭/୩ (ନି.ପ୍ର): ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ପୁନରୁଦ୍ଧାର ଆରମ୍ଭ ହୋଇଛି। ସହରବାସୀଙ୍କ ଜୀବନରେଖା କୁହାଯାଉଥିବା ଏହି ଜଗନ୍ନାଥ ସାଗର ପାଇବ ନୂଆ ରୂପ । ପୋଖରୀ ପୁନରୁଦ୍ଧାର କରି ଆନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିବା ଲେକ ମ୍ୟାନ ଅଫ ଇଣ୍ଡିଆ ଭାବେ ପରିଚିତ ବାଙ୍ଗାଲୁରୁର ଆନନ୍ଦ ମାଲ୍ଲିଗାଭାଡ ଏହାର ପୁନରୁଦ୍ଧାର କରିବେ ତେବେ ବର୍ଷାଦିନ ପୂର୍ବରୁ ଜଗନ୍ନାଥ ସାଗର ପୁନରୁଦ୍ଧାର ଶେଷ ହେବାକୁ ନେଇ ଜୟପୁରବାସୀଙ୍କ ମଧ୍ୟରେ ଆଶା ଓ ଆଶଙ୍କା ପ୍ରକାଶ ପାଇଛି । ଏହାସହ ବର୍ଷା ହେବା ପୂର୍ବରୁ ପୁନରୁଦ୍ଧାର କାମ ଶେଷ କରିବାକୁ ଦାବି ହୋଇଛି । ଖାସ୍ କରି ଏହାରି ଉପରେ ସଂପୂର୍ଣ୍ଣ ନିର୍ଭର ଥିବା ଧୋବା ଓ ମାଛ ଧରି ବଂଚୁଥିବା ୩ଟି ସମବାୟ ସମିତିର ଶତାଧିକ ଲୋକେ ଚିନ୍ତାରେ ପଡ଼ିଛନ୍ତି।

ଜୟପୁରର ଜଗନ୍ନାଥ ସାଗରର ପୁନରୁଦ୍ଧାର କରିବା ପାଇଁ ବିଭିନ୍ନ ସମୟରେ ଛୋଟ ଛୋଟ ପ୍ରୟାସ କରାଯାଇଥିଲେ ମଧ୍ୟ ସଫଳତା ମିଳିପାରିନାହିଁ । ଲେକ ମ୍ୟାନ ଅଫ ଇଣ୍ଡିଆ ଆନନ୍ଦ ମାଲ୍ଲିଗାଭାଡଙ୍କୁ ଗତ ଜୁଲାଇ ମାସରେ ସାଗର ଦେଖି ଦେଇଥିବା ଡିପିଆର ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଆମ ପୋଖରୀ ଯୋଜନାର ଘୋଷଣା କରାଯାଇଥିଲା। ରାଜ୍ୟ ସରକାର ଓ ସୁନାବେଡାସ୍ଥିତ ହାଲର ଆର୍ଥିକ ସହଯୋଗରେ ବର୍ତ୍ତମାନ ସାଗରର ଜଳ ନିଷ୍କାସନ କରି ପଙ୍କ କଢ଼ାଯିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ତେବେ ଯେଉଁ ପରିମାଣର ବର୍ତ୍ତମାନ ଜେସିବି ଲଗାଯାଇ ମାଟି ଓଲଟପାଲଟ କରାଯାଉଛି ତାହାକୁ ବୃଦ୍ଧି କରିବାକୁ ପଡ଼ିବ ବୋଲି ମୋ ଜଗନ୍ନାଥ ସାଗର ବଂଚାଅ ଟ୍ରଷ୍ଟର ସତୀଶ ନନ୍ଦ, ରଘୁ ଦାସ ତ୍ରିପାଠୀ, ସ୍ୱେଚ୍ଛାସେବୀ କୃଷ୍ଣ କେଶବ ଷଡଙ୍ଗୀ ପ୍ରମୁଖ ଦାବି କରିଛନ୍ତି। ପରୀକ୍ଷାମୂଳକ ଭାବେ ୮ଫୁଟ ଖୋଳିବା ପରେ ପାଣି ବାହାରିଥିବାରୁ ପାଣି ନ ବାହାରିବା ସଂଦେହ ନାହିଁ ବୋଲି କହିଛନ୍ତି କୃଷ୍ଣକେଶବ। ସାଗରକୁ ବଂଚାଇବାକୁ ପଡ଼ିବ। ତେଣୁ ସାଗରରେ ଥିବା ପଙ୍କ ଓ ମାଟିକୁ ସବୁକୁ ସଂପୂର୍ଣ୍ଣ ରୂପେ ବାହାର କରିବାକୁ ପଡ଼ିବ ବୋଲି ଏମାନେ କହିଛନ୍ତି। ଜଳନିଷ୍କାସନ ପରେ ପଙ୍କ ବାହାର କରିବା କାମ ଆରମ୍ଭ ହୋଇଛି। ପଙ୍କ ଓଲଟ ପାଲଟ କରାଯାଉଛି। ଏହି ପଙ୍କକୁ ଚାଷୀ ମାନେ ନିଜ ଜମିରେ ପକାଇଲେ ଜମିର ଉର୍ବରତା ବୃଦ୍ଧି ପାଇବ ବୋଲି କହିଛନ୍ତି ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଚାଷୀ ଚନ୍ଦନ ପଟ୍ଟନାୟକ। ତେଣୁ ଚାଷୀ ମାନେ ଏହି ଉଦ୍ଧାର ମାଟିକୁ ନିଜ ଜମିରେ ପକାଇବାକୁ ନେବାକୁ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

ଜଳାଶୟ ବିଭାଗର ଉପଦେଷ୍ଟା ଇଂ.ହାଡିବନ୍ଧୁ ବେହେରା ତରବରିଆ ଭାବେ କାମ ନ କରି ବର୍ଷା ମାସ ସରିବା ପରେ ବି କରାଯାଉ ବୋଲି ପରାମର୍ଶ ଦେଇଥିବା କହିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ। ଏତେ ବଡ଼ ସାଗରର ସଂପୂର୍ଣ୍ଣ ପୁନଃରୁଦ୍ଧାର ପାଇଁ ଆବଶ୍ୟକ ସଂଖ୍ୟକ ଚେନ୍ ଲାଗିଥିବା ଜେସିବି, ପ୍ରୋକଲିନ୍ ପରି ଯନ୍ତ୍ରାଂଶ ନ ମିଳିବା ଯୋଗୁଁ କାମ ମନ୍ଥର ହେଉଛି ବୋଲି କହିଛନ୍ତି ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ।

# ମଣ୍ଡିରୁ ମୁହଁ ମୋଡ଼ିଲେ ୨୫% ଚାଷୀ: ବଳିଲା ଦେଢ଼ ଲକ୍ଷ କୁଇଣ୍ଟାଲ୍ ଟାର୍ଗେଟ୍



ଖୋର୍ଦ୍ଧା, ୨୭/୩ (ନି.ପ୍ର): ମଣ୍ଡି ଆରମ୍ଭରୁ ଯାହା ଆଶଙ୍କା କରାଯାଉଥିଲା, ଶେଷ ବେଳକୁ ସେୟା ହିଁ ହେଲା। ଚଳିତବର୍ଷ ଧାନକିଣା ଋତୁରେ ଖୋର୍ଦ୍ଧା ଜିଲ୍ଲାରୁ ୧ ଲକ୍ଷ ୮୦ହଜାର କୁଇଣ୍ଟାଲ୍‌ର ଧାନ ଟାର୍ଗେଟ୍ ବଳି ପଡ଼ିଲା ପଛେ, ଚାଷୀଙ୍କଠାରୁ କିଣା ଯାଇ ପାରିଲା ନାହିଁ। ଜିଲ୍ଲାର ୧୨ହଜାର ୪୫୬ଜଣ ଚାଷୀ ଏଥର ଧାନ ମଣ୍ଡିରୁ ମୁହଁ ଫେରାଇବାର ଚିତ୍ର ବି ବ୍ୟଥିତ କରିଛି। ଜିଲ୍ଲା ଧାନକିଣାରେ ଏ ପ୍ରକାର ନିଅଣ୍ଟିଆ ପରିସ୍ଥିତି ଜିଲ୍ଲାର ମରୁଡ଼ି ସ୍ଥିତିକୁ ଇଙ୍ଗିତ କରୁଛି। ଜିଲ୍ଲା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ତଥ୍ୟ କହୁଛି, ଚଳିତବର୍ଷ ଖୋର୍ଦ୍ଧା ଜିଲ୍ଲାର ମୋଟ୍ ୫୧ହଜାର ୧୫୧ଜଣ ଚାଷୀ ଧାନଚାଷ କରିଛନ୍ତି। ସେମାନେ ଧାନ ବିକ୍ରି କରିବେ ବୋଲି ନିଜକୁ ପଞ୍ଜୀକୃତ କରିଥିଲେ। ସାଟେଲାଇଟ୍ ସର୍ଭେ ଜରିଆରେ ସରକାର ପ୍ରତ୍ୟେକ ପ୍ଲଟ୍‌କୁ ତନଖିଲେ। ଗାଁରେ ସୋସାଇଟି ସେକ୍ରେଟାରୀ, କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଲଗାଇ ପ୍ଲଟ୍‌ରେ ଚାଷ ହୋଇଛି କି ନାହିଁ, ଯାଞ୍ଚ ବି କଲେ। ଯାଞ୍ଚ ପରେ ଧାନ ମଣ୍ଡି ଖୋଲିଲା। ସମସ୍ତ ୫୧ହଜାର ଚାଷୀଙ୍କୁ ଟୋକନ ବଣ୍ଟାଗଲା। ଚାଷୀଙ୍କ ଧାନଚାଷକୁ ଦେଖି ସରକାର ଏଥର ପ୍ରଥମ ପର୍ଯ୍ୟାୟରେ ୧୩ଲକ୍ଷ ୧୧ହଜାର ୭୬୪କୁଇଣ୍ଟାଲ୍ ଧାନ କିଣିବା ପାଇଁ ଟାର୍ଗେଟ୍ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୧ ଲକ୍ଷ ୧୭ହଜାର ୬୪୭କୁଇଣ୍ଟାଲ୍‌ର ଅତିରିକ୍ତ ଧାନ କିଣିବା ପାଇଁ ଅନୁମତି ଦିଆଗଲା। ଦୁଇଟି ପର୍ଯ୍ୟାୟରେ ଜିଲ୍ଲାରୁ ମୋଟ୍ ୧୪ଲକ୍ଷ ୨୯ହଜାର ୪୧୧ କୁଇଣ୍ଟାଲ୍ ଧାନ କିଣିବା ପାଇଁ ସରକାର ଜିଲ୍ଲାକୁ ଟାର୍ଗେଟ୍ ଦେଲେ। କିନ୍ତୁ ଜିଲ୍ଲାରେ ଧାନ ଅମଳ ଏତେ ଅଭାବ ପରିଲକ୍ଷିତ ହେଲା ଯେ ଦ୍ୱିତୀୟ ଟାର୍ଗେଟ୍ ଉପରେ ହାତ ମାରିବା ଦୂରେ ଥାଉ, ଜିଲ୍ଲା ଯୋଗାଣ ବିଭାଗ ପ୍ରଥମ ଟାର୍ଗେଟ୍ ବି ପୂରଣ କରି ପାରିଲା ନାହିଁ। ୧୪ଲକ୍ଷ ୨୯ହଜାର କୁଇଣ୍ଟାଲ୍ ମଧ୍ୟରୁ ମାତ୍ର ୧୨ଲକ୍ଷ ୫୦ହଜାର ୪୬୨କୁଇଣ୍ଟାଲ୍ ଧାନ କିଣା ହୋଇଛି। ଅବଶିଷ୍ଟ ୧ଲକ୍ଷ ୭୮ହଜାର ୯୪୯କୁଇଣ୍ଟାଲ୍ ଟାର୍ଗେଟ୍ ବଳି ପଡ଼ିଛି। ଗତବର୍ଷ ଜିଲ୍ଲାରୁ ୧୪ଲକ୍ଷ ୫୭ହଜାର ୫୪୩କୁଇଣ୍ଟାଲ୍ ଧାନ ବିକ୍ରି କରିଥିଲେ। ଚଳିତବର୍ଷ ସେତିକି ବି ଧାନ ସରକାରଙ୍କ ପାଖକୁ ଆସି ପାରିନାହିଁ। ଗତବର୍ଷ ଜିଲ୍ଲାର ୪୮ହଜାର ୪୦୮ଜଣ ଚାଷୀ ଧାନ ବିକ୍ରି କରିଥିଲେ। ଚଳିତବର୍ଷ ଜିଲ୍ଲାର ପଞ୍ଜୀକୃତ ମୋଟ୍ ୫୧ହଜାର ୧୫୧ ଚାଷୀଙ୍କ ମଧ୍ୟରୁ ମାତ୍ର ୩୮ହଜାର ୬୯୫ ଚାଷୀ ଧାନ ବିକ୍ରି କରିଛନ୍ତି। ଅବଶିଷ୍ଟ ୧୨ହଜାର ୪୫୬ ଚାଷୀ ଧାନମଣ୍ଡିରୁ ମୁହଁ ମୋଡ଼ିଛନ୍ତି। ଶତକଡ଼ା ହିସାବରେ ଜିଲ୍ଲାରେ ୨୫% ଚାଷୀ ଧାନ ବିକ୍ରି କରିବାକୁ ଆସି ନାହାନ୍ତି। ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ଏବଂ ଜାଗେଶ୍ୱରୀ ଆଦି ଦୁଇ ଗୋଟି ସେବା ସମବାୟ ସମିତିରୁ ଏଥର ମୁଠାଏ ଧାନ କିଣାଯାଇ ପାରିନାହିଁ। ଜିଲ୍ଲାର ଅନ୍ୟ ୮ଟି ବ୍ଲକ୍ ଅପେକ୍ଷା ବୋଲଗଡ଼ ଏବଂ ବେଗୁନିଆର ସ୍ଥିତି ଜଟିଳ ରହିଛି।

# ଚଳିତ ବର୍ଷ ୪ ହଜାର ୨ ଶହ ହେକ୍ଟରରୁ ତୋଳାଯିବ: ୧୫ ଶହ କ୍ୱିଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟ

ଦଶପଲ୍ଲା, ୨୭/୩ (ନି.ପ୍ର): ପାଗ ଅନୁକୂଳ ହେଉଥିବା ବର୍ଷମାନଙ୍କରେ ଭଲ କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ମାତ୍ର ଯେଉଁ ବର୍ଷ କାଳବୈଶାଖୀ ପ୍ରଭାବରେ ଝଡ଼ିବର୍ଷା ସାଙ୍ଗକୁ କୁଆପଥର ବର୍ଷା ହେଉଛି ସେହିବର୍ଷ ପତ୍ର ସଂଗ୍ରହରେ ବାଧକ ସୃଷ୍ଟି ହେଉଛି। କିନ୍ତୁ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ରହିଛି ପାଗ ଅନୁକୂଳ। ଜଙ୍ଗଲରେ ଗୋଛି ସଫା କାମ ଶେଷ ହୋଇଛି। ଫଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହିଛି। ଦଶପଲ୍ଲା କେନ୍ଦୁପତ୍ର ବନାଞ୍ଚଳ ଅଧୀନରେ ଥିବା ଦଶପଲ୍ଲା, ଗଣିଆ, ରଣପୁର ଏବଂ ନୂଆଗାଁ ବ୍ଲକ୍‌ର ୪ ହଜାର ୨ ଶହ ହେକ୍ଟର ସ୍ଥାନରୁ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ କରାଯିବ। ଏସବୁ ବ୍ଲକ୍‌ର ୫୮ଟି ଫଡ଼ି ଓ ଗୋଟିଏ କଲେକ୍ସନ ସେଣ୍ଟରରୁ ଗତବର୍ଷ ୧୩ ଶହ କ୍ୱିଣ୍ଟାଲ ପତ୍ର ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ ଶହ କ୍ୱିଣ୍ଟାଲ ପତ୍ର ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଆଶିଷ ସେନାପତି କହିଛନ୍ତି। ସରକାର ଚଳିତବର୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପାରିଶ୍ରମିକ ଓ ବୋନସ୍ ଅର୍ଥ ବୃଦ୍ଧି କରିଛନ୍ତି। ଗତବର୍ଷ କେନ୍ଦୁପତ୍ର କେରୀ ପ୍ରତି ୧ ଟଙ୍କା ୪୦ ପଇସା ରହିଥିବା ବେଳେ ଚଳିତବର୍ଷ ୧ ଟଙ୍କା ୬୦ ପଇସା ରହିଛି। ଚଳିତ ବର୍ଷ ୬ ହଜାର ୧୧୨ ଜଣ ତୋଳାଳି ସାମିଲ୍ ହେବେ। ଗତ ଫେବ୍ରୁଆରି ୨୧ ତାରିଖଠାରୁ ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଜଙ୍ଗଲରୁ ଗୋଛି ସଫା କରାଯାଇଛି। ଏହା ପରେ ବର୍ଷା ହୋଇ ପାଗ ଅନୁକୂଳ ଦେଇଥିବାରୁ ଭଲ ପତ୍ର ମଧ୍ୟ କଅଁଳିବା ଆରମ୍ଭ ହୋଇଛି। ଆସନ୍ତା ଏପ୍ରିଲ୍ ୨୦ ତାରିଖ ଭିତରେ କେନ୍ଦୁପତ୍ର ତୋଳା ଆରମ୍ଭ କରାଯିବା ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ସଂଗ୍ରହ ହୋଇଥିବା ୨ ହଜାର ୬ ଶହ ୫୦ ବସ୍ତା କେନ୍ଦୁପତ୍ର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧ ହଜାର ୬ ଶହ ୨୦ କ୍ୱିଣ୍ଟାଲ କେନ୍ଦୁପତ୍ର ବିକ୍ରୟ ସରିଲାଣି। ପ୍ରଥମେ ପ୍ରଥମେ କ୍ୱିଣ୍ଟାଲ ପ୍ରତି ୨୫ରୁ ୨୬ ହଜାର ଟଙ୍କା ରହୁଥିବା ବେଳେ ଏବେ ପତ୍ରର ମାନ ହ୍ରାସ ପାଉଥିବାରୁ ଏହାର ମୂଲ୍ୟ ୧୮ରୁ ୧୯ ହଜାର ଟଙ୍କା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ପ୍ରତିବର୍ଷ କେନ୍ଦୁପତ୍ର ଚୋରାଚାଲାଣ ବୃଦ୍ଧି ପାଉଥିବାରୁ ବିଭାଗ ପକ୍ଷରୁ ବିକ୍ରୟ ହେଉଥିବା ପତ୍ର ଉପରେ ଏହାର ପ୍ରଭାବ ପଡୁଛି। ଏଥିପ୍ରତି ଗୁରୁତ୍ୱ ଦିଆଗଲେ ଅଧିକ ପତ୍ର ସଂଗ୍ରହ ହେବା ସହ ବିକ୍ରୟ ମଧ୍ୟ ଭଲ ହୋଇପାରିବ କୁହାଯାଉଛି।

# ବିପଦ ସାଜିଛି ଅଣଓସାରିଆ ପୋଲ: ପଥ ନିର୍ଦ୍ଦେଶିକା ନାହିଁ

ବାଲଗଡ଼, ୨୭/୩ (ନି.ପ୍ର): ବୋଲଗଡ଼ ବ୍ଲକ୍ ଅଞ୍ଚଳର ରାଜସୁନାଖଳା-ଧଳାପଥର ପୂର୍ତ୍ତ ରାସ୍ତା ବଗୋଙ୍କାଇଦେଶ ପଞ୍ଚାୟତ ବାରବାଟୀ ଗ୍ରାମ ଉପକଣ୍ଠ ପଶ୍ଚିମ ଦିଗ ନାଳ ଉପେର ଥିବା ପୁରାତନ ପୋଲ ଏବେ ଦୁଘର୍ଟଣା ପ୍ରବଣ ସ୍ଥାନ ପାଲଟିଛି। ଏଠାରେ ସାଇନେବାର୍ଡ ନଥିବା ବେଳ ଅଣଓସାରିଆ ପୋଲେର ଅେନକ ସମୟେର ଦୁଘର୍ଟଣା ଘଟୁଛି। ପୋଲର ସଂପ୍ରସାରଣ ପାଇଁ ଦାବି ହେଉଥିେଲ ହେଁ ବିଭାଗୀୟ କର୍ତ୍ତୃପକ୍ଷ କଣ୍ଣର୍ପାତ କରୁ ନଥିବା ଅଭେଯାଗ ହେଉଛି। ପୋଲଟି ବହୁ ପୁରୁଣା ହୋଇଥିବା ବେେଳ ଏଠାେର ଅଣଓସାରିଆ ହୋଇ ରହିଛି। ରାସ୍ତାଟି ମଧ୍ୟ ଏଠାେର ପୋଲ ଠାରୁ ବୁଲାଣି। ଯାତାୟାତ ବେେଳ ପୋଲ ସ୍ଥାନେର ବୁଲଣି ବୁଲାଇବା କଷ୍ଟକର ହେଉଛି। ଏଠାେର କୌଣସି ପଥ ନଦେ୍ଦର୍ଶିକା ନଥିବାରୁ ଯାନବାହନ ବୁଲିବା ବେେଳ ନଈକୁ ଖସି ପଡ଼ିବାର ସମ୍ଭାବନା ଯେଥଷ୍ଟ ରହିଛି। ଲୋକେ ନଈକୁ ଗଳିପଡ଼ିବାର ନଜିର ମଧ୍ୟ ରହିଛି। ବହୁ ଲୋକେ ଗୁରୁତର ଆହତ ହେବା ସହିତ କେେତକଙ୍କର ପ୍ରାଣହାନି ମଧ୍ୟ ଘଟିଛି। ରାସ୍ତାଟି ପୂବର୍ରୁ ଆରର୍ଡ଼ି ବିଭାଗ ଅଧୀନେର ରହିଥିଲା। ମାତ୍ର ରାସ୍ତାର ଗୁରୁତ୍ୱକୁ ଦୃଷ୍ଟରେ ରଖି ଏହା ପ୍ରାୟ ୫ ବର୍ଷ ପୂବର୍ରୁ ପୂର୍ତ୍ତ ବିଭାଗ ଅଧୀନକୁ ଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ସାମ୍ପ୍ରସାରଣ କରାଯାଇଥିଲା। ତିନି ବର୍ଷ ପୂବେର୍ ପୂର୍ତ୍ତ ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ କରାଯାଇଥିଲା। ସେତେବେଳ ରାସ୍ତାକୁ ଅଧିକ ଓସାରିଆ କରାଯାଇଥିଲା। ମାତ୍ର ପୁରୁଣା ପୋଲଟିର ସମ୍ପ୍ରସାରଣ କରାଯାଇ ପାରିନାହିଁ। ରାସ୍ତାଟି ବଲାଙ୍ଗୀର -ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ରାଜସୁନାଖଳାଠାରୁ ବାହାରି ଧଳାପଥର ଠାେର ବାଘମାରୀ କଣ୍ଟିଲୋ ରାଜ୍ୟରାଜପଥକୁ ସଂଯୋଗ କରୁଛି। ଧଳାପଥରଠାରୁ କଟକ ଜିଲ୍ଲାର ବୈଦେଶ୍ୱର ଏବଂ ବାଙ୍କୀ ଅଞ୍ଚଳକୁ ଅନ୍ୟ ରାସ୍ତା ସଂଯୋଗ ରହିଛି। ଏହି ପୂର୍ତ୍ତ ରାସ୍ତା ଦେଇ କଟକ ଜିଲ୍ଲାର ବଡ଼ମ୍ବା ବାଙ୍କୀ ନୟାଗଡ଼ ଜିଲ୍ଲାର ଭାପୁର ଏବଂ ରଣପୁର ଅଞ୍ଚଳ ସେମତ ସ୍ଥାନୀୟ ବୋଲଗଡ଼ ବ୍ଲକ୍ ଅଞ୍ଚଳର ଲୋକେ ନିଭର୍ର କରିଥାନ୍ତି। ବିଭିନ୍ନ ଦିଗରୁ ଗୁରୁତ୍ୱ ବହନ କରୁଥିବା ଏହି ପୂର୍ତ୍ତ ରାସ୍ତାରେ ବାରବାଟୀ ପୋଲ ସଂପ୍ରସାରଣ ଲୋଡ଼ା ପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗେର ପଦେକ୍ଷପ ନେଇ ପୋଲର ସଂପ୍ରସାରଣ କରିବାକୁ ଅରିକିମା ସରପଞ୍ଚ ପ୍ରେମାଦ କୁମାର ରାଉତରାୟ, ବଗୋଙ୍କାଇ ଦେଶ ସମିତି ସଭ୍ୟ ରଞ୍ଜନ ଲେଙ୍କାଙ୍କ ସେମତ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଝୁମୁରିଆ ସୌରୀ ମହାନ୍ତ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ



ବାରିପଦା, ୨୭/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଲୋକ ନୃତ୍ୟ କହିଲେ ଛଉ ଏବଂ ଝୁମର କୁ ବୁଝାଏ । ଯାହା ମୟୂରଭଞ୍ଜ ଜିଲ୍ଲାକୁ ବିଶ୍ୱ ଦରବାରରେ ପରିଚୟ ପ୍ରଦାନ କରିଛି । ବିଗତ ହଜାର ହଜାର ବର୍ଷ ଏହି ଲୋକନୃତ୍ୟ କୁ ପଚାର ପ୍ରସାର ପାଇଁ ଅନେକ କଳାକାରଙ୍କ ଅବଦାନ ତଥା ଅନୁଦାନ ଉଲ୍ଲେଖନୀୟ । ସେହି ବଦାନ୍ୟ କଳାକାର ମାନଙ୍କ ମଧ୍ୟରୁ ଦିବଂଗତ ଝୁମର ଗାୟକ ସୌରୀଦତ୍ତ ମହାନ୍ତ ଅନ୍ୟତମ । ସ୍ୱର୍ଗତଃ ସୌରୀଦତ୍ତ ମହାନ୍ତ ଏକାଧାର ରେ ଝୁମର ଗାୟକ, ବାଦକ, ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ ଆଦି ଅନେକ ପ୍ରତିଭାର ଅଧିକାରୀ ଥିଲେ । କିନ୍ତୁ ଗତବର୍ଷ ମାର୍ଚ୍ଚ ୧୮ ତାରିଖ ରେ ତାଙ୍କର ପରଲୋକ ହୋଇଯିବା ପରେ ଝୁମର ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ହୋଇ ଯାଇଛି । ଝୁମର ଜଗତର ଏହି ଅମର ବ୍ୟକ୍ତିତ୍ୱ ଙ୍କ ସ୍ମୃତିରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ଝୁମୁରିଆ ସୌରୀ ମହାନ୍ତ ସ୍ମୃତି ସମ୍ମାନ ମଞ୍ଚ ର ଆନୁକୂଲ୍ୟରେ ଝୁମୁରିଆ ସୌରୀ ମହାନ୍ତ ସ୍ମୃତି ସମ୍ମାନ- ୨୦୨୪ ଶ୍ରୀମତୀ ଜୟନ୍ତୀ ମହାନ୍ତଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଶ୍ରୀମତୀ ଜୟନ୍ତୀ ମହାନ୍ତଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତି ଫଳକ ଦେଇ ଉକ୍ତ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି, ସେ ହେଉଛନ୍ତି ସ୍ୱର୍ଗତ ସୌରୀଦତ୍ତଙ୍କ ସହଧର୍ମିଣୀ । ତାଙ୍କ ସହଯୋଗ ଓ ସମର୍ଥନ ବିନା ସୌରୀଦତ୍ତ ଝୁମରର ପ୍ରଚାର ଓ ପ୍ରସାର ଦିଗରେ ଏତେ ଆଗକୁ ଯାଇପାରି ନଥାନ୍ତେ । ଯେଉଁ ସମୟରେ ଝୁମର ଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଆସିଥିଲା ସେ ସମୟରେ ସୌରୀଦତ୍ତ ଝୁମର ମେଲୋଡି, ଝୁମର କ୍ୟାସେଟ ଓ ଆଲବମ ତିଆରି କରି ଏ ଲୋକ କଳାକୁ ଲୋକପ୍ରିୟ କରିଥିଲେ। ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣକୁ ଝୁମରର ପ୍ରସାର ଦିଗରେ ସମ୍ମାନିତ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି । ସ୍ମୃତି ସମ୍ମାନ ମଞ୍ଚର ଆବାହକ ତଥା ଝୁମର ପ୍ରଯୋଜକ ଶ୍ରୀ ତପନ ମହାନ୍ତ ଓ ନିର୍ଦ୍ଦେଶକ ଶ୍ରୀ ଗୁଲଶନ ମହାନ୍ତଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝୁମର ଗାୟିକା ଆରତୀ ଟୁଡୁ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ କୁଡମାଲୀ ଝୁମର ଏକାଡେମୀର ସଭାପତି ଅବନୀ ମହାନ୍ତ, ପ୍ରାକ୍ତନ ଅଧ୍ୟାପକ ଗୋପବନ୍ଧୁ ମହାନ୍ତ, କୁଡମାଲୀ କଲଚୁରାଲ ଆସୋସିଏସନ୍ ର ସଭାପତି ଚିତ୍ତରଞ୍ଜନ ମହାନ୍ତ, ସଂଗୀତ ନିର୍ଦ୍ଦେଶକ କ୍ଷୀରୋଦ ମହାନ୍ତ, ଜୟ ଗୋରାମ ଟିଭିର ନିର୍ଦ୍ଦେଶକ ତଥା ସମ୍ପାଦକ କବି ମନୋଜ କୁମାର ମହାନ୍ତ, ପ୍ରଯୋଜକ ପ୍ରଶାନ୍ତ ମହାନ୍ତ, ଗାୟିକା ବିନ୍ଦୁମୋତି ମହାନ୍ତ, ପ୍ରଯୋଜକ ହିମାଂଶୁ ମହାନ୍ତ, କୁନା ମାହାନା, ସାଉନା ଟୁଡୁ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ସର୍ବ ପ୍ରଥମେ ସ୍ୱର୍ଗତଃ ସୌରୀଦତ୍ତ ମହାନ୍ତ ଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରିଥିଲେ । ପରେ ସ୍ମୃତିଚାରଣ ପୂର୍ବକ ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିଗଣ ସ୍ୱର୍ଗତଃ ସୌରୀଦତ୍ତ ମହାନ୍ତ ଙ୍କ ଝୁମର ପ୍ରତି ଅବଦାନ କୁ ଅଭିଭାଷଣ ରେ ପ୍ରକାଶ କରିଥିଲେ । ଶେଷରେ ଉକ୍ତ ପୂଜ୍ୟପୂଜାର ପରମ୍ପରା କୁ ବଜାୟ ରଖିବା ପାଇଁ ଯଥାଶୀଘ୍ର କମିଟିକୁ ପଞ୍ଜିକୃତ କରି ଆଗାମୀବର୍ଷ ଏହାକୁ ବିଶାଳ ଜନସମାବେଶରେ ପାଳନ କରିବାର ଅତିଥି ଗଣ ମତ ରଖିଥିଲେ ।

# ରାଜନୀତି ବଡ ବିଚିତ୍ର !...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ରାଜନୀତିରେ ଉଚ୍ଚ ଦରମା ସାଙ୍ଗକୁ ପେନସନ ଏବଂ ପ୍ରତି କାର୍ଯ୍ୟରେ ପି.ଶି. କାରବାରର ସୁବିଧା ଅଛି । ଅଧିକା ଅର୍ଥ ଅଛି ତ ରାଜନୀତିରେ ବିନିଯୋଗ ଖୁବ ଲାଭଦାୟକ । ସଦ୍ୟସତ୍ୟ ଓଡ଼ିଶା ରାଜ୍ୟ ସରକାର ରାଜନେତାମାନଙ୍କର ମାସିକ ବେତନକୁ ବେଶ୍ ବୃଦ୍ଧି କରାଇଛନ୍ତି । ଏଠି ପ୍ରଶ୍ନ ଉଠେ ଯଦି ନେତା ମାନେ ଦେଶ ସେବା କରୁଛନ୍ତି ତାହେଲେ ଦରମା କାହିଁକି ? ଯଦି ଦରମା ତାହେଲେ ଶିକ୍ଷାଗତ ଯୋଗ୍ୟତା କାହିଁକି ନୁହେଁ? ଏହା ହିଁ ତ ରାଜନୀତିର ସବୁଠୁ ବଡ଼ ବୈଚିତ୍ର୍ୟ ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥାଏ ।

ପିଲାଦିନର ପାଠ ବହିରେ ଆମେ ପଢିଥିଲୁ- "ଆମେ ଚଳାଉଛୁ ଦେଶ ଆମରି, ଆମରି ନାଆ ରେ ଆମେ ନାଉରୀ" । ହଁ ଆଜ୍ଞା ଆମ ଦେଶ ଆଜକୁ ପ୍ରାୟ ୭୭ ବର୍ଷ ପୂର୍ବେ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିଲା । ପରାଧୀନର ଶୃଙ୍ଖଳ ଭାଙ୍ଗି ସ୍ୱାଧୀନତାର ସ୍ୱାଦ ଚାଖିଥିବା ଭାରତର ଶାସନ ଭାର ତାର ନାଗରିକ ମାନଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ସାମ୍ବିଧାନିକ ବିଧି ବ୍ୟବସ୍ଥା ହିସାବରେ ପ୍ରତି ପାଞ୍ଚ ବର୍ଷରେ ଗଣତନ୍ତ୍ରର ମାଲିକ କୁହାଯାଉଥିବା ନାଗରିକମାନେ ନିଜର ମନ ପସନ୍ଦ ପ୍ରାର୍ଥୀ ଚୟନ କରି ସେମାନଙ୍କୁ ପାଞ୍ଚ ବର୍ଷ ନିମନ୍ତେ ଦେଶର ଶାସନ ଭାର ଦେଇଥାନ୍ତି । ୧୯୫୨ ମସିହାଠାରୁ ଏହା ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ଚାଲିଆସୁଛି ମଧ୍ୟ ସ୍ୱାଧୀନତାର ୭୭ ବର୍ଷ ପରେ ଆଜି ଆମକୁ ପୁଣି ଥରେ ପଚାରିବାକୁ ପଡୁଛି, ଆମେ ସତରେ ଆମ ଶାସନ ବ୍ୟବସ୍ଥାର ପରିଚାଳକ କି? ଖାଲି ଭୋଟ ଦେଇଦେଲେ ଆମର ଦାୟିତ୍ୱ ସରିଗଲା କି? ପାଞ୍ଚ ବର୍ଷରେ ଥରେ ଭୋଟ ଦେବାର ଅଧିକାର ହିଁ କେବଳ ଆମର ଶାସକ ହେବାର ସଙ୍କେତ କି? ଆମେ ଭୋଟ ଦେଉଛୁ, ତେଣୁ ଆମେ ଆମ ଦେଶକୁ ଚଳାଉଛୁ ବୋଲି ଭାବିନେବା ସାଧ୍ୟାତିକ ସତ୍ୟ କି? କେବେ ନୁହେଁ ।

ସମୟ ଆସିଛି ପ୍ରତ୍ୟେକ ଭୋଟରମାନଙ୍କୁ ଏହାର ଗୁରୁତ୍ୱକୁ ଅନୁଭବ କରିବାକୁ ପଡ଼ିବ । ନିଜର ଭୋଟ ଖଣ୍ଡିକୁ ସ୍ୱଳ୍ପ ଅର୍ଥ ବିନିମୟରେ ବିକ୍ରି ନକରି ନିଜର ଅମୂଲ୍ୟ ଭୋଟ ଖଣ୍ଡିକ ଉପଯୁକ୍ତ ପ୍ରାର୍ଥୀ ସପକ୍ଷରେ ରହିବା ଉଚିତ୍ ଫଳରେ ଦେଶର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରିବ ।

ଆମେ ଆଶା କରିବା ପ୍ରତ୍ୟେକ ଭୋଟର ଗଣତନ୍ତ୍ରର ପ୍ରକୃତ ସଜ୍ଞାକୁ ଭଲଭାବରେ ବୁଝିବେ । ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ଭୋଟରମାନେ ସଚେତନ ହେବା ନିହାତି ଜରୁରୀ ନଚେତ୍ ରାଜନୀତି ଏହ ଆଖ୍ୟାୟିକା ଭାବେ ବିବେଚନା ହେବ ଏଥିରେ ଦ୍ୱିମତ ନାହିଁ ।

+ଅଧ୍ୟାପକ,ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

# ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାସୁଦେବପୁର, ୨୭/୩ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହା ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ନାମରେ ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଥିଲେ ଏବଂ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଟଳ ବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁ, ବିଧାୟକଙ୍କ ଭାଇ ଦୁର୍ଗା ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଶିକ୍ଷପତି ଶୁଭେନ୍ଦୁ ଭୂଷଣ ବେହେରା, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଭାଗିରଥି ବଳ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ସୁବାସ ନାୟକ,ବ୍ଲକ ଉପାଧ୍ୟକ୍ଷ ଚିନ୍ମୟ ବାରିକ୍ , ଯୁବ ନେତା ଦେବ ଦର୍ଶନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ର ସଭାପତି କାଳନ୍ଦୀ ସାହୁ, ଶଶି ଭୂଷଣ ବାରିକ୍, ମାନସ ସାହୁ, ସୁଶାନ୍ତ ସେଠି, ସାରଦା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି କ୍ରିକେଟ ଖେଳରେ ଆଜିର ଦିନରେ ନିମପୁର ସ୍ପୋଟିଂ କଟକ ଓ ୟୁ ଏଣ୍ଡ ମି ବାଲେଶ୍ୱର ବିଜୟ ଲାଭ କରିଥିଲେ । ଏହି ଖେଳକୁ ବାସୁଦେବପୁର ଉତ୍କଳିକା ସ୍ପୋଟିଙ୍ଗ ଆୟୋଜନ କରିଥିଲେ ।

# ଇନରହୁଇଲ ତରଫରୁ 'ହୋଲି' ପର୍ବ ପାଳିତ



ଉଦଳା , ୨୭/୩ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ହୋଲି ଉତ୍ସବ ସ୍ଥାନୀୟ ଆଶିର୍ବାଦ ଭବନ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର, ରଙ୍ଗଖେଳ ଓ ମିଷ୍ଟାନ୍ନ ବଂଟନର ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କ୍ଲବର ସଂପାଦିକା ମମତା ସାହୁ, ହୋଲି ଆଜି କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀରେ ବିଭିନ୍ନ ଦେଶରେ କେଉଁଠାରେ କିଭଳି ଢ଼ଙ୍ଗରେ ପାଳିତ ହେଉଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ କ୍ଲବର ସଦସ୍ୟା ଅନୁରାଧା କବାଟ ଆଜକୁ ୫୦୦ ବର୍ଷ ପୁର୍ବେ ମହାପ୍ରଭୁ ଶ୍ରୀ ଚୈତନ୍ୟ ଏହି ଦୋଳ ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ । ତେଣୁ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଉକ୍ତ ଉତ୍ସବକୁ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜନ୍ମଦିନ ଭାବରେ ମୁଖ୍ୟତଃ ପାଳନ କରାଯାଇଥାଏ ବୋଲି ବ୍ୟକ୍ତ କରିଥିଲେ । ଶ୍ରୀ ଚୈତନ୍ୟଙ୍କ ଦର୍ଶନ ଆଜି ସମଗ୍ର ପୃଥିବୀକୁ କବଳିତ କରିଥିବାରୁ ଆମେ ନିଜକୁ ଗର୍ବ ଅନୁଭବ କରୁ ବୋଲି ଅନୁରାଧା କହିଥିଲେ । ରୋଟାରୀ କ୍ଲବ ଉଦଳାର ସଦସ୍ୟ ମାନେ ମଧ ଆଜିର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ, ପାରସ୍ୟ ଓ ଆରବ ଦେଶର ଲେଖକ ମାନେ ଭାରତୀୟ ସଭ୍ୟତାକୁ ବିଜ୍ଞାନ, ଦର୍ଶନ, ଔଷଧୀୟ ଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ଗଣିତ, ଚାରୁଚିତ୍ରକଳା, ସ୍ଥାପତ୍ୟ, ଧାତୁବିଦ୍ୟା , ବାଦ୍ୟଯନ୍ତ୍ର ଓ କଳା ସଂଗୀତର ଭୂମିରୂପେ ଉଲ୍ଲେଖ କରିଛନ୍ତି ବୋଲି ବ୍ୟକ୍ତ କରିଥିଲେ । ରୋଟାରିଆନ ହରେନ ପଟ୍ଟନାୟକ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଭାଇ ଭଉଣୀ ମାନଙ୍କୁ କୃତଜ୍ଞତା ଜଣାଇବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ପରେ ରଙ୍ଗଖେଳ ଓ ମିଷ୍ଟାନ୍ନ ବଂଟନର ପର୍ବ ସହିତ ଆୟୋଜିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ବୈଶାଖୀ ମହୋତ୍ସବ ଆନୁକୂଲ୍ୟରେ ବାସନ୍ତୀପୂଜା ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୭/୩ (ନି.ପ୍ର):ଚଳିତବର୍ଷ ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ବାସନ୍ତୀ ମଣ୍ଡପ ପରିସରରେ ୩୮ବର୍ଷର ଉଡ଼ାଯାତ୍ରା, ବାସନ୍ତୀ ପୂଜାର ରଜତ ଜୟନ୍ତୀ ଉତ୍ସବ ତଥା ବୈଶାଖୀ ମହୋତ୍ସବର ନବମ ସଂସ୍କରଣ ପ୍ରସ୍ତୁତି ବୈଠକ ସଭାପତି ଆଡ୍‌ଭୋକେଟ୍ ଅଶୋକ ସେନାପତିଙ୍କ ପୌରୋହିତ୍ୟରେ ଚଳିତବର୍ଷ ବାସନ୍ତୀ ପୂଜାର ରଜତ ଜୟନ୍ତୀ ପାଳନ ଆଗାମୀ ଏପ୍ରିଲ୍ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ମହିଳାମାନଙ୍କ ପାଇଁ ଝୋଟି, ମୁରୁଜ, ଶଙ୍ଖ ଓ ହୁଳହୁଳି, ଛୋଟଛୋଟ ପିଲାମାନଙ୍କର ନାଚଗୀତ ପ୍ରତିଯୋଗିତା ହେବା ସଙ୍ଗେସଙ୍ଗେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର, ବିଷ୍ଣୁମୋହନ କବି, ୟୁଟ୍ୟୁବର୍ ରାଜୁ ଦାସ ଓ ସାଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଭାଗବତ ସାହୁ ବିଗତ ବର୍ଷର ବିବରଣୀ ପ୍ରଦାନ କରିଥିଲାବେଳେ ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ଚଳିତବର୍ଷର କାର୍ଯ୍ୟକ୍ରମ ପାଇଁ ଅନେକ ଉପାଦେୟ ପ୍ରସ୍ତାବ ଆଗତ କରିଥିଲେ। ନାଏବ ସରପଞ୍ଚ ମନ୍ମଥ ମାଝୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ, ଶଶିକାନ୍ତ ଜେନା ମଧୁସୂଦନ କର, ପୂର୍ଣ୍ଣଚନ୍ଦ୍ର ସେଠୀ, ସନାତନ ବେହେରା, ଦୀନବନ୍ଧୁ ବେହେରା, ଅଜୟ ବେହେରା, ରବୀନ୍ଦ୍ର ମଜୁଆଳ, ମନୋଜ ଦାସ, ସାରିକା କର, ଜୟନ୍ତୀ ଜେନା, ପ୍ରଫୁଲ୍ଲ ନାୟକ, ଡମ୍ବରୁଧର ଦାସ, ଦୀନବନ୍ଧୁ ଦାସ, ମହେନ୍ଦ୍ର ମହାଳିକ, ସୁରେଶ ମାଝୀ, ରବୀନ୍ଦ୍ର ମାଝୀ, ରମେଶ ବେହେରା, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ହିମାଂଶୁ ପରିଡ଼ା, ଜଳଧର ଦାସ, ମନୋରଞ୍ଜନ ସେଠୀ, ଦାମୋଦର ସୁତାର, ଉମାକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ କମିଟିର ଉପସଭାପତି ନରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# କୁମାରପୁର ଦୋଳ ମହୋତ୍ସବ ମହା ସମାରୋହରେ ପାଳିତ

ବାସୁଦେବପୁର, ୨୭/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କୁମାର ପୁର ପଞ୍ଚାୟତର କୁମାରପୁର ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଅତୀତରେ କୁମାରପୁର ପଞ୍ଚାୟତରେ ସ୍ୱର୍ଗତ ମାନସ ସାହୁଙ୍କ ଉଦ୍ୟମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଠାକୁର ଙ୍କୁ ବିମାନରେ ବସାଯାଇ ଗ୍ରାମ ପରିକ୍ରମା କରି ମେଳନ କୁ ନିଆ ଯାଉଥିଲା । ଚଳିତ ବର୍ଷ ସମସ୍ତ ଗ୍ରାମ ବାସୀ ମାନଙ୍କ ସହଯୋଗରେ କୁମାରପୁର ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସାତଟି ଦୋଳ ବିମାନ କୁ ନେଇ ଖୁବ୍ ଆକର୍ଷଣୀୟ ଭାବେ ଏହି ଉତ୍ସବ ଆୟୋଜିତ ହୋଇଯାଇଛି । ସମସ୍ତ ବିମାନ ଖୁବ୍ ସୁନ୍ଦର ଭାବେ ଫୁଲ ଓ ବିଭିନ୍ନ ଲାଇଟ ଆଲୋକ ମାଳା ରେ ସଜ୍ଜିତ ହୋଇଥିଲେ । ଏହି ଉତ୍ସବରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ସହିତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଗୁଡ଼ ଗ୍ରାମ ପଞ୍ଚାୟତର ଅବସ୍ଥିତ ବୃଦ୍ଧା ଆଶ୍ରମ ଜୟ ଜୀବ ର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ଓ ପୋଷାକ ବଣ୍ଟନ କରାଯାଇଥିଲା । ବୃଦ୍ଧା ଆଶ୍ରମ ପରିଚାଳକ ସୁଧାକର ମୁନିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜରେ ସତ୍ୟ, ଶାନ୍ତି,ଦୟା, କ୍ଷମା, ସଦ୍ ଭାବ ଓ ଭାଇ ଚାରା ସୃଷ୍ଟି କରିବା ପାଇଁ ଏହି ଅବସରରେ ପ୍ରୟାସ କରାଯାଇଥିଲା । ବହୁ ସଂଖ୍ୟା ରେ ଜନ ସାଧାରଣ ଏହି ଦୋଳ ଉତ୍ସବ ରେ ଯୋଗ ଦେଇଥିଲେ ।



# ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ହୋଲି ପର୍ବ ପାଳିତ



ବାଲେଶ୍ୱର, ୨୭/୩ (ନି.ପ୍ର): ଯୋଗ ମହୋତ୍ସବ ସମିତି ବାଲେଶ୍ୱର ତରଫରୁ ହୋଲି ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇ ଯାଇଛି । ବିବେକାନନ୍ଦ ମାର୍ଗ ସ୍ଥିତ ଲଳିତଶ୍ୱରୀ କାଳୀ ମନ୍ଦିର ପ୍ରାଙ୍ଗଣରେ ଯୋଗ କେନ୍ଦ୍ରର ସାଧକ ସାଧିକାମାନେ ରଂଗର ପର୍ବରେ ରଂଗ ବେରଂଗର ଅଭିର ଜଣେ ଅନ୍ୟ ଜଣକୁ ବୋଳିବାରେ ଉତ୍ସାହ ଦେଖାଇଥିଲେ । ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତମାନେ ମଧ ଏଥିରେ ଯୋଗ ଦେଇଥିଲେ । ଯୋଗ କେନ୍ଦ୍ରର ଯୋଗାଚାର୍ଯ୍ୟ ହୋଲିର ପ୍ରକୃତ ରହସ୍ୟ ବିଷୟରେ ଆଲୋଚନା କରିଥିଲେ ଯେ ଏହି ବସନ୍ତ ଋତୁରେ ଯଦି ଅବିର ଶରୀରରେ ବୋଳି ଦିଆଯାଏ ତେବେ ଏହ ପବନରେ ବାହିତ ବିଭିନ୍ନ ଭାଇରସ୍ ଓ ଜୀବାଣୁ ମାନଙ୍କ ସଂସ୍ପର୍ଶରେ ଆସିଲେ ମଧ ଶରୀରକୁ ବିଶେଷ କ୍ଷତି ପହଞ୍ଚାଇ ନଥାଏ । ଯୋଗର ରଙ୍ଗ ଥରେ ମନୁଷ୍ୟ ଦେହରେ ଲାଗିଗଲେ ସେ ପ୍ରତିଦିନ ଯୋଗ କରିବାକୁ ଆଗ୍ରହୀ ହୋଇଥାଏ । ପୌରାଣିକ ପରମ୍ପରାର ହୋଲି ଆମକୁ ଭକ୍ତି ଆଡ଼କୁ ଟାଣି ନେଇଥାଏ। ଶେଷରେ ସମସ୍ତେ ଭୋଗ ସେବନ କରିଥିଲେ । ଧ୍ୱନି ପ୍ରତିଧ୍ୱନିର ନିର୍ଦ୍ଦେଶକ ଶ୍ରୀ ସୃଷ୍ଟିଧର ପରିଡ଼ାଙ୍କ ସହିତ ଶ୍ରୀ ଦୀପ୍ତିବନ୍ତ ଦାସ, ରଞ୍ଜନ ସାହୁ, ଜ୍ୟୋତି ସାହୁ, ରୀତା ସାହୁ, ଆଲଦା ହମାଶ୍ରୀ, ପଠନୀ ଭୂଷଣ ଦାସ, ଧ୍ରୁବ ଚରଣ ବେହେରା, ସୀତା ବେହେରା, ଶାନ୍ତି ସ୍ୱରୂପ ଦାସ, ସ୍ନେହଲତା ଦାସ, ବ୍ୟାସଦେବ ରାଉତ, ରୀତା ରାଉତ, ସୂର୍ଯ୍ୟ ପୋଥାଳ, ତୃପ୍ତୀ ପୋଥାଳ, କବିତା ସାମଲ, ତମନ୍ନା ସାମଲ, ରଞ୍ଜିତା ଦାସ, ନାରାୟଣ ପାତ୍ର, ପ୍ରସନ୍ନ ପଟ୍ଟନାୟକ, ନିର୍ମଳା ପଟ୍ଟନାୟକ, ବିଶ୍ୱନାଥ ମଲ୍ଲିକ, ବିଶ୍ୱନାଥ ସିଂ, ପ୍ରଦୀପ ସେନାପତି, ଅମରେନ୍ଦ୍ର ଦାସ, ସଂଗ୍ରାମ ପଣ୍ଡିତ, ମଧୁସ୍ମିତା ସେନାପତି, ବିୟଜଲକ୍ଷ୍ମୀ ଜେନା, ସଞ୍ଜିବ, ଶ୍ରଦ୍ଧା ଦାସ ଓ ଜ୍ୟୋସ୍ନାଲତା ଜେନା ପ୍ରଭୃତି ଭାଗ ନେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

# ବିଜେଡିର ପ୍ରାର୍ଥୀ ତାଲିକା...

ପ୍ରଣବ ବଳବନ୍ତରାୟ, ଯାଜପୁରରୁ ସୁଜାତା ସାହୁ, ସୁକିନ୍ଦାରୁ ପ୍ରୀତିରଞ୍ଜନ ଘଡ଼େଇ, ଢେଙ୍କାନାଳରୁ ସୁଧୀର ସାମଲ, କାମାକ୍ଷାନଗରରୁ ପ୍ରଫୁଲ୍ଲ ମଲ୍ଲିକ, ପରଜଙ୍ଗରୁ ନୃସିଂହ ସାହୁ, ପାଲଲହଡ଼ାରୁ ମୁକେଶ ପାଲ, ଛେଣ୍ଡିପଦାରୁ ସୁଶାନ୍ତ ବେହେରା, ସୋନପୁରରୁ ନିରଞ୍ଜନ ପୂଜାରୀ, ଲୋଇସିଂହାରୁ ନିହାରରଞ୍ଜନ ବେହେରା,ପାଟଣାଗଡ଼ରୁ ସରୋଜ ମେହେରଙ୍କୁ ପ୍ରାର୍ଥୀ କରିଛି ଦଳ। ବଲାଙ୍ଗିରରୁ କଳିକେଶ ନାରାୟଣ ସିଂହଦେଓ, ଟିଟିଲାଗଡ଼ରୁ ଟୁକୁନି ସାହୁ, ନୂଆପଡ଼ାରୁ ରାଜେନ୍ଦ୍ର ଢ଼ୋଲକିଆ, ଉମରକୋଟରୁ ମାମିନା ନାୟକ,ଝରିଗାଁରୁ ରମେଶଚନ୍ଦ୍ର ମାଝୀ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଡାବୁଗାଁରୁ ମନୋହର ରନ୍ଧାରୀ, ଲାଞ୍ଜିଗଡ଼ରୁ ପ୍ରଦୀପ ଦିଶାରୀ, ଜୁନାଗଡ଼ରୁ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ରୁ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣାରୁ ଲତିକା ନାୟକ, ଜି.ଉଦୟଗିରିରୁ ସାଲୁଗା ପ୍ରଧାନ, କନ୍ଧମାଳରୁ ମହୀଧର ରଣା, ବୌଦ୍ଧରୁ ପ୍ରଦୀପ ଅମାତ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ବଡ଼ମ୍ବାରୁ ଦେବୀପ୍ରସାଦ ମିଶ୍ର,ବାଙ୍କିରୁ ଦେବୀରଞ୍ଜନ ତ୍ରିପାଠୀ, ଆଠଗଡ଼ରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାରରୁ ସୌଭିକ ବିଶ୍ୱାଳ, କଟକ ସଦରରୁ ଚନ୍ଦ୍ରସାରଥୀ ବେହେରା, ନିଆଳିରୁ ପ୍ରମୋଦ ମଲ୍ଲିକ, ପାଟକୁରାରୁ ଅରବିନ୍ଦ ମହାପାତ୍ର, ଆଳିରୁ ପ୍ରତାପ କେଶରୀ ଦେବ, ମହାକାଳପଡ଼ାରୁ ଅତନୁ ସବ୍ୟସାଚୀ ନାୟକ, ରାଜନଗରରୁ ଧ୍ରୁବ ସାହୁ, ପୁରୀରୁ ସୁନୀଲ ମହାନ୍ତି, ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ରପ୍ରତାପ ମହାରଥୀ ବିଜେଡି ଟିକେଟରୁ ନିର୍ବାଚନ ଲଢ଼ିବେ । ଜଟଣୀରୁ ବିଭୂତିଭୂଷଣ ବଳବନ୍ତରାୟ, ରଣପୁରରୁ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲାରୁ ରମେଶଚନ୍ଦ୍ର ବେହେରା, ନୟାଗଡ଼ରୁ ଅରୁଣ କୁମାର ସାହୁ, ଭଞ୍ଜନଗରରୁ ବିକ୍ରମ କେଶରୀ ଆରୁଖ, ପୋଲସରାରୁ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଛତ୍ରପୁର-ସୁବାସଚନ୍ଦ୍ର ବେହେରା, ସୋରଡ଼ା-ସଂଘମିତ୍ରା ସ୍ୱାଇଁ, ହିଞ୍ଜିଳିରୁ ନବୀନ ପଟ୍ଟନାୟକ, ଗୋପାଳପୁରରୁ ବିକ୍ରମ କୁମାର ପଣ୍ଡା, ଦିଗପହଣ୍ଡିରୁ ବିପ୍ଳବ ପାତ୍ର, ଚିକିଟିରୁ ଚିନ୍ମୟସୁନ୍ଦର,କୋଟପାଡ଼ରୁ ଚନ୍ଦ୍ରଶେଖର ମାଝୀ, ମାଲକାନଗିରି-ମାନସ ମାଡ଼କାମୀ, କୋରାପୁଟରୁ ରଘୁରାମ ପୋଡ଼ାଲ, ଘସିପୁରାରୁ ବଦ୍ରିନାରାୟଣ ପାତ୍ର, ପାଟଣାରୁ ଜଗନ୍ନାଥ ନାଏକଙ୍କୁ ମିଶାଇ ମୋଟ ୭୧ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ସେହିପରି ଲୋକସଭା ପ୍ରାର୍ଥୀ ଭାବେ କଳାହାଣ୍ଡି-ଲମ୍ବୋଦର ନିଆଲ, ସମ୍ବଲପୁରରୁ ପ୍ରଣବପ୍ରକାଶ ଦାସ, ସୁନ୍ଦରଗଡ଼ରୁ ଦିଲ୍ଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝୀ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କୋରାପୁଟରୁ କୌଶଲ୍ୟା ହିକକା, ଆସିକାରୁ ରଞ୍ଜିତା ସାହୁଙ୍କୁ ମିଶାଇ ମୋଟ ୯ଟି ଲୋକସଭା ଆସନ ପାଇଁ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଛି । ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୬ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି,ତା' ମଧ୍ୟରେ ପୁରୀ, ଢେଙ୍କାନାଳ, ଜଗତସିଂହପୁର, କନ୍ଧମାଳ, କଟକ ଓ ଯାଜପୁର ରହିଛି। ପୁରୀ ଲୋକସଭା ଆସନ ପାଇଁ ବିଜେଡି ଅରୂପ ପଟ୍ଟନାୟକଙ୍କ ନାଁ ଘୋଷଣା କରିଥିବା ବେଳେ ଢେଙ୍କାନାଳରୁ ଅବିନାଶ ସାମଲ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, କନ୍ଧମାଳରୁ ଅଚ୍ୟୁତ ସାମନ୍ତ, କଟକରୁ ସଂତୃପ୍ତ ମିଶ୍ର ଓ ଯାଜପୁରରୁ ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଅବିନାଶ ସାମଲ ଓ ସଂତୃପ୍ତ ମିଶ୍ର ହେଉଛନ୍ତି ନୂଆ ମୁହଁ। ଅବିନାଶ ହେଉଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ପୁତୁରା। ସେହିପରି ନିକଟରେ ବିର୍ଲା ଗ୍ରୁପର ଉପସଭାପତି ପଦ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ ସଂତୃପ୍ତ ମିଶ୍ର। ଅରୂପ ପଟ୍ଟନାୟକ ୨୦୧୯ରେ ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡିର ପ୍ରାର୍ଥୀ ହୋଇଥିଲେ। ତେବେ ବିଜେପିର ଅପରାଜିତା ଷଡ଼ଙ୍ଗୀଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୧୯ରେ ବିଜେଡି ପୁରୀରୁ ପିନାକୀ ମିଶ୍ର, ଢେଙ୍କାନାଳରୁ ମହେଶ୍ୱର ସାହୁ ଓ କଟକରୁ ଭର୍ତ୍ତୃହରି ମହତାବଙ୍କୁ ପ୍ରାର୍ଥୀ କରିଥିଲା ଏବଂ ସେମାନେ ସମସ୍ତେ ବିଜୟୀ ହୋଇଥିଲେ। ପିନାକୀ ଓ ମହେଶ୍ୱରଙ୍କୁ ଟିକେଟ ମିଳି ନଥିବା ବେଳେ ଭର୍ତ୍ତୃହରି ମହତାବ ନିକଟରେ ବିଜେଡିରୁ ଇସ୍ତଫା ଦେଇଥିଲେ। ପୂର୍ବରୁ ୯ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ଦଳ।

# ସାନପୁଅଙ୍କୁ ନେଇ ସୁରଙ୍କ କ୍ଷୋଭ: ଆତ୍ମାକୁ ...

ପୁଅର ଏହି କାର୍ଯ୍ୟରେ ମୁଁ ମର୍ମାହତ ଓ ଦୁଃଖିତ। ମୁଁ କଂଗ୍ରେସରେ ଥାଇ ଯଦି ମୋ' ପୁଅ ଏଭଳି ନିଷ୍ପତ୍ତି ନେଲା ଆଉ କାହାକୁ କ'ଣ କହିପାରିବି। କଂଗ୍ରେସ ମୋତେ ୩ଟି ଭଲ କମିଟିରେ ରଖିଥିଲା। ସେହି କମିଟିରୁ ଇସ୍ତଫା ଦେଇଛି। ନୈତିକ ସାମର୍ଥ୍ୟ ହରାଇଥିବାରୁ ପ୍ରଦେଶ କଂଗ୍ରେସ ପ୍ରଚାର କମିଟି, ନିର୍ବାଚନ କମିଟି ଓ ରାଜନୀତିକ ବ୍ୟାପାର କମିଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛି। ବଡ଼ପୁଅକୁ ଯଦି ନିମାପଡ଼ାରୁ କଂଗ୍ରେସ ଟିକେଟ୍ ମିଳେ ତା'ପାଇଁ ଘରକୁ ଘର ଯାଇ ପ୍ରଚାର କରିବି। କିନ୍ତୁ ସାନପୁଅ ପାଇଁ ପ୍ରଚାର କରିବି ନାହିଁ କିମ୍ବା ଭୋଟ୍ ମାଗିବି ନାହିଁ ବୋଲି ସୁର କହିଛନ୍ତି। ସେହିପରି ସୁରଙ୍କ ବଡ଼ପୁଅ ମଧ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଫାଇଭ-ଟିକୁ ସାଲ୍ୟୁଟ୍ ମାରିବା ମୋ'ଦ୍ୱାରା ହେବନି। ମନ୍ମଥଙ୍କୁ ବଳି କା ବକରା କରାଯାଇଛି। ଅପରାଜିତାଙ୍କ ବିରୁଦ୍ଧରେ ଲଢ଼େଇ କରି ଜିତିବାକୁ ନେଇ ସେ ସନ୍ଦେହ ବ୍ୟକ୍ତ କରିଛନ୍ତି।

# ପରସ୍ପରର ଡେଣାରେ ପିଟି ...

ଅପେକ୍ଷାରେ ରହିଥିଲା। ଏହି ସମୟରେ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ଇଣ୍ଡିଗୋ ବିମାନ ଧୀରେଧୀରେ ଆଗକୁ ଯାଉଥିଲା। ହଠାତ୍ ଇଣ୍ଡିଗୋ ବିମାନ ଆଗକୁ ମାଡ଼ି ଯିବା ସହ ଅନୁମତି ଅପେକ୍ଷାରେ ଛିଡ଼ା ହୋଇଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଡେଣାରେ ପିଟି ହୋଇ ଯାଇଥିଲା। ଏଥିରେ ଦୁଇଟି ଯାକ ବିମାନ କ୍ଷତିଗ୍ରସ୍ତ ହୋଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନର ଡେଣା ଧକ୍କା ହେବା ପରେ ଭାଙ୍ଗି ଯାଇ ତଳେ ପଡ଼ି ଯାଇଥିଲା। ସେହିପରି ଇଣ୍ଡିଗୋ ବିମାନର ଡେଣା ବଙ୍କା ହୋଇ ଯାଇଥିଲା। ଘଟଣା ପରେ ଉଭୟ ବିମାନର ଉଡ଼ାଣକୁ ବାତିଲ କରାଯାଇଥିଲା। ସେହିପରି ଯାତ୍ରୀମାନଙ୍କ ପାଇଁ ଖାଦ୍ୟପାନୀୟର ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଅନ୍ୟ ବିମାନରେ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ଘଟଣା ପରେ ଦୁଇଟି ଯାକ ବିମାନର ପାଇଲଟଙ୍କ ଡ୍ୟୁଟି ଛୁଟି କରି ଦିଆଯାଇଛି। ବିମାନର ମରାମତି କରାଯାଇଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# କେଜ୍ରିୱାଲଙ୍କ ସମ୍ପର୍କରେ...

ଏହାପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଗୋଟିଏ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ବିଭିନ୍ନ ରାଷ୍ଟ୍ର ଅନ୍ୟ ଦେଶ ଗୁଡ଼ିକର ସାର୍ବଭୌମତ୍ୱ ଓ ଆଭ୍ୟନ୍ତରୀଣ ବ୍ୟାପାର ପ୍ରତି ସମ୍ମାନ କରିବା ଦରକାର। ବିଶେଷ କରି ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ରାଷ୍ଟ୍ରଗୁଡ଼ିକ ଏଥିପ୍ରତି ଅଧିକ ଯତ୍ନବାନ ହେବା ଉଚିତ। ଅନ୍ୟଥା ଏହା ଗୋଟିଏ ଅସ୍ୱାଭାବିକ ଉଦାହରଣ ସୃଷ୍ଟି କରିବ। ଭାରତର ଆଇନ ପ୍ରକ୍ରିୟା ଗୋଟିଏ ସ୍ୱାଧୀନ ନ୍ୟାୟିକ ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ। ଏହା ସମୟ ଉପଯୋଗୀ ଓ ସଠିକ ଟ୍ରାଏଲ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ମତ ଦେବାର କୌଣସି ଆବଶ୍ୟକତା ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ମଙ୍ଗଳବାର ଆମେରିକା ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଥିଲେ ଯେ କେଜ୍ରିୱାଲଙ୍କ ଗିରଫ ଉପରେ ଆମେରିକା ସରକାର ନଜର ରଖିଛନ୍ତି। ଆମେ ଭାରତ ସରକାରଙ୍କୁ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଗୋଟିଏ ନିରପେକ୍ଷ, ସ୍ୱଚ୍ଛ ଓ ସମୟ ସାପେକ୍ଷ ଆଇନଗତ ପ୍ରକ୍ରିୟା ଶେଷ କରିବାକୁ ପରାମର୍ଶ ଦେଉଛୁ। ଆମର ଆଶା ସବୁ କିଛି ଆଇନ ଅନୁଯାୟୀ ହେବ ବୋଲି ମୁଖପାତ୍ର ଜଣଙ୍କ କହିଥିଲେ। ଏହାପୂର୍ବରୁ ଜର୍ମାନୀ ସରକାର ମଧ କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ମତ ରଖିଥିଲେ। ଜର୍ମାନୀ ସରକାର କହିଥିଲେ "କେଜ୍ରିୱାଲ ଅନ୍ୟ ସାଧାରଣ ଭାରତୀୟ ନାଗରିକଙ୍କ ଭଳି ନିରପେକ୍ଷ ଶୁଣାଣିର ହକଦାର। ଆମେ ମାନୁଛୁ ଓ ଆଶା କରୁଛୁ ଯେ ନ୍ୟାୟପାଳିକାର ସ୍ୱତନ୍ତ୍ରତା ଓ ଗଣତନ୍ତ୍ରର ମୂଳ ନୀତିଗୁଡ଼ିକୁ ମଧ ଏହି ମାମଲାରେ ବିଚାରକୁ ନିଆଯିବ।" ଏହାକୁ କିନ୍ତୁ ଭାରତ ସରକାର ସହଜରେ ହଜମ କରି ନଥିଲେ। ଭାରତରେ ଅବସ୍ଥାପିତ ଜର୍ମାନୀ ରାଷ୍ଟ୍ରଦୂତକୁ ବୈଦେଶିକ ମନ୍ତ୍ରଣାଳୟ ସମନ କରିବା ସହ ବୟାନକୁ ବିରୋଧ କରିଥିଲା। ଗତ ସପ୍ତାହରେ ଇଡି ଅଧିକାରୀମାନେ କେଜ୍ରିୱାଲଙ୍କ ଘରେ ସର୍ଚ୍ଚ ଅପରେସନ କରିଥିଲେ। ଏହାପରେ କେଜ୍ରିୱାଲଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଥିଲା। କୋର୍ଟ ତାଙ୍କୁ ଗୁରୁବାର ଯାଏ ଇଡି ରିମାଣ୍ଡରେ ପଠାଇ ଦେଇଛନ୍ତି।

# ସ୍ୱାମୀର ମୃତଦେହ....

ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା। ହେଲେ ଅଭୟ ଏହାରି ଭିତରେ ଦ୍ୱିତୀୟ ବିବାହ କରି ସାରିଥିଲେ। ଏବେ ତାଙ୍କର ମୃତ୍ୟୁ ପରେ ମୃତଦେହ ନେବା ପାଇଁ ଦୁଇ ସ୍ତ୍ରୀଙ୍କ ମଧ୍ୟରେ ଟଣାଓଟରା ଚାଲିଛି। ଅଭୟଙ୍କ ପ୍ରଥମ ସ୍ତ୍ରୀ ଜଣେ ପୁଲିସ କର୍ମଚାରୀ। ତାଙ୍କର ୭ବର୍ଷର ପୁଅ ରହିଛି। ମୃତ ଅଭୟଙ୍କ ମା' କହିଛନ୍ତି, ମୋ ପୁଅକୁ ତାର ପ୍ରଥମ ସ୍ତ୍ରୀ ୭ବର୍ଷ ହେଲା ଛାଡ଼ି ଚାଲିଯାଇଥିଲା। ମୋ ସ୍ୱାମୀ ମରିଯିବାପରେ ମୁଁ ଏକୁଟିଆ ଘରେ ରହୁଥିଲି। ମୁଁ ଘର କାମ ନ କରିବାରୁ ମୋ ପୁଅ ଆଉ ଗୋଟେ ବିବାହ କରିଥିଲା। ଅଭୟଙ୍କ ପ୍ରଥମ ସ୍ତ୍ରୀ କହିଛନ୍ତି, ମୁଁ ମୋ ସ୍ୱାମୀଙ୍କୁ ଛାଡ଼ି ନଥିଲି। ସେ ମୋତେ ଛାଡ଼ି ଦେଇଥିଲେ। ଆମର ଛାଡ଼ପତ୍ର ହୋଇନାହିଁ। କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏଥିପାଇଁ ମୁଁ ତାଙ୍କ ସ୍ତ୍ରୀ। ମୁଁ ତାଙ୍କ ମୃତଦେହକୁ ପୁରୀ ନେଇ ଶବ ଦାହ କରିବି।

ଗୁରୁବାର, ମାର୍ଚ୍ଚ ୨୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସ୍ତ୍ରୀକୁ ହତ୍ୟାକରି ଫାଶୀର ରୂପ ଦେଲା ସ୍ୱାମୀ: ସ୍ୱାମୀ ଗିରଫ

ନିଳଗିରି, ୨୭/୩ (ନି.ପ୍ର): ନିଜ ସ୍ତ୍ରୀର ଅତ୍ୟାଚାରୀ ଶାସନରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ସହିବାର ସୀମା ଟପିଯିବାରୁ ଶେଷରେ ସ୍ୱାମୀ ନିଜ ସ୍ତ୍ରୀକୁ ଜୀବନରୁ ମାରି ଅତି ଚତୁରତାର ସହ ଘରେ ଥିବା ଏକ ଫେନରେ ଟାଙ୍ଗି ଦେଇଥିଲା। ପରେ ସ୍ତ୍ରୀ ଆତ୍ମହତ୍ୟା କରିଥିବା ନେଇ ନିଜ ଶଶୁର ଘରକୁ ଜଣାଇଥିଲା। ଖବରପାଇ ଶଶୁର ଘର ଲୋକେ କ୍ୱାଇଁ ଘରେ ପହଞ୍ଚି ଝିଅର ଝୁଲନ୍ତା ଶବ ଦେଖି ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ କରିଥିଲେ। ସେଥିପାଇଁ ରାତିସାରା ମୃତ ଦେହଟି ଝୁଲନ୍ତା ଅବସ୍ଥାରେ ଝୁଲିରହିଥିଲା। ଶଶୁର ଘର ଲୋକଙ୍କ ଲିଖିତ ଅଭିଯୋଗରେ ତାଙ୍କ ଝିଅକୁ ତାର ସ୍ୱାମୀ ମାରିଦେଇଥିବାର ଅଭିଯୋଗ ପରେ ତା ପରଦିନ ସକାଳେ ସାଇନ୍ଟିଫିକ ଟିମ୍ ଓ ପୋଲିସ ସହାୟତାରେ ମୃତ ଦେହକୁ ଅଣାଗଲା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଯୋକଗଡିଆ ରାଜସ୍ୱ ଗ୍ରାମ ପାଟଣାପଦା ଗ୍ରାମର ଅନନ୍ତ ସାହୁ(୩୨) ସ୍ତ୍ରୀ ରଶ୍ମିତା (୨୬)ଙ୍କୁ ବିବାହ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ ସଦାସର୍ବଦା କଳହ ଓ ଅଶାନ୍ତି ଲାଗିରହୁଥିଲା ।ନିଜ ସ୍ୱାମୀଙ୍କୁ ହିଟଲର ଭଳି ଶାସନ କରୁଥିବାର ଅନନ୍ତଙ୍କ ପରିବାର ଅଭିଯୋଗ କରିଛନ୍ତି। ସ୍ତ୍ରୀର ଅତ୍ୟାଚାରକୁ ଅନନ୍ତ ସହି ନପାରି ଗତ ରବିବାର ଦିନ ନିଜ ସ୍ତ୍ରୀକୁ ହତ୍ୟା କରି ଘର ଫେନରେ ଝୁଲାଇ ଦେଇଥିଲା।୩୦୨, ୩୦୪ଦଫାରେ ପୋଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ନୀଳଗିରି ଥାନା ଗୁହାଳିଆ ଗ୍ରାମରେ ଗୋଷ୍ଠୀ ସଂଘର୍ଷ: ୫ ଗୁରୁତର, ଦୁଇ ଅଟକ

ନୀଳଗିରି , ୨୭/୩ (ନି.ପ୍ର): ଗୁହାଳିଆ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ।ବୁଲିଲା ଖଣ୍ଡା ଭୁଜାଲି, ଆକ୍ରମଣ ରେ ୫ ଗୁରୁତର। ସୂଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତ ଅଧିନ ଗୁହାଳିଆ ଗାଁରେ ମଗଂଳବାର ହୋଲି ଉତ୍ସବରେ ରଙ୍ଗଖେଳ ସମୟରେ ବୁଲିଲା ଖଣ୍ଡା ଭୁଜାଲି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏଭଳି ହୋଇଥିବା ସୂଚନା ମିଳିଛି। ତେବେ ଉଭୟ ଗୋଷ୍ଠୀ ମଧରେ ପାଟିତୁଣ୍ଡ ଉଗ୍ରରୂପ ନେଇଥିବା ବେଳେ ଆକ୍ରମଣ ପ୍ରତିଆକ୍ରମଣରେ ୫ ଜଣ ଗୁରୁତର ହୋଇଥିବା ବେଳେ ଗୁରୁତରଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧରେ ବିଶ୍ୱରଂଜନ ସ, ମନୋରଞ୍ଜନ ସ, ମଧୁସୂଦନ ନାୟକ, ବାସନ୍ତୀ ନାୟକ ଗୁରୁତର



ହୋଇ ଚିକିତ୍ସିତ ହେଉଥିବା ବେଳେ ପ୍ରତିପକ୍ଷରୁ ମାମିନୀ ପାତ୍ରଓ ଚନ୍ଦନ ପାତ୍ର ଆହତ ହୋଇଛନ୍ତି। ଘଟଣାରେ ସଂପୃକ୍ତ ବାପା କୃଷ୍ଣଚନ୍ଦ୍ର ବେହେରା ଓରଫ ଜୁଳ, ପୁଅ ପଦ୍ମଲୋଚନ ଓ ଦୀନବନ୍ଧୁ ଫେରାର ଥିବା ବେଳେ ଅନ୍ୟମାନଙ୍କ ମଧରେ ପଞ୍ଚାନନ ବେହେରା, ଖଗେନ୍ଦ୍ର ରାଉତ, ଅଜୟ ରାଉତ, ରବୀନ୍ଦ୍ର ରାଉତ, ପ୍ରକାଶ ମଲ୍ଲିକ ମଧ ଫେରାର ଥିବା ଜଣାଯାଇଛି ।ଗାଁରେ ଉତ୍ତେଜନା ପ୍ରକାଶ ପରେ ନୀଳଗିରି ଆଇଆଇସି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଅରୁଣ କୁମାର ରାଉତ ଓ ଗଣେଶ୍ୱର ପାତ୍ର ୨ଜଣଙ୍କୁ ଅଟକ ରଖିବାସହ ପୋଲିସର ଅଧିକ ତଦନ୍ତ ଜାରି ରହିଛି। ଘଟଣା ସ୍ଥଳରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କ ଝିଅ ନାଁରେ ମାମଲା ରୁଜୁ କଲା ଇଡି

ନୂଆଦିଲ୍ଲୀ, ୨୭/୩ : କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଝିଅ ବୀଣାଙ୍କ ଅଡୁଆ ବଢ଼ିଛି। ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କ ନାଁରେ ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ଗୋଟିଏ ମାମଲା ରୁଜୁ କରିଛି। କେବଳ ବୀଣା ନୁହନ୍ତି, ତାଙ୍କ ମାଲିକାନାରେ ଥିବା ଆଇଟି କମ୍ପାନୀ ନାଁରେ ମଧ ମାମଲା ହୋଇଛି। ଗୋଟିଏ ମିନେରାଲ କମ୍ପାନୀ ବେଆଇନ ଭାବେ ବୀଣାଙ୍କ ଫର୍ମାକୁ ଟଙ୍କା ଦେଇଥିବା ଅଭିଯୋଗରେ ଏପରି ମାମଲା କରାଯାଇଛି। ଗୁରୁତର ଠକେଇର ତଦନ୍ତ କରୁଥିବା ଅଫିସ ପ୍ରଥମେ ବୀଣାଙ୍କ ବିରୋଧରେ ତଦନ୍ତ କରୁଥିଲା। ଏହାପରେ ପୂରା ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା କରାଯିବା ସପକ୍ଷରେ ଅଫିସ ପକ୍ଷରୁ ସୁପାରିସ କରାଯାଇଥିଲା। ସେହି ସୁପାରିସ ଆଧାରରେ ଇଡି ଏବେ ସକ୍ରିୟ ହୋଇଛି। ଅଭିଯୋଗ



ହୋଇଛି ଯେ କୋଚି ଭିତ୍ତିକ କୋଚିନ ମିନେରାଲ୍ସ ଆଣ୍ଡ ରୁଟିଲେ ଲିଃ (ସିଏମଆରଏଲ) ବେଆଇନ ଭାବେ ୧.୭୨ କୋଟି ଟଙ୍କା ଏକ୍ସାଲଜିକ ସଲ୍ୟୁସନକୁ ଦେଇଛି। ଏକ୍ସାଲଜିକ ସଲ୍ୟୁସନର ମାଲିକାନା ବୀଣାଙ୍କ ନାଁରେ ରହିଛି। ୨୦୧୭ ଓ ୨୦୧୮ରେ ନେଣଦେଣ ହୋଇଥିବା ବେଳେ କମ୍ପାନୀ ପକ୍ଷରୁ କୌଣସି ପ୍ରକାରର ସେବା ଦିଆଯାଇ ନାହିଁ। ଏକ୍ସାଲଜିକ ସଲ୍ୟୁସନ କୌଣସି ପ୍ରକାରର ସେବା ପ୍ରଦାନ କରୁ ନଥିଲେ ହେଁ ସିଏମଆରଏଲ ମାସିକ ସଂସ୍ଥାକୁ ଟଙ୍କା ଦେଉଥିଲା। ବୀଣା ଜଣେ ମୁଖ୍ୟମନ୍ତ୍ରୀଙ୍କ ଝିଅ ହୋଇଥିବାରୁ କୌଣସି ବେଆଇନ କାମ ପାଇଁ ଏପରି ଟଙ୍କା ଦିଆଯାଉଥିଲା କି ପ୍ରଶ୍ନ ଉଠିଛି। ଘଟଣାର ତଦନ୍ତ କରୁଥିବା ବେଳେ ଏହା ବିରୋଧରେ ଏକ୍ସାଲଜିକ ହାଇକୋର୍ଟରେ ଆବେଦନ କରିଥିଲା। କିନ୍ତୁ କୋର୍ଟ ସବୁ ଆବେଦନକୁ ଅଗ୍ରାହ୍ୟ କରି ଦେଇଥିଲେ।

# ପ୍ରସିଦ୍ଧ ପତିରାଜପୁର ମେଳା: ଦିଅଁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ



ଖଇରା, ୨୭/୩ (ନି.ପ୍ର): ସୋମବାର ରାତିରୁ ଶଙ୍ଖ ହୁଳହୁଳି ଧ୍ୱନି ସାଙ୍ଗକୁ ଢୋଲ ମାଦଳର ତାଳେ ତାଳେ ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳା ଆରମ୍ଭ ହୋଇଛି । ସୋମବାର ପୂର୍ଣ୍ଣିମା ରାତିରେ ମେଳା ମଣ୍ଡପର ଚାରି ଦ୍ୱାର ଦେଇ ୭୨ରୁ ଅଧୀକ ଦୋଳ ବିମାନ ଚାରରେ ବିରାଜ ମାନ କରିଥିଲେ । ପୂର୍ବପଟ ଦ୍ୱାରରେ ଦାମୋଦରପୁର, ଅଲିପୁର, ସୁଗୁଡା, ଗଗନଧୁଳି, ସାରଡାଙ୍ଗ ଓ ପଶ୍ଚିମ ପଟ ଦ୍ୱାର ଦେଇ ଖାନପୁର,ଅମରିଆ, ପାଣିଛତ୍ର, ରଣଁତିରା, ଗେଙ୍ଗୁଟିଆ, ସଇଁ ଓ ବାଘୁଆ ଇତ୍ୟାଦି ଅଞ୍ଚଳରୁ ସୁସଜ୍ଜିତ ବିମାନ ପାରମ୍ପରିକ ବାଜା ରୋଷଣି ମଧ୍ୟରେ ମେଳା ମଣ୍ଡପକୁ ବିଜେ କରିଥିଲେ । ସେହିଭଳି ଉତ୍ତର ଦ୍ୱାର ଦେଇ କଣ୍ଡାପଡା ଶାସନ, ଫଗୁଣା,ବିଦ୍ୟାଧରପୁର ଶାସନ, ଗୋଳିହା, ତେଲଦିଆ, ସାରକୋଣା,ଖଣ୍ଡପଡା ଗ୍ରାମରୁ ଏବଂ ଦକ୍ଷିଣ ଦ୍ୱାର ଦେଇ ଡୁଙ୍ଗୁରା,ବାଣପୁର ଓ ବାରାପୁର ଇତ୍ୟାଦି ଗ୍ରାମର ରଧାକୃଷ୍ଣ ଙ୍କ ବିମାନ କାନ୍ଧୁଆଙ୍କ କାନ୍ଧରେ ଝୁଲି ଝୁଲି ପ୍ରିୟ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ବର୍ଷା ଯୋଗୁଁ ସୋମବାର ସଂଧ୍ୟାରେ କମ ଭୀଡ ଥିବା ବେଳେ ମଙ୍ଗଳବାର ସକାଳେ ପ୍ରବଳ ସମାଗମ ଅନୁଭୁତ ହୋଇଥିଲା । ଅନ୍ୟୁନ ୫୦ହଜାର ଦର୍ଶନାଭିଳାଶି ଦୋଳଗୋବିନ୍ଦଙ୍କୁ ଆରାଧନା କରିଥିଲେ । ଭୀଡ ନିୟନ୍ତ୍ରଣ କରିବା ଲାଗି ଖଇରା ଥାନା ଆଇଆଇସିଙ୍କ ନେତୃତ୍ୱରେ ଫୋର୍ସ ମୃତୟନ କରାଯାଇଥିଲା । ସେହିଭଳି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ମେଡିକାଲ ଟିମ ପ୍ରାଥମିକ ଚିକିତ୍ସା ଦାୟିତ୍ୱରେ ରହିଥିଲେ । ସତ୍ୟସାଇ ସଙ୍ଗଠନ ତଥା ଅନ୍ୟାନ୍ୟ ସ୍ୱେଛାସେବୀ ସଙ୍ଗଠନ ଗୁଡିକ ଦ୍ୱାରା ମେଳା ପରିସରକୁ ସଫାସୁତୁରା କରାଯାଇଥିଲା । ମେଳା କମିଟିର ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ,ସମ୍ପାଦକ ଗୌରାଙ୍ଗ ପାଣି,ସମ୍ପଦ ଘଡେଇ, ନାରାୟଣ ପାତ୍ର, କ୍ଷେତ୍ରମୋହନ ଖଟୁଆ, ରମଣି ରଞ୍ଜନ ନାୟକ, ପ୍ରଦିପ କୁମାର ସାମଲ,ଉଦ୍ଧବ ଘଡେଇ ଙ୍କ ସମେତ ସମସ୍ତ ସଭ୍ୟ ପ୍ରମୁଖ ମେଳାର ସମସ୍ତ ଦିଗକୁ ତଦାରଖ କରିଥିଲେ । ମେଳା ୧୫ଦିନ ଚାଲିବାକୁ ପ୍ରଶାସନର ଅନୁମତି ମିଳିଥିବା ବେଳେ ଆଗାମୀ ଦିନରେ ଜଗନ୍ନାଥଙ୍କ ୧୬ବେଶ ପ୍ରଦର୍ଶନ, ଯଜ୍ଞ ଆୟୋଜନ ଓ ଅପେରା ମଞ୍ଚସ୍ଥ କରାଯିବାର କାର୍ଯ୍ୟକ୍ରମ ଅଛି ।

# ବାହାନଡା ହୋଲି ମହୋତ୍ସବ ଉଦ୍‌ଯାପିତ

ବେତନଟୀ , ୨୭/୩ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ବାହାନଡା ଗ୍ରାମରେ ରାଧାକୃଷ୍ଣ ହୋଲି କମିଟି ଆନୁକୂଲ୍ୟରେ ହୋଲି ମହୋତ୍ସବ ୨୦୧୪ ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି। ଏହି ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା ବେଳେ ରାଧାକୃଷ୍ଣ ଙ୍କ ର ଗ୍ରାମ ପରିଭ୍ରମଣ, ମେଲଣ ହୋଲି ଖେଳ, ରକ୍ତଦାନ ଶିବିର, ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ପିଲା ମାନଙ୍କର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଉଦଯାପନି ଉତ୍ସବ ରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପଦ୍ମାମାଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଗରିଷ୍ଠ ଶିକ୍ଷକ ରାଧାମୋହନ ବେହେରା, ଘାସିରାମ ସାହୁ, କମିଟି ର ସଭାପତି ତପନ କୁମାର ନାୟକ, ସମ୍ପାଦକ ନିରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସିନ ରହି କୃତି ପ୍ରତିଯୋଗୀ ମାନଙ୍କ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ କ୍ଲବ ର ଅଲୟ କୁମାର ପ୍ରଧାନ , ରଞ୍ଜିତ ପ୍ରଧାନ, ସଞ୍ଜୟ କୁମାର ବେହେରା, ଖଗେନ୍ଦ୍ର ସାହୁ, ସୁଦିପ୍ତ ନାୟକ, ବିରେନ୍ଦ୍ର ସାହୁ, ପ୍ରିୟଜିତ ନାୟକ, କିଶୋର ବେହେରା, ମନୋଜ କୁମାର ଜେନା, ସୁରଜିତ ପ୍ରଧାନ, ପ୍ରଭାକର ପୁହାଣ, ପ୍ରସିଲ କୁମାର ବେହେରା, ନବୀନ କୁମାର ପରିଡ଼ା, ପ୍ରଯୋଜିତ ନାୟକ, ତନ୍ମୟ ପଣ୍ଡିତ,ପଙ୍କଜ ସାହୁ, କିଶୋର ବେହେରା, ସନ୍ଦୀପ ନାୟକ, ସୁଦୀପ୍ତ ନାୟକ, ବିଶ୍ୱଜିତ ନାଏକ, ପଙ୍କଜ ସାମଲ, ପ୍ରମୋଦ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁଧାଂଶୁ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମାଛ ମାରିବା ବେଳେ ୨ ଟ୍ରଲର ଜବତ: ୨୦ ଅଟକ

ପୁରୀ, ୨୭/୩ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ସମୁଦ୍ରର ନିଷିଦ୍ଧାଞ୍ଚଳରେ କିଛି ମତ୍ସ୍ୟଜୀବୀ ବେଆଇନ ଭାବେ ମାଛ ମାରୁଥିବା ବେଳେ ଚଢ଼ାଉ କରାଯାଇ ୨ଟି ଟ୍ରଲର ଜବତ କରାଯାଇଛି। ତା'ସହିତ ୨୦ଜଣଙ୍କୁ ଅଟକ ରଖାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ମିଳିତ ଭାବରେ ଚଢ଼ାଉ କରି ନୂଆଗଡ଼ ଜେଟି ନିକଟକୁ ୨ଟି ଟ୍ରଲରକୁ ଅଣାଯାଇଛି। ଏହି ୨ଟି ଟ୍ରଲରରୁ ୨୦ଜଣଙ୍କୁ ଅଟକ ରଖିଯାଇଛି। ସେମାନଙ୍କ ବିରୋଧରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଜବତ ଟ୍ରଲର ଦୁଇଟିର ନାମ ହେଉଛି ବାଲେଶ୍ୱରର ଚିନ୍ମୟୀ ଓ ପାରାଦ୍ୱୀପର ମା' ବୃନ୍ଦାବତି। ସମୁଦ୍ର ଉପକୂଳରେ ଅଲିଭ ରିଡେଲ କଇଁଛଙ୍କ ସୁରକ୍ଷିତ ଆଗମନ, ଅଣ୍ଡା ଦାନ ଓ ପ୍ରଜନନ ପାଇଁ ସମୁଦ୍ର ଉପକୂଳରୁ ଦେବୀ ନଦୀମୁହାଣର ୧୦ କିଲୋମିଟର ମଧ୍ୟରେ ଯନ୍ତ୍ର ଚାଳିତ ଡଙ୍ଗାରେ ମାଛ ଧରିବା ଉପରେ କଟକଣା ଜାରି ହୋଇଛି।

# କଇନଗରୀରେ ଦୋଳ ଉତ୍ସବ ଓ ନାମ ସଂକୀର୍ତ୍ତନ

ବସ୍ତା, ୨୭/୩ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ କଇନଗରୀ ଗ୍ରାମପଞ୍ଚାୟତ କଇନଗରୀ କନକେଶ୍ୱର ମହାଦେବ ପ୍ରାଙ୍ଗଣରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଦୋଳ ଉତ୍ସବ ଓ ଚୈତନ୍ୟ ମହାପ୍ରଭୁଙ୍କ ଚାରି ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଇନଗରୀ, ଡୁବୁଳିଆ, ଅସ୍ତି ଓ ଘାହିଅସ୍ତି ଗ୍ରାମର ଶହଶହ ଲୋକେ ହୋଲି ଖେଳରେ ମଜ୍ଜି ଯାଇ ପରସ୍ପରକୁ ଅବିରରେ ବୋଳି ହୋଇଥିଲେ। ଏଥିପାଇଁ ମହାଦେବଙ୍କ ପ୍ରାଙ୍ଗଣରେ ଚୈତନ୍ୟ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶହ ଶହ ଲୋକେ ପ୍ରସାଦ ସେବନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ରଞ୍ଜନ ସି, ପ୍ରଦୀପ ସି, ଦୀପକ ମାନ୍ନା, ଖଗେନ୍ଦ୍ର ସି, ବରେନ୍ଦ୍ର ଶାସମଲ, ଜୟକୃଷ୍ଣ ସି, ଚନ୍ଦନ ମାନ୍ନା, ଅଶୋକ ସି, ସୁଶାନ୍ତ ଖଟୁଆ, ଜ୍ୟୋତିରଞ୍ଜନ ଦାସ, ଶ୍ରୀକାନ୍ତ ଜେନା, ଗୌରାଂଗ ମହାକୁଡ଼, ଉମାଶଙ୍କର ସି ଓ ଝାଡ଼େଶ୍ୱର ସି ପ୍ରମୁଖ ପରିଚାଳନା କରିଥିଲେ । ନାଟ୍ୟକାର ଅନିରୁଦ୍ଧ ମଣ୍ଡଳ, ଓଡ଼ିଶା ଶକ୍ତି ବିଭାଗର ଅବସରପ୍ରାପ୍ତ ଯୁଗ୍ମଶାସନ ସଚୀବ କିଶୋର ଚନ୍ଦ୍ର ସି, ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ସାହାଡ଼ା ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ କର ଓ ଭାସ୍କର ଚନ୍ଦ୍ର ସାନ୍ତରା ଉପସ୍ଥିତ ହୋଇ ସମସ୍ତଙ୍କୁ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିଲେ ।

# ଜଳେଶ୍ୱରରୁ ୨୬ଲକ୍ଷ ଟଙ୍କାର ଧଳା ଜହର ଜବତ୍ : ୧ ଗିରଫ

ଜଳେଶ୍ୱର , ୨୭/୩ (ନି.ପ୍ର): ଦୀର୍ଘଦିନ ବ୍ୟବଧାନ ପରେ ଗତ ମଂଗଳବାର ସଂଧ୍ୟାରେ ଧଳାଜହର ଧରିବାରେ ଜଳେଶ୍ୱର ପୁଲିସ୍‌କୁ ଆଉଏକ ସଫଳତା ମିଳିଛି । ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର ୩୫ବର୍ଷର ଯୁବକ ଗତ ସଂଧ୍ୟାରେ ଜଳେଶ୍ୱର ରେଳ ମାଲଗୋଦାମ ଅଂଚଳରେ ଧଳ ଜହର ଚାଲାଣ କରିବାଲାଗି ଅପେକ୍ଷା କରିଥିବା ବେଳେ ଖବାର ପାଇ ଥାନା ଅଧିକାରୀ ରଂଜନ କୁମାର ସେଠୀ ସଦଳବଳେ ଚଢାଉ କରିଥିଲେ । ତା ନିକଟରୁ ୨୬୦ଗ୍ରାମର ଧଳା ଜହର ସହିତ ଏକ ଅପୋ ମୋବାଇଲ, ନଗର ୧୪୨୦ଟଙ୍କା ପୁଲିସ୍ ଜବତ୍



କରିବାରେ ସଫଳ ହୋଇଥିଲା । ଗିରଫ ଯୁବକ ଜଣକ ଧଳା ଜହର ଧରି ଟ୍ରେନ୍‌ରେ ଯିବାକୁ ଥିବା ଅନ୍ୟ ୨ଯୁବକକୁ ଏହା ଦେବାପୂର୍ବରୁ ପୁଲିସ୍ ହାତରେ ଧରାପଡିଥିଲା । ଜବତ୍ ଧଳାଜହରର ମୂଲ୍ୟ ୨୬ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଜଳେଶ୍ୱର ଥାନା କେସ୍‌ନଂ ୧୭୩ ତା ୨୬-୩-୨୪ ଅନୁଯାୟୀ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ମାଲଗୋଦାମ ଅଂଚଳରୁ ପ୍ରତିଦିନ ଧଳାଜହର ଅନ୍ୟସ୍ଥାନରୁ ଆସି ରେଳଯାତ୍ରୀଙ୍କ ଦ୍ୱାରା ଅନ୍ୟତ୍ର ପଠାଯାଉଥିବା ଏକ ଗୋଇନ୍ଦା ଖବର ଜଳେଶ୍ୱର ପୁଲିସ୍‌କୁ ମିଳିଥିଲା । ଗିରଫ ଯୁବକ ପୂର୍ବରୁ ଅନ୍ୟଏକ ମାମଲା କେସ୍ ନଂ ୨୫୨ ତା ୩-୭-୨୨ରେ ସଂପୃକ୍ତ ଥିବା ବେଳେ ତାଙ୍କ ଭାଇ ଗିରଫ ହୋଇ ଜେଲରେ ଅଛନ୍ତି । ଉକ୍ତ ଯୁବକ ସେତେବେଳେ ଫେରାର ହୋଇଯାଇଥିଲା । ଯୁବକ ଜଣକ ବହୁବର୍ଷ ଧରି ପଶ୍ଚିମବଂଗରୁ ଧଳା ଜହର ଆଣି ଜଳେଶ୍ୱର ଅଂଚଳରେ ବଡବଡ ବ୍ୟବସାୟୀଙ୍କୁ ଯୋଗାଇ ଆସୁଥିବା ସଂପର୍କରେ ଆଜି ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲିପ କୁମାର ସାହୁ ଓ ଆଇଆଇସି ରଂଜନ କୁମାର ସେଠୀ ସୂଚନା ଦେଇଛନ୍ତି । ପ୍ରକାଶଯୋଗ୍ୟ ଚଳିତ ୨୦୨୪ ମସିହାରେ ଜଳେଶ୍ୱର ଥାନା ଅଂଚଳରୁ ୩ଟି ମାମଲା ଓ ତାଳସାରୀ ଥାନାରୁ ୧ଟି ଏପରି ମାମଲା ଦେଡ କେଜିରୁ ଉର୍ଦ୍ଧ୍ୱ ଧଳାଜହର ଜବତ୍ ହୋଇଛି । ଏଥିରେ ୫ଜଣ ଗିରଫ ହୋଇଥିବା ବେଳେ ଅନ୍ୟ ୫ଜଣ ଫେରାର ହୋଇଛନ୍ତି । ଫେରାର ୫ଜଣଙ୍କ ମଧ୍ୟରୁ ଓଡିଶାର ୩, ପଶ୍ଚିମବଂଗର ୨ ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି । ପ୍ରତିଦିନ ରେଳ ଯୋଗେ ବ୍ରାଉନ୍‌ସୁଗର ଯାତାୟାତ କରୁଥିବା ବେଳେ ଦୁବୃତ୍ତମାନେ ଏହାକୁ ସୁରକ୍ଷିତ ମଣୁଛନ୍ତି । ତେଣୁ ରେଳ ବିଭାଗ ପକ୍ଷରୁ ଅଧିକ ଧରପଗଡ କରାଗଲେ ଏପରି କାର୍ଯ୍ୟ ରୋକାଯାଇ ପାରିବ ବୋଲି କୁହାଯାଉଛି ।

# ଦୋଳ ପୂର୍ଣ୍ଣିମା ଅବସରରେ ଉତ୍ସବମୁଖର ବେଲଡ଼ିହା ଗ୍ରାମ

ଉଦଳା , ୨୭/୩ (ନି.ପ୍ର): କପ୍ତିପଦା ବ୍ଲକର ବଡ଼ବିଶୋଲ ପଂଚାୟତ ଅନ୍ତର୍ଗତ ବେଲଡ଼ିହା ଗ୍ରାମଟି ପ୍ରତିବର୍ଷ ପରି ଚଳିତ ବର୍ଷ ଦୋଳପୂର୍ଣ୍ଣିମା ଉପଲକ୍ଷେ ଉତ୍ସବ ମୁଖର ହୋଇ ଉଠିଛି । ଗ୍ରାମରେ ଥିବା ଏକ ପଡ଼ିଆରେ ଗ୍ରାମବାସୀ ମାନେ ମିଳିମିଶି ରାଧାକୃଷ୍ଣଙ୍କର ମୃଣ୍ମୟି ମୂର୍ତି ସ୍ଥାପନ କରିବା ସହିତ ଭଜନ କିର୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ତେବେ ଏହି ପଡ଼ିଆରେ ଏକ ରାଧାକୃଷ୍ଣ ମନ୍ଦିର ନିର୍ମାଣ କାମ ମଧ କିଛି ବର୍ଷ ତଳୁ ଆରମ୍ଭ ହୋଇଛି । ଗ୍ରାମର ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତମ ମହାକୁଡ଼ ଉକ୍ତ ମନ୍ଦିର ନିର୍ମାଣ ପାଇଁ ନେତୃତ୍ୱ ନେଉଥିବାର ଜଣାଯାଇଛି । ଏହି ଭଳି ଏକ ଆଧାତ୍ମିକ ପରିବେଶ ବେଲଡ଼ିହା ଗ୍ରାମବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିର ଖିଛି ବୋଲି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ମହାକୁଡ଼ ଜଣାଇଛନ୍ତି । ମନ୍ଦିର ନିର୍ମାଣ କାର୍ଯ୍ୟ ସରିଲେ ଏଠାରେ ଏକ ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମବାସୀ ମାନେ ଜଣାଇଛନ୍ତି ।

# କମ୍ପାନୀ ବିରୋଧରେ ସ୍ୱର ଉଠାଇଲେ ବସ୍ତିବାସିନ୍ଦା: ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଲେ ୫୦୦ ପରିବାର

ପାରାଦୀପ, ୨୭/୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ପାରାଦୀପ ମ୍ୟୁନିସିପାଲିଟି ର ୭ ନମ୍ବର ୱାର୍ଡ ବସ୍ତି ବାସିନ୍ଦା। ସରକାର ଙ୍କ ତରଫରୁ ପୌରାଞ୍ଚଳ ବାସିନ୍ଦାଙ୍କୁ ବିଭିନ୍ନ ଯୋଜନା ଆସୁଥିବା ବେଳେ ଏଥିରୁ ବଞ୍ଚିତ ହେଉଛନ୍ତି ୭ ନମ୍ବର ୱାର୍ଡବାସିନ୍ଦା। ଯାହାକୁ ନେଇ ୱାର୍ଡର ଶତାଧିକ ମହିଳା ଓ ପୁରୁଷ ଆଜି ପାରାଦ୍ୱୀପ ପୌରକାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ର ସ୍ୱର ଉଠାଇବା ସହିତ ଆଗାମୀ ନିର୍ବାଚନରେ ସାମୁହିକ ଭାବରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୧୯୮୬ ମସିହା ରେ ପିପିଏଲ କମ୍ପାନୀ କାର୍ଯ୍ୟ ଆରମ୍ଭ ହେବା




ସମୟରୁ ପିପିଏଲ ରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ସେମାନଙ୍କ ପରିବାର ସହିତ ପିପିଏଲ ପରିସର ମଧ୍ୟରେ ବସବାସ କରି ଆସୁଛନ୍ତି। ପାରାଦ୍ୱୀପ ମ୍ୟୁନିସିପାଲିଟି ର ୭ ନମ୍ବର ୱାର୍ଡ ପିପିଏଲ ରେ ପାଖାପାଖି ପାଞ୍ଚଶହ ପରିବାର ଦୀର୍ଘଦିନ ହେବ ମ୍ୟୁନିସିପାଲିଟି ତରଫରୁ ଯାହା ଯୋଜନା ଗୁଡିକ ଆସୁଥିଲା ତାହା କାର୍ଯ୍ୟକାରୀ ହେଉଥିବା ବେଳେ କିଛିବର୍ଷ ହେବ କମ୍ପାନୀ ର କିଛି ଅଧିକାରୀ ଙ୍କ ମନମାନି କାରଣରୁ ସରକାରୀ ସୁବିଧା ରୁ ବଞ୍ଚିତ ହେଉଛନ୍ତି ଏହି ବସ୍ତି ବାସିନ୍ଦା। ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଏହି ବସ୍ତି ବାସିନ୍ଦା ମାନେ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିବା ସହିତ ସେମାନଙ୍କ ଦାବି ଗୁଡିକ ଯଦି ମାନିବାରେ କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଆଗାମୀ ନିର୍ବାଚନ ରେ ସାମୁହିକ ଭାବରେ ୭ ନମ୍ବର ୱାର୍ଡ ବାସିନ୍ଦା ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।ଏ ସମ୍ପର୍କରେ ପିପିଏଲ କର୍ତ୍ତୃପକ୍ଷ ଙ୍କ ସହ ଯୋଗାଯୋଗ କରିବାରୁ ଏହା ଭିତି ହୀନ ଅଭିଯୋଗ, ଏହାର କୌଣସି ସତ୍ୟତା ନାହିଁ, ଏଭଳି ଅଭିଯୋଗ ପାଇଁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜନିତ ସତ୍ୟତା ନିମନ୍ତେ ଡାକ୍ତରୀ ପରୀକ୍ଷା

ବାଲେଶ୍ୱର, ୨୭/୩ (ନି.ପ୍ର): ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟଗତ ଆଧାରରେ ପୋଲିଂ ଅଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗର ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ତତ୍ପରତା ଦେଖାଇଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଦ୍ୱାରା ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବ ଓ ନିର୍ବାଚନ ପ୍ରକ୍ରିୟାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର କ୍ଷମତାକୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗକୁ ଦର୍ଶାଇଥିବା ପୋଲିଂ ଅଧିକାରୀଙ୍କ ଚିକିତ୍ସା ସ୍ଥିତିକୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କରିବା ଏହି ଡାକ୍ତରୀ ପରୀକ୍ଷାର ଉଦ୍ଦେଶ୍ୟ ।ଏହି ସୂଚୀ ଅନୁଯାୟୀ ନୀଳଗିରି, ଖଇରା ଓ ଔପଦା ବ୍ଲକର ୫୦ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୮ ତାରିଖ, ରେମୁଣା ବ୍ଲକର ୫୩ ଜଣ ଅଧିକାରୀଙ୍କ ମାର୍ଚ୍ଚ ୩୦ ତାରିଖ, ବାଲେଶ୍ୱର ସଦର ବ୍ଲକର ୯୯ ଜଣ ଅଧିକାରୀଙ୍କ ଏପ୍ରିଲ୍ ୩ ତାରିଖ, ସୋର ଓ ଭୋଗରାଇ ବ୍ଲକର ୫୩ ଜଣ ଅଧିକାରୀଙ୍କ ଏପ୍ରିଲ୍ ୪ ତାରିଖ, ବାହାନଗା ଓ ଜଳେଶ୍ୱର ବ୍ଲକର ୬୧ ଅଧିକାରୀଙ୍କ ଏପ୍ରିଲ୍ ୫ ତାରିଖ, ସିମୁଳିଆ, ବାଲିଆପାଳ ଓ ବସ୍ତା ବ୍ଲକର ୫୦ ଜଣ ଅଧିକାରୀଙ୍କ ଏପ୍ରିଲ୍ ୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ଘ ୧୧.୩୦ ସମୟରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଯିବ । ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶାରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ଓ ସମସ୍ତ ସମ୍ପୃକ୍ତ ପୋଲିଂ ଅଧିକାରୀମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo